## ଆନ୍ଦୋଳନ କରିବା ଅଧିକାରକୁ ଚାପିଦେବାକୁ ଉଦ୍ୟମ କରାଯାଉଛି



କେନ୍ଦ୍ର ସରକାର ଆଇନ ପରିବର୍ତ୍ତନ କରିବା ଦ୍ୱାରା ସାଧାରଣ ଲୋକ ହଇରାଣ ହେଉଛନ୍ତି। ୪୪ ଶ୍ରମିକ କୋଡ୍‌କୁ ପରିବର୍ତ୍ତନକରି ୪ଟି ଆଇନ କରାଯାଇଛି। ଟ୍ରେଡ୍ ୟୁନିୟନ ଓ ଆନ୍ଦୋଳନ କରିବା ଅଧିକାରକୁ ଚାପିଦେବାକୁ ଉଦ୍ୟମ କରାଯାଉଛି। ଆଉଟ୍ ସୋର୍ସିଂ ଓ ଘରୋଇକରଣ ମାଧ୍ୟମରେ ନିଯୁକ୍ତି ଗ୍ୟାରେଣ୍ଟି ରହିବ ନାହିଁ। ସରକାର ନିଜ ଅଧୀନରେ ରଖି ନିଯୁକ୍ତି ଦିଅନ୍ତୁ। ବେକାରି ସମସ୍ୟା ବଢୁଛି, ବେକାରି ଭତ୍ତା ଓ ନିଯୁକ୍ତି ମଧ ନାହିଁ। ଜଙ୍ଗଲ ଅଧିକାର ଆଇନକୁ ଉଲ୍ଲଂଘନକରି ମାଇନିଂ ନାମରେ ଗଛ କଟା ଚାଲିଛି। ହଜାର ହଜାର ଏକର ଜମି କମ୍ପାନୀଗୁଡ଼ିକୁ ବିକ୍ରିକରି ଦିଆଯାଇଛି। ସାହୁକାର ଓ କମ୍ପାନୀଗୁଡ଼ିକୁ ବହୁ କୋଟି ଟଙ୍କାର ଋଣ ଛାଡ଼ କରାଯାଉଛି।

**- ରାଜେଶ ଜାନି, ନବରଙ୍ଗପୁର ଜିଲା ସମ୍ପାଦକ, ସିଆଇଟିୟୁ**

## ସରକାରଙ୍କ ଶ୍ରମିକମାରଣ ନୀତିକୁ ବିରୋଧ



ଭାଜପା ସରକାର ୧୧ ବର୍ଷର ଶାସନ କାଳରେ ଶ୍ରମିକମାନେ ନାନା ଦୁର୍ଦ୍ଦଶା ଭୋଗୁଛନ୍ତି। ଦେଶରେ କର୍ପୋରେଟଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଇ କେନ୍ଦ୍ର ସରକାର ଏକ ପ୍ରକାର ଶ୍ରମିକମାରଣ ନୀତି ଅବଲମ୍ବନ କରୁଛନ୍ତି। ଶ୍ରମିକମାନଙ୍କୁ ସାପ୍ତାହିକ ୭୦ରୁ ୯୦ ଘଣ୍ଟା କାମ କରିବାକୁ ପଡୁଛି, ହେଲେ ଉପଯୁକ୍ତ ପାରିଶ୍ରମିକ ମିଳୁନାହିଁ। ତେଣୁ ଏହି ଭାରତ ବନ୍ଦକୁ ଆମେ ସମର୍ଥନ କରୁଛୁ ଏବଂ ମିଳିତ ଶ୍ରମିକ ମଞ୍ଚ ପକ୍ଷରୁ ଶ୍ରମିକଙ୍କ ପାଇଁ ରହିଥିବା ଦାବିଗୁଡ଼ିକ ପୂରଣ ପାଇଁ ଦାବି କରୁଛୁ।

**- ଭବାନୀ ଶଙ୍କର ଜେନା, ଆଇଏନ୍‌ଟିୟୁସି ଜିଲା ସଭାପତି, ରାୟଗଡ଼ା**

## କେନ୍ଦ୍ର ସରକାରଙ୍କ ଶ୍ରମ ଆଇନ ସଂଶୋଧନକୁ ବିରୋଧ କରାଯିବ



୧୭ ଦଫା ଦାବି ନେଇ ବିଭିନ୍ନ ଶ୍ରମିକ ସଙ୍ଗଠନ ପକ୍ଷରୁ ବୁଧବାର ଦେଶବ୍ୟାପୀ ଧର୍ମଘଟ ଡାକରା ଦିଆଯାଇଛି। ଏଥିରେ ୨୫ କୋଟି ଶ୍ରମିକ, କର୍ମଚାରୀ ସାମିଲ ହେବେ। ଏହି ଧର୍ମଘଟରେ ବ୍ୟାଙ୍କ ଓ ବୀମା କର୍ମଚାରୀ ସାମିଲ ହେବେ। ବୀମା କ୍ଷେତ୍ରର ଶତ ପ୍ରତିଶତ ପ୍ରତ୍ୟକ୍ଷ ପୁଞ୍ଜି ନିବେଶକୁ ବିରୋଧ କରାଯାଉଛି। କେନ୍ଦ୍ର ସରକାରଙ୍କ ଶ୍ରମ ଆଇନ ସଂଶୋଧନକୁ ସମ୍ପୂର୍ଣ୍ଣ ବିରୋଧ କରାଯିବ। ଏଥିସହ ବୀମା ପ୍ରିମିୟମ ଉପରେ ୧୮ ପ୍ରତିଶତ ଜିଏସ୍‌ଟି ଲାଗୁ ପ୍ରତିବାଦରେ ଅଖିଳ ଭାରତୀୟ ବୀମା କର୍ମଚାରୀ ସଂଘ ଆନ୍ଦୋଳନ କରିବ। ଏଥିପାଇଁ ଝାରସୁଗୁଡ଼ା ଜିଲାର ସମସ୍ତ ବ୍ୟାଙ୍କ, ଦୋକାନ ବଜାର, କମ୍ପାନୀକୁ ବନ୍ଦ କରାଯିବ।

**- ରତ୍ନାକର ପ୍ରଧାନ, ଯୁଗ୍ମ ସମ୍ପାଦକ, ଅଖିଳ ଭାରତୀୟ ବୀମା କର୍ମଚାରୀ ସଂଘ, ଝାରସୁଗୁଡ଼ା ଜିଲା**

## ୪୪ ଶ୍ରମ କୋଡ୍ ଆକ୍ଟ ଭାଙ୍ଗିବାକୁ ବିରୋଧ



୧୦ଟି କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ଏବଂ ସ୍ୱାଧୀନ ଫେଡେରେଶନ ବ୍ୟାଙ୍କ ଓ ଏଲ୍‌ଆଇସି ଆଦିକୁ ନେଇ ଗଠିତ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ମିଳିତ ମଞ୍ଚ ପକ୍ଷରୁ ୧୦ ଦଫା ଦାବି ନେଇ ବୁଧବାର ଭାରତ ବନ୍ଦ ଡାକରା ଦିଆଯାଇଛି। ଏହାକୁ ବ୍ୟାଙ୍କ ଓ ଏଲ୍‌ଆଇସି ଆଦି ସ୍ୱାଧୀନ ଫେଡେରେଶନ ସମର୍ଥନ କରୁଛନ୍ତି। ଏଥିରେ ମୁଖ୍ୟତଃ ମୋଦି ସରକାର ୪୪ଟି ଶ୍ରମ କୋଡ୍ ଆକ୍ଟକୁ ଭାଙ୍ଗି ୪ଟି କୋଡ୍ କରାଯିବାକୁ ବିରୋଧ କରାଯାଉଛି। ୭ ଜଣରେ ଟ୍ରେଡ୍ ୟୁନିୟନ ହେଉଥିଲା, ଏବେ ୩୦୦ରୁ ଅଧିକ ଶ୍ରମିକ ହେଲେ ହେବ ବୋଲି ନିଷ୍ପତ୍ତି ହୋଇଛି। ସେହିପରି ମାଲିକ ମଜୁରି ନ ଦେଲେ ଶ୍ରମିକ ଦାଏର କରୁଥିବା ମାମଲାକୁ ଏବେ ଉଚ୍ଛେଦ କରାଯାଇଛି। କଣ୍ଟ୍ରାକ୍ଟ ଲେବର ଆକ୍ଟ ଅନୁଯାୟୀ ଜଣେ କାମ କଲାବେଳେ କୌଣସି ଦୁର୍ଘଟଣାରେ ମୃତ୍ୟୁ ହେଲେ ପରିବାରକୁ କ୍ଷତିପୂରଣ ମିଳୁଥିଲା, ଯାହା ଆଉ ଲାଗୁ ହେବନାହିଁ। ଏହା ମାଲିକଙ୍କ ଇଚ୍ଛାଧୀନ ହୋଇଯାଇଛି।

**- ଲୋଭାକାନ୍ତ ସ୍ୱାଇଁ, ସିଆଇଟିୟୁ ରାଜ୍ୟ ଉପସଭାପତି**

## କେନ୍ଦ୍ର ସରକାର ଶ୍ରମିକ ବିରୋଧୀ



କେନ୍ଦ୍ର ସରକାର ୪୪ଟି ଶ୍ରମ ଆଇନ ଉଚ୍ଛେଦକରି ୪ଟି ଶ୍ରମିକ କୋଡ୍ କରି ଶ୍ରମିକମାନଙ୍କ ସ୍ୱାର୍ଥ ବିରୋଧୀ ବୋଲି ପ୍ରମାଣ ଦେଇଛନ୍ତି, ଯାହା ତୁରନ୍ତ ବାତିଲ ହେବା ଉଚିତ। ମାଲିକ ଓ କମ୍ପାନୀଙ୍କ ସ୍ୱାର୍ଥ ପାଇଁ ସରକାର ଗରିବଙ୍କ ତଣ୍ଟି ଚିପିବାକୁ ଅପଚେଷ୍ଟା କରିଛନ୍ତି। କେବଳ ଏତିକି ନୁହେଁ, ପବ୍ଲିକ ସେକ୍ଟର, କମ୍ପାନୀ ଓ କେନ୍ଦ୍ର ସରକାରଙ୍କ ଅଧୀନରେ ଥିବା ଅନେକ ସଂସ୍ଥାକୁ କେନ୍ଦ୍ର ସରକାର ପୁଞ୍ଜିପତିମାନଙ୍କ ହାତରେ ଟେକି ଦେଇଛନ୍ତି। ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି ନିବେଶ ଉପରେ ଥିବା ଅଙ୍କୁଶ ଉଠାଇ ଦେଇଛନ୍ତି। ଏହିସବୁ ସମସ୍ୟାର ସମାଧାନ ସହ ସ୍କିମ୍ ୱାର୍କରମାନଙ୍କୁ ନିୟମିତ କର୍ମଚାରୀର ମାନ୍ୟତା, କୃଷିଜାତ ଦ୍ରବ୍ୟ ବିକ୍ରି ପାଇଁ ସରକାରୀ ମଣ୍ଡି ଓ ଧାନର ଏମ୍‌ଏସ୍‌ପି ଦେଢ଼ଗୁଣ କରିବା ଦାବିରେ ମଞ୍ଚ ଆନ୍ଦୋଳନ ଡାକରା ଦେଇଛି।

**- ପ୍ରଦୀପ୍ତ ରାମ, ଏଆଇୟୁଟିୟୁସି ଜଗତ୍‌ସିଂହପୁର ଜିଲା ସମ୍ପାଦକ**

## ମୋଦି ସରକାରଙ୍କ ନୀତିକୁ ବିରୋଧ କରାଯିବ



କର୍ପୋରେଟ ଶକ୍ତିମାନଙ୍କର ପ୍ରତିନିଧି ଥିବା ମୋଦି ସରକାର ୨୯ ପ୍ରକାରର ଶ୍ରମ ଆଇନକୁ ବଦଳାଇ ୪ଟି ଶ୍ରମ ସଂହିତା ରୂପେ ପରିବର୍ତ୍ତନ କରିଛନ୍ତି। ତାହାକୁ ତୁରନ୍ତ ପ୍ରତ୍ୟାହାର, ଚାଷୀଙ୍କ ଉତ୍ପାଦନର ସର୍ବନିମ୍ନ ଦର ଆଇନ ପ୍ରଣୟନ, ଶ୍ରମିକଙ୍କ ପାଇଁ ରହିଥିବା ୮ ଘଣ୍ଟା କାର୍ଯ୍ୟ ଦିବସ ଆଇନ ବଳବତ୍ତର ରଖିବା, ଜାତୀୟ ସମ୍ପତ୍ତି ବିକ୍ରି ବନ୍ଦ କରିବା ଦାବିରେ ଆନ୍ଦୋଳନ କରାଯିବ। ମୋଦି ସରକାରଙ୍କ ଜନବିରୋଧୀ ନୀତି ଯୋଗୁ ଦେଶରେ ଆବଶ୍ୟକ ଜିନିଷପତ୍ର ଦାମ ନିରନ୍ତର ବଢ଼ି ଲୋକଙ୍କ ଆର୍ଥିକ ସ୍ଥିତିକୁ ଖରାପ କରୁଛି। ଦେଶରେ ଯୁବକ ଯୁବତୀମାନଙ୍କୁ ରୋଜଗାର ଦେବାରେ ମୋଦି ସରକାର ବିଫଳ ହୋଇଛନ୍ତି।

**- ଯୁଧିଷ୍ଠିର ବେହେରା, ଏସଆଇଟିୟୁ ରାଜ୍ୟ ଉପସଭାପତି, ବ୍ରହ୍ମପୁର**

" କୁତ୍ସିତ ଓ କଦର୍ଯ୍ୟ ମଧ୍ୟରେ- ଅମଙ୍ଗଳ ମଧ୍ୟରେ ରହିଛନ୍ତି ଯେଉଁ ସୌନ୍ଦର୍ଯ୍ୟମୟ ଭଗବାନ- ତାଙ୍କୁ ଭଲପାଇବା ଓ ଅନୁଭବ କରିବା ସଙ୍ଗେ ସଙ୍ଗେ କୁତ୍ସିତ, କଦର୍ଯ୍ୟ ଓ ଅମଙ୍ଗଳକୁ ନିରାମୟ କରିବା ପାଇଁ ପୂର୍ଣ୍ଣପ୍ରେମରେ ବ୍ୟାକୁଳ ହେବା- ଏହା ହିଁ ଯଥାର୍ଥ ଧର୍ମ ଓ ନୀତି। -ଶ୍ରୀଅରବିନ୍ଦ

-ଶିବ ଶୟନ ଚତୁର୍ଦ୍ଦଶୀ ଓ ବେଢ଼ା



# ୮୦ ପ୍ରତିଶତ ଅଣସଙ୍ଗଠିତ

ଖୋର୍ଦ୍ଧା ବାଲିପାଟଣା ବ୍ଲକ୍ ବେଙ୍ଗବତୀ ଗାଁ ନିକଟରେ ଶ୍ରମିକମାନେ ଡ୍ରେନ୍ ଖୋଳୁଥିବା ବେଳେ ବେଙ୍ଗବତୀ ପ୍ରାଥମିକ ବିଦ୍ୟାଳୟର ପାଚେରି ଭୁଶୁଡ଼ି ୨ ଜଣଙ୍କ ମୃତ୍ୟୁ ହେବା ସହ ଜଣେ ଗୁରୁତର ଆହତ ହୋଇଛନ୍ତି। ସମସ୍ତ ମୃତାହତ ଶ୍ରମିକ କେନ୍ଦୁଝର ଜିଲାର। ରାସ୍ତା ସମ୍ପ୍ରସାରଣ ହେଉଥିବାରୁ ଠିକାଦାର ଶ୍ରମିକମାନଙ୍କୁ ଡ୍ରେନ୍ ଖୋଳା କାମରେ ଲଗାଇଥିଲେ। ଏଭଳି ଦୁର୍ଘଟଣା ନୂଆ ନୁହେଁ, ସମୟାନ୍ତରେ ଅନ୍ୟ କ୍ଷେତ୍ରରେ ଯଥା ପଥର ଖାଦାନ, କ୍ରଶର, ଖଣି ଖନନ, ନିର୍ମାଣ, ଇଟାଭାଟି, କଳକାରଖାନା ଭଳି ଅଣସଙ୍ଗଠିତ କ୍ଷେତ୍ରରେ ଦୁର୍ଘଟଣା ଘଟି ଶ୍ରମିକମାନେ ମୃତାହତ ହେଉଥିବା ଖବର ପ୍ରକାଶ ପାଇବାରେ ଲାଗିଛି। ଚିନ୍ତାର ବିଷୟ ହେଉଛି, ଏହିସବୁ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକଙ୍କ ସାମାଜିକ, ଅର୍ଥନୈତିକ ଓ ସୁରକ୍ଷା ସମ୍ପର୍କିତ ସ୍ଥିତି ସାମ୍ନାକୁ ଆସିପାରୁନାହିଁ। କେଉଁ ଶ୍ରମିକ କେଉଁଠି କାମ କରୁଛନ୍ତି, କେତେ ଦାଦନ କେଉଁସବୁ ରାଜ୍ୟକୁ ଯାଉଛନ୍ତି କିମ୍ବା ଯାଇଛନ୍ତି ସେ ସମ୍ପର୍କରେ ତଥ୍ୟ କାହାରି ପାଖରେ ନାହିଁ। ଅବଶ୍ୟ ଏ ସମ୍ବନ୍ଧୀୟ କିଛି ତଥ୍ୟ କୋଭିଡ୍ ସମୟରେ ପଦାକୁ ଆସିଥିଲା। କିନ୍ତୁ ସେହି ତଥ୍ୟକୁ ସଂଗଠିତ ଭାବରେ ରଖାଗଲା ନାହିଁ କିମ୍ବା ପରବର୍ତ୍ତୀ ସମୟରେ ତାକୁ ଟାବୁଲେଟ କରାଗଲା ନାହିଁ, ଯାହା ଫଳରେ ଆଜି ମଧ୍ୟ କର୍ତ୍ତୃପକ୍ଷଙ୍କ ପାଖରେ ଏହିଭଳି ତଥ୍ୟ ମିଳିପାରୁନାହିଁ। ଓଡ଼ିଶାରୁ ଆନ୍ଧ୍ର, ତେଲଙ୍ଗାନା ଆଦି ରାଜ୍ୟକୁ ଯାଉଥିବା ଦାଦନ ଶ୍ରମିକଙ୍କର ସେଠାରେ ଇଟାଭାଟି କିମ୍ବା କୌଣସି କାରଖାନାରେ ମୃତ୍ୟୁ ଘଟିଲେ ଅବା ଆହତ ହେଲେ ସେମାନଙ୍କ ମୃତଦେହ ଅଣାଯାଏ ଓ ସ୍ଥଳବିଶେଷରେ ଆହତଙ୍କ ଚିକିତ୍ସା ଖର୍ଚ୍ଚ ସରକାର ବହନ କରନ୍ତି। ସେହି ସମୟରେ ଜଣାପଡ଼େ ସେମାନେ କେଉଁ ଜିଲାର ଆଉ କେଉଁ ଗାଁର। ସରକାର ମଧ୍ୟ କିଛି କ୍ଷତିପୂରଣ ଦେଇଦିଅନ୍ତି, ହେଲେ ତା'ପର ସ୍ଥିତିରେ ସେମାନଙ୍କ ପରିବାର କେମିତି ବଞ୍ଚନ୍ତି, ସେଥିପ୍ରତି କାହାର ଦୃଷ୍ଟି ନ ଥାଏ।

ଦେଖାଯାଏ ଶ୍ରମିକଙ୍କ ମୃତ୍ୟୁ ହେଲେ କିଛି ଦିନ ଧରି ଶ୍ରମ ଆଇନ କିମ୍ବା କାର୍ଯ୍ୟକ୍ଷେତ୍ରର ବୈଧତାକୁ ନେଇ ବିତର୍କ ଚାଲେ। ଦରକାର ପଡ଼ିଲେ ଧର୍ମଘଟ କିମ୍ବା ବନ୍ଦ ଡାକରା ଦିଆଯାଏ। କିନ୍ତୁ ଶ୍ରମିକଙ୍କ ସୁରକ୍ଷା ଦିଗରେ କିଛି ପରିବର୍ତ୍ତନ ହେବା ଦେଖାଯାଉ ନାହିଁ। ଅଳ୍ପକିଛି କ୍ଷତିପୂରଣରେ ସେମାନଙ୍କ ପରିବାରଗୁଡ଼ିକୁ ସନ୍ତୁଷ୍ଟ ହେବାକୁ ପଡ଼େ। ପରବର୍ତ୍ତୀ ସମୟରେ ପରିବାର କିଭଳି ରହେ ତାହାର ଖବର ସମ୍ପୃକ୍ତ ମାଲିକ, କମ୍ପାନୀ କିମ୍ବା ସ୍ଥାନୀୟ ପ୍ରଶାସନ କେହି ରଖନ୍ତି ନାହିଁ। ଖୁବ୍ କମ୍ କ୍ଷେତ୍ରରେ ଅତି ବେଶିରେ ବଡ଼ କମ୍ପାନୀ ପରିବାରରୁ ଜଣକୁ ଥଇଥାନ କରୁଥିବା ଦେଖାଯାଏ। ହେଲେ ଶ୍ରମିକମାନଙ୍କର ସୁରକ୍ଷା ମାନକକୁ ସମ୍ପୂର୍ଣ୍ଣ ଭାବେ ଅଣଦେଖା କରି ବିଭିନ୍ନ ନିର୍ମାଣ କାର୍ଯ୍ୟ କରୁଥିବା ଛୋଟମୋଟ ସଂସ୍ଥା ଓ ଠିକାଦାରମାନେ ସେମାନଙ୍କ ମୃତ୍ୟୁ ପରବର୍ତ୍ତୀ ସ୍ଥାୟିତ୍ୱକୁ ଗୁରୁତ୍ୱ ଦିଅନ୍ତି ନାହିଁ। ଚିନ୍ତାର ବିଷୟ ହେଉଛି ଶ୍ରମିକଙ୍କ ଦୁର୍ଘଟଣା ପରେ ସମ୍ପୃକ୍ତ ସଂସ୍ଥା, ଠିକାଦର, ଇଞ୍ଜିନିୟରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା କ୍ୱଚିତ ଦେଖାଯାଏ। ଏକ ଅଣଲାଭଦାୟକ ସର୍ଭେ ସଂସ୍ଥା ଇଣ୍ଡିଆସ୍ପେଣ୍ଡ୍‌ର ୨୦୨୨ର ତଥ୍ୟ ଏଠାରେ ପ୍ରଣିଧାନଯୋଗ୍ୟ। ଏଥିରେ ଦର୍ଶାଯାଇଥିଲା ଯେ, ୨୦୧୮ରୁ ୨୦୨୦ ମଧ୍ୟରେ ଦେଶରେ କେବଳ କଳକାରଖାନାରେ ୩ ହଜାରରୁ ଊର୍ଦ୍ଧ୍ୱ ଶ୍ରମିକଙ୍କ ମୃତ୍ୟୁ ହୋଇଥିବାବେଳେ ଏଥିରେ ସମ୍ପୃକ୍ତ ମାତ୍ର ୧୪ ଜଣଙ୍କ ବିରୋଧରେ ଫ୍ୟାକ୍ଟ୍ରି ଆକ୍ଟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା।

ଫେବୃଆରୀ ୨୦୨୫ରେ ତୃଣମୂଳ କଂଗ୍ରେସ ସାଂସଦ ଅଭିଷେକ ବାନାର୍ଜୀଙ୍କ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ଶ୍ରମ ରାଷ୍ଟ୍ରମନ୍ତ୍ରୀ ଶୋଭା କରନ୍ଦଲାଜେ ଦର୍ଶାଇଥିଲେ, ୨୦୧୮ରୁ ୨୦୨୨ ପାଞ୍ଚ ବର୍ଷ ମଧ୍ୟରେ ଶିଳ୍ପ ଓ ନିର୍ମାଣ କ୍ଷେତ୍ରରେ କାର୍ଯ୍ୟରତ ୧୪,୨୬୪ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଗୋଟିଏ ପଟେ ଶ୍ରମିକଙ୍କ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଉ ନ ଥିବାବେଳେ ସେମାନଙ୍କ କାର୍ଯ୍ୟକୁଶଳତା କିମ୍ବା କାର୍ଯ୍ୟକ୍ଷେତ୍ରରେ ଶାରୀରିକ ନିରାପତ୍ତା ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଉନାହିଁ। ବିନା ପ୍ରଶିକ୍ଷଣରେ ଶ୍ରମିକମାନେ କାମ କରୁଥିବାରୁ ଦୁର୍ଘଟଣା ବଢ଼ିବା ସ୍ୱାଭାବିକ। ରାଜ୍ୟ ଓ ଜାତୀୟ ସ୍ତରରେ ଶ୍ରମିକମାନଙ୍କ ସୁରକ୍ଷା ପାଇଁ କାରଖାନା ଆଇନ-୧୯୪୮, ଶିଳ୍ପ ସମ୍ବନ୍ଧୀୟ ଆଇନ-୧୯୪୭ ଆଦି ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରୁ ନ ଥିବା ଅଭିଯୋଗ ହେଉଛି। ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ଶ୍ରମ ବିଭାଗ ଏବଂ ଫ୍ୟାକ୍ଟ୍ରି ଇନ୍‌ସପେକ୍ଟରମାନେ ବଡ଼ ଶିଳ୍ପଠାରୁ ଦୂରେଇ ରୁହନ୍ତି। ଯାହାଦ୍ୱାରା ଅଧିକ ବିପଦ ଥିବା କାରଖାନାଗୁଡ଼ିକରେ ନିରାପତ୍ତାର ବ୍ୟବସ୍ଥାକୁ ଅଣଦେଖା କରାଯାଉଛି। ଅନ୍ୟପଟେ ଏହିସବୁ ସଂସ୍ଥାଗୁଡ଼ିକ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପସଂସ୍ଥା ଉପରେ ଅଧିକ ଚଢ଼ାଉ କରି ନିଜର ସୁବିଧା ଦେଖୁଛନ୍ତି। ଏହା ଫଳରେ ଶ୍ରମିକଙ୍କ ଜୀବନ ଯେଉଁଠାରେ ବିପଦାପନ୍ନ ସେଭଳି ଶିଳ୍ପଗୁଡ଼ିକରେ କୌଣସି ତଦାରଖ କରାଯାଉ ନାହିଁ। 'ଇଜ୍ ଅଫ୍ ଡୁଇଂ ବିଜ୍‌ନେସ୍' ନାମରେ ୪ଟି ଲେବର କୋଡ୍ ଲାଗୁ କରିବାକୁ ହେଉଥିବା ଉଦ୍ୟମକୁ ଏବେ ଶ୍ରମିକ ସଙ୍ଗଠନ ପକ୍ଷରୁ ବିରୋଧ କରାଯାଉଛି। ଏପରି କି ୧୦ଟି ଶ୍ରମିକ ସଙ୍ଗଠନ ଓ ସହଯୋଗୀ ସଙ୍ଗଠନ ପକ୍ଷରୁ ୯ ଜୁଲାଇରେ ଭାରତ ବନ୍ଦ ଡାକରା ଦିଆଯାଇଛି। ନୂଆ ଆଇନ ନିଯୁକ୍ତିଦାତା, କର୍ପୋରେଟ ସପକ୍ଷବାଦୀ ହୋଇଥିବା ବେଳେ ଶ୍ରମିକ ବିରୋଧୀ ବୋଲି ସମ୍ପୃକ୍ତ ସଙ୍ଗଠନଗୁଡ଼ିକ ଅଭିଯୋଗ କରୁଛନ୍ତି। ୨୦୧୬ ନଭେମ୍ବରରେ କରାଯାଇଥିବା ବିମୁଦ୍ରୀକରଣରେ ଏହି ଶ୍ରମିକମାନେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଥିଲେ। ପୁନର୍ବାର କୋଭିଡ୍ ସମୟରେ ହଠାତ୍ ସବୁ ଯାନବାହନ ବନ୍ଦ କରିଦିଆଯିବା ଫଳରେ ଏହି ଶ୍ରେଣୀର ଶ୍ରମିକମାନେ ଅଧିକ ଶିକାର ହୋଇଥିଲେ। ଏହା ସ୍ପଷ୍ଟ ଯେ, ଭାରତର ଶ୍ରମ ଶକ୍ତିର ୮୦ ପ୍ରତିଶତରୁ ଊର୍ଦ୍ଧ୍ୱ ଅଣସଙ୍ଗଠିତ କ୍ଷେତ୍ର ସହ ଜଡ଼ିତ। ଅର୍ଥ ବ୍ୟବସ୍ଥାରେ ଅଣସଂଗଠିତ ଶ୍ରମିକଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କିନ୍ତୁ କାର୍ଯ୍ୟକ୍ଷେତ୍ରରେ ସେମାନଙ୍କ ସୁରକ୍ଷାକୁ ଅଣଦେଖା କରାଯିବା ପରିତାପର ବିଷୟ।

# ଇରାନର ସ୍ଥିତି



ଜନାର୍ଦ୍ଦନ ପତି

ପଶ୍ଚିମ ଏସିଆର ଦେଶ ଇରାନର ଜନସଂଖ୍ୟା ପ୍ରାୟ ୯.୫କୋଟି। ଇରାନ ବା ପାରସ୍ୟରେ ଏକ ପୁରାତନ ସଭ୍ୟତା ଗଢ଼ ଉଠିଥିଲା ପ୍ରାୟ ଛଅ ହଜାର ବର୍ଷ ତଳେ। ପାରସ୍ୟର ଲିପି ଓ ଭାଷା ମଧ୍ୟ ଭାରତକୁ ପ୍ରଭାବିତ କରିଥିଲା। ବହୁ ପ୍ରାଚୀନ କାଳରୁ ସିନ୍ଧୁସଭ୍ୟତା ସହିତ ପାରସ୍ୟ ସଭ୍ୟତାର ସଂଯୋଗ ରହିଆସିଛି। ଏହି କ୍ଷୁଦ୍ର ଲେଖାରେ ପାରସ୍ୟର ଦୀର୍ଘ ଅତୀତକୁ ବର୍ଣ୍ଣନା କରିବା ସମ୍ଭବ ନୁହେଁ। ୭ମ ଶତାବ୍ଦୀରେ ଇରାନରେ ଇସ୍‌ଲାମ ପ୍ରବେଶ କରିବା ପୂର୍ବରୁ ସେଠାରେ ଜୋରାଷ୍ଟ୍ରିଅନ୍ ଧର୍ମ ପ୍ରଚଳିତ ଥିଲା। ଏହା ପାରସ୍ୟର ପ୍ରାଚୀନଧର୍ମ। ପାରସ୍ୟ ସେତେବେଳକୁ ସାହିତ୍ୟ, ଦର୍ଶନ, କାରିଗରି ବିଦ୍ୟା, ଡାକ୍ତରୀ ଚିକିତ୍ସା, ଔଷଧ, ଧାତବ ଦ୍ରବ୍ୟ ଆଦିର ବ୍ୟବହାର ଜାଣିଥିଲା। ଇସ୍‌ଲାମ ସେ ଦେଶକୁ ଆସିବା ପରେ ପାରସ୍ୟର ବିକାଶ ବଢ଼ି ଯାଇଥିଲା। ବିଶେଷ କରି ବୈଜ୍ଞାନିକ ଗବେଷଣାର ପ୍ରସାର ଘଟିଥିଲା। ୧୬ଶ ଶତାବ୍ଦୀ ବେଳକୁ ପାରସ୍ୟ ଏକ ବିଶ୍ୱଶକ୍ତିରେ ପରିଣତ ହୋଇସାରିଥିଲା। ୧୮ଶ ଶତାବ୍ଦୀରେ ପାରସ୍ୟର ନାଦିର୍ ଶାହା ବିଶ୍ୱରେ ନିଜର ପ୍ରଭାବ ବିସ୍ତାର କରିପାରିଥିଲେ।

ବିଂଶ ଶତାବ୍ଦୀର ଆରମ୍ଭ ବେଳକୁ ପାରସ୍ୟରେ ବିପ୍ଳବ ଦେଖାଦେଲା ଓ ସାମ୍ବିଧାନିକ ବିପ୍ଳବ ଜରିଆରେ ରେଜା ପାଲଭି ରାଷ୍ଟ୍ରମୁଖ୍ୟ ହେଲେ। ସେ ପାରସ୍ୟର ତୈଳ ସଂପଦକୁ ଜାତୀୟକରଣ କରିବା ପରେ ଆମେରିକା ଓ ଇଂଲଣ୍ଡ ପକ୍ଷରୁ ପ୍ରତିବିପ୍ଳବ ସଂଗଠିତ କରାଗଲା ୧୯୫୩ରେ ଓ ଇରାନରେ ଆମେରିକାର ବୋଲକରା ଶାସନ ପ୍ରତିଷ୍ଠା ହେଲା। ଏହି ସରକାର ବିରୋଧରେ ଇସ୍‌ଲାମିକ୍ ବପ୍ଳବ ହେବାରୁ ୧୯୭୯ରେ ଇରାନର ଶାହା ଦେଶ ଛାଡ଼ି ପଳାଇଲେ। ସେବେଠାରୁ ଇରାନ ଏକ ଇସ୍‌ଲାମିକ୍ ଦେଶ ଭାବେ ଗଢିଉଠିଛି ଓ ମୁଖ୍ୟ ଧର୍ମଗୁରୁ ଆୟାତୋଲ୍ଲା ଖୋମେନେଇ ଦେଶକୁ ନିୟନ୍ତ୍ରଣ କରୁଛନ୍ତି।

ଆୟୋତୋଲ୍ଲା ସେୟେଦ ଅଲ୍ଲୀ ଖୋମେନେଇ ଇରାନର ଶାହାଙ୍କ ଗୁପ୍ତଘାତକ ବାହିନୀ 'ସଭକ' ଦ୍ୱାରା ଅକଥନୀୟ ଅତ୍ୟାଚାରର ଶିକାର ହୋଇଥିଲେ। ତାଙ୍କୁ ଛଅଥର ଗିରଫ କରାଯାଇ ଜେଲର ଯନ୍ତ୍ରଣା କକ୍ଷରେ ନିର୍ଯ୍ୟାତନା ଦିଆଯାଇଥିଲା। ୧୯୫୩ରୁ ୧୯୭୯ ଦୀର୍ଘ ୨୭ବର୍ଷ ଧରି ଇରାନରେ ଆମେରିକାର ବୋଲକରା ଶାହାଙ୍କ ଶାସନ ଚାଲିଥିଲା। ଖୋମେନେଇ ଗୁପ୍ତରେ ଇରାନ ଛାଡ଼ି ତୁର୍କୀ ପଳାଇଲେ। ତା'ପରେ ସେ ଇରାକରେ ରହିଲେ ଲୁକ୍କାୟିତ ଭାବେ। ୧୯୭୮ରେ ସଦାମ ହୁସେନ ତାଙ୍କୁ ଇରାକରୁ ବିତାଡ଼ିତ କରିବା ପରେ ସେ ପ୍ୟାରିସ ପଳାଇଲେ। ଫ୍ରାନ୍ସ ସରକାର ତାଙ୍କୁ ରାଜନୈତିକ ଆଶ୍ରୟ ପ୍ରଦାନ କରିଥିଲା। ୧୯୭୯ରେ ଇରାନରେ ଇସ୍‌ଲାମିକ ବିପ୍ଳବ ସଫଳ ହେବା ପରେ ସେ ଇରାନକୁ ଆସି ନିଜର ପ୍ରାଧାନ୍ୟ ପ୍ରତିଷ୍ଠା କରିଥିଲେ।



୧୯୭୯ରେ ଇସ୍‌ଲାମିକ ବିପ୍ଳବ ସଫଳ ହେବା ପରେ ୧୯୮୦ରେ ଯୁକ୍ତରାଷ୍ଟ୍ର ଆମେରିକା ଇଙ୍ଗିତରେ ଇରାନ ଉପରେ ଇରାକ ଆକ୍ରମଣ କରିଥିଲା। ଏହି ଯୁଦ୍ଧ ଆଠବର୍ଷ ଚାଲିଲା। ଇରାନକୁ ତଳିତଳାନ୍ତ କରିବାକୁ ଯୁକ୍ତରାଷ୍ଟ୍ର ଆମେରିକା ଚାହିଁଥିଲା, କାରଣ ୧୯୭୯ରେ ଆମେରିକାର ବୋଲକରା ଇରାନର ଶାହା ସରକାର, ଇସ୍‌ଲାମିକ ବିପ୍ଳବୀମାନଙ୍କ ଦ୍ୱାରା ପରାଜିତ ହୋଇ ଦେଶଛାଡ଼ି ପଳାୟନ କରିଥିଲା। ଏହାଦ୍ୱାରା ଇରାନର ତୈଳ ଭଣ୍ଡାର ଉପରେ ଆମେରିକାର ଆଧିପତ୍ୟ ଲୋପ ପାଇଥିଲା।

ପଶ୍ଚିମ ଏସିଆରେ ଏକମାତ୍ର ଦେଶ ଇରାନ ୧୯୭୯ଠାରୁ ଆମେରିକାର ବଶ୍ୟତା ସ୍ୱୀକାର କରିନାହିଁ। ଆମେରିକା ୧୯୪୮ଠାରୁ ଇସ୍ରାଏଲକୁ ଅନେକ ହଜାର କୋଟି ଡଲାର ସହିତ ଯୁଦ୍ଧାସ୍ତ୍ର ଏବଂ ଗୁପ୍ତଚର ଟ୍ରେନିଂ ଦେଇଚାଲିଛି; ଯାହା ଯୋଗୁ ଇସ୍ରାଏଲ ସମସ୍ତ ଆରବ ଦେଶକୁ ପରାସ୍ତ କରି ଚାଲିଛି। ଆମେରିକା ସାହାଯ୍ୟରେ ଇସ୍ରାଏଲ ପରମାଣୁ ବୋମାର ଅଧିକାରୀ ହୋଇଛି। ଇସ୍ରାଏଲ କିନ୍ତୁ ଏନ୍.ପି.ଟି. ରେ ଦସ୍ତଖତ କରିନାହିଁ, ଯଦିଓ ଇରାନ ଏନ୍.ପି.ଟି.ରେ ଦସ୍ତଖତ କରିଛି। ଯୁକ୍ତରାଷ୍ଟ୍ର ଆମେରିକାର ପ୍ରଭାବରେ ସମସ୍ତ ପାଶ୍ଚାତ ରାଷ୍ଟ୍ର ଇସ୍ରାଏଲକୁ ସମର୍ଥନ ଦେବା ସହିତ ଇସ୍ରାଏଲର ଆଣବିକ ଯୁଦ୍ଧାସ୍ତ୍ର ଆହରଣକୁ ବିରୋଧ କରୁନାହାନ୍ତି, ଓଲଟି ଇରାନର ଆଣବିକ ଶକ୍ତି ଉନ୍ନୀକରଣକୁ ତୀବ୍ର ପ୍ରତିରୋଧ କରୁଛନ୍ତି। ଇରାନ ଯେପରି ଆଣବିକ ବୋମାର ଅଧିକାରୀ ନ ହୋଇ ପାରିବ, ସେଥିପାଇଁ ପାଶ୍ଚାତ୍ୟ ଦେଶମାନେ ଇରାନ ଉପରେ ବାସନ୍ଦ ଲାଗୁ କରିବା ସହିତ ଇସ୍ରାଏଲର ଇରାନ ଉପରେ ଆକ୍ରମଣକୁ ସମର୍ଥନ କରୁଛନ୍ତି।

ଇରାନ ଆଣବିକ ଅସ୍ତ୍ର ଉତ୍ପାଦନ ନ କରିବା ପାଇଁ ଏକ ଚୁକ୍ତି ୨୦୧୫ରେ ହୋଇଥିଲା। ରାଷ୍ଟ୍ରସଂଘର ନିରାପତ୍ତା ପରିଷଦର ପାଞ୍ଚ ସ୍ଥାୟୀ ସଭ୍ୟ ଯଥା- ଆମେରିକା, ରୁଷିଆ, ଚାଇନା, ଇଂଲଣ୍ଡ ଓ ଫ୍ରାନ୍ସ ସହିତ ଜର୍ମାନୀ ମଧ୍ୟ ଇରାନ ସହିତ ଏହି ଚୁକ୍ତି କରିଥିଲେ। ଚୁକ୍ତି ଅନୁସାରେ ଇରାନ ଆଣବିକ ବୋମା ନିର୍ମାଣ କରିବା ଦିଗରେ ଅଗ୍ରସର ହେବ ନାହିଁ ଓ ପାଶ୍ଚାତ୍ୟ ଦେଶମାନେ ଇରାନ ଉପରୁ ବାସନ୍ଦ ପ୍ରତ୍ୟାହାର କରିନେବେ। ମାତ୍ର ଡୋନାଲ୍ଡ ଟ୍ରମ୍ପ ରାଷ୍ଟ୍ରପତି ଭାବେ ନିର୍ବାଚିତ ହେବା ପରେ ୨୦୧୮ରେ ଏହି ଚୁକ୍ତିରୁ ଆମେରିକା ଓହରି ଗଲା ଓ ଇରାନ ବିରୋଧରେ ପୁଣି ବାସନ୍ଦ ଲଗାଇଲା।

୨୦୨୫ରେ ଟ୍ରମ୍ପ ପୁନର୍ବାର ରାଷ୍ଟ୍ରପତି ହେବା ପରେ ଆଣବିକ ଶକ୍ତି ଉନ୍ନତୀକରଣ ପ୍ରସ୍ତୁତିକୁ ରୋକିବା ପାଇଁ ଇରାନକୁ ବାଧ୍ୟ କରୁଛନ୍ତି, ଆଉ ଏକ ଚୁକ୍ତିରେ ଦସ୍ତଖତ କରିବା ପାଇଁ। ଏହି ଆଲୋଚନା ଶେଷ ହେବା ପୂର୍ବରୁ ୧୩ ଜୁନ୍, ୨୦୨୫ରେ ଇସ୍ରାଏଲ ପକ୍ଷରୁ ଇରାନ ଉପରେ ଆକସ୍ମିକ ଆକ୍ରମଣ କରାଯାଇଛି। ଇରାନର ବହୁ ଆଣବିକ ବୈଜ୍ଞାନିକ, ସାମରିକ ଅଫିସରଙ୍କ ମୃତ୍ୟୁ ଘଟିଛି। ଇରାନ ଅବଶ୍ୟ ଏହାର ପାଲଟା ଜବାବ ଦେଇଛି। ୨୦୨୫ ଜୁନ୍ ୨୨ରେ ଆମେରିକା ଅତର୍କିତ ଭାବେ ଇରାନର ତିନୋଟି ଆଣବିକ କେନ୍ଦ୍ର ଉପରେ ଆକ୍ରମଣ କରିଛି। ଯୁକ୍ତରାଷ୍ଟ୍ର ଆମେରିକାର ସାହାଯ୍ୟ ନ ପାଇଲେ, ଇସ୍ରାଏଲ ଇରାନ ସହିତ ଯୁଦ୍ଧରେ ବିଜୟୀ ହୋଇପାରିବ ନାହିଁ। ତେଣୁ ଏହି ଯୁଦ୍ଧରେ ଆମେରିକାକୁ ଭାଗୀଦାର ହେବାକୁ ଇସ୍ରାଏଲ ବାଧ୍ୟ କଲା।

୨୦୨୩ ଅକ୍ଟୋବର ୭ରେ ଇସ୍ରାଏଲ ଉପରେ ହମାସ ଆକ୍ରମଣ କରିଥିଲା। ଏହା ପରଠାରୁ ଇସ୍ରାଏଲ ଗାଜା ଉପରେ ନିରବଚ୍ଛିନ୍ନ ଭାବେ ଗଣହତ୍ୟା କରିଚାଲିଛି। ଏହା ବ୍ୟତୀତ ଲେବାନନ, ୟେମେନ୍, ସିରିଆ ଉପରେ ଇସ୍ରାଏଲ ଆକ୍ରମଣ କରିଆସୁଛି। ସିରିଆର 'ଗୋଲାନ ହାଇଟ' ଅଞ୍ଚଳକୁ ଦଖଲ କରିସାରିଛି। ୨୦୨୪ ଡିସେମ୍ବରରେ ସିରିଆର ରାଷ୍ଟ୍ରପତି ଆସାଦ, ଗୃହଯୁଦ୍ଧରେ ପରାସ୍ତ ହୋଇ ଦେଶ ଛାଡ଼ି ପଳାଇଲା ପରେ ଇସ୍ରାଏଲ ସମଗ୍ର ସିରିଆକୁ ଦଖଲ କରିବାକୁ ଲକ୍ଷ୍ୟ ରଖିଛି।

ଜୁନ୍ ୧୩ ରେ ଇରାନର ରାଜଧାନୀ ତେହେରାନ ଉପରେ ଇସ୍ରାଏଲ ଆକ୍ରମଣ କରିବା ପରେ ଇରାନ ପକ୍ଷରୁ ପ୍ରତିଆକ୍ରମଣ କରାଯାଇଥିଲା। ଇରାନର ଆକ୍ରମଣରେ ଇସ୍ରାଏଲର ବ୍ୟାପକ କ୍ଷତି ଘଟିଛି। ଇରାନର ପାଲଟା ଜବାବରେ ଭୟଭୀତ ହୋଇଛି ଇସ୍ରାଏଲ। ଆନ୍ତର୍ଜାତିକ ସ୍ତରରେ ସମସ୍ତ ସାମ୍ରାଜ୍ୟବାଦୀ ଦେଶଗୁଡ଼ିକ ମିଳିତ ଭାବେ ଇସ୍ରାଏଲକୁ ସମର୍ଥନ ଦେବା ସହିତ ଇରାନକୁ ବିରୋଧ କଲାବେଳେ ରୁଷିଆ, ଚାଇନା, ଦକ୍ଷିଣ ଆଫ୍ରିକା, ସ୍ପେନ, ଇଟାଲି, ଉତ୍ତରକୋରିଆ ଆଦି ଇରାନ ଉପରେ ଆକ୍ରମଣକୁ ବିରୋଧ କରିଛନ୍ତି। ଏହି ପରିସ୍ଥିତିରେ ଇସ୍ରାଏଲ-ଇରାନ ମଧ୍ୟରେ ଯୁଦ୍ଧ ବିରତି ଘୋଷଣା ହୋଇଛି।

ଇରାନ ଓ ପାଲେଷ୍ଟାଇନ ଉପରେ ଯୁଦ୍ଧ ବନ୍ଦ ପାଇଁ ଇସ୍ରାଏଲରେ ଇହୁଦିମାନେ ବଡ଼ବଡ଼ ପଟୁଆର କରୁଛନ୍ତି। ବାସ୍ତବରେ ଏ ଯୁଦ୍ଧ ଫଳରେ ଇସ୍ରାଏଲ ଓ ଆମେରିକା ବିଶ୍ୱ ଜନସମର୍ଥନ ହରାଇଛନ୍ତି। ଦେଖିବାକୁ ଗଲେ ଏ ଯୁଦ୍ଧ ବିରତି କ୍ଷଣସ୍ଥାୟୀ। ତେବେ ଇରାନ ଏବେ ସତର୍କ ହୋଇଯାଇଛି। ଯୁକ୍ତରାଷ୍ଟ୍ର ଆମେରିକାର ସଫ୍ଟୱେର, ଜିପିଏସ୍‌କୁ ହଟାଇ ଚାଇନାର ସଫ୍ଟୱେରକୁ ବ୍ୟବହାର କରୁଛି ଓ ଏନ୍.ପି.ଟି.ରୁ ଓହରି ଯିବା ପାଇଁ ନିଷ୍ପତ୍ତି ନେଇଛି। ତେବେ ଇରାନ ଏବଂ ଇସ୍ରାଏଲର ଭବିଷ୍ୟତ ଯୁଦ୍ଧ କି ଧରଣର ହେବ, ତାହା ଏବେଠୁ କହିବା ସମ୍ଭବ ନୁହେଁ।

ମୋ: ୯୪୩୭୦୦୭୭୭୦

# ଅସ୍ଥିରତା ଅନ୍ତରାଳେ



ପ୍ର. ଫକୀର ମୋହନ ସାହୁ

ଅସ୍ଥିରତା ଏକ ଅବାଞ୍ଛିତ ମାନସିକ ଅବସ୍ଥା। ଅନେକ ଲୋକଙ୍କର ଧାରଣା ହୋଇପାରେ ଯେ ଏହା କେବଳ ପିଲାମାନଙ୍କ ମଧ୍ୟରେ ସୀମିତ। ଅସ୍ଥିର ପିଲା ଦୀର୍ଘ ସମୟ ଧରି ଗୋଟିଏ ସ୍ଥାନରେ ବସି ଅଙ୍କକଷି ପାରେନାହ, ମନଯୋଗ ଦେଇ କୌଣସି କାମକୁ ସମ୍ପୂର୍ଣ୍ଣ କରିପାରେ ନାହିଁ। ଅଯଥାରେ ରାଗେ ଏବଂ ଅନାବଶ୍ୟକ ଭାବେ ଗୋଡ଼ହାତ ଛାଟି କାନ୍ଦିଥାଏ। ପିଲାମାନଙ୍କ ଏପରି ଅସ୍ଥିରତାର ଚିତ୍ର ଆମ ଆଖିରେ ବେଶି ଧରାପଡ଼ିଲେ ମଧ୍ୟ କିଶୋରୀକିଶୋର ଏବଂ ଯୁବତୀଯୁବକ ଅସ୍ଥିରତାରୁ ମୁକ୍ତ ନୁହନ୍ତି। ଆଜିକାଲି ବଡ଼ ବଡ଼ କର୍ମସଂସ୍ଥାରେ କାର୍ଯ୍ୟକରୁଥିବା ଏବଂ ମାସିକ ଲକ୍ଷାଧିକ ଟଙ୍କା ରୋଜଗାର କରୁଥିବା ବ୍ୟକ୍ତିମାନେ ଅସ୍ଥିରତାର ଶରବ୍ୟ ହୁଅନ୍ତି।

ବୟସ ନିର୍ବିଶେଷରେ ଅସ୍ଥିରତା ଆମର ସାମାଜିକ ଏବଂ ବୃତ୍ତିଗତ ଜୀବନର ସୌନ୍ଦର୍ଯ୍ୟକୁ ନଷ୍ଟ କରୁଥିବାରୁ ଏହାର କାରଣ ଓ ନିରାକରଣ ବୁଝିବାର ଆବଶ୍ୟକତା ରହିଛି। ମୋଟାମୋଟି ଭାବରେ ଲୋକମାନେ ଏହାକୁ ଷ୍ଟ୍ରେସ୍ ବା ମାନସିକ ଚାପ କହିଦେଇ ବସିଯାଆନ୍ତି। କିନ୍ତୁ ଏହା ସମସ୍ୟାର ସମାଧାନ ନୁହେଁ। ଅସ୍ଥିରତାର ଅନ୍ତଃସ୍ଥଳକୁ ଯିବାକୁ ପଡ଼ିବ। ଏହାର ଅନ୍ତରାଳରେ କେଉଁ କେଉଁ ଉପାଦାନ ସକ୍ରିୟ ରହିଛି, ତାହାକୁ ଚିହ୍ନଟ କରିପାରିଲେ ସ୍ଥିର ଓ ଶାନ୍ତ ଜୀବନଶୈଳୀରେ ସଫଳତା ମିଳିବ।

ଅବଶ୍ୟ ଏହା ସତ୍ୟ ଯେ ଅସ୍ଥିରତା କ୍ଷେତ୍ରରେ ଅଳ୍ପ ପରିମାଣର ବଂଶାନୁଗତି କାରଣ ସଂଶ୍ଳିଷ୍ଟ ରହିଛି। ପିତାମାତାଙ୍କର ଅସ୍ଥିରତା କିଛି ପରିମାଣରେ ପୁତ୍ରକନ୍ୟାଙ୍କ ଅସ୍ଥିରତା ବଢ଼ାଇଥାଏ। ଆମେ ଏ ଦିଗରେ ବିଶେଷ କିଛି କରି ନ ପାରିଲେ ମଧ୍ୟ ମାନସିକ କାରଣଗୁଡ଼ିକ ଦିଗରେ ପଦକ୍ଷେପ ନେଇପାରିବୁ। ସୁତରାଂ ଏ ସମ୍ପର୍କରେ ଧ୍ୟାନଶୀଳ ହେବା ବିଶେଷ ପ୍ରୟୋଜନ।

ଆମେ ସମସ୍ତେ ଏପରି ଏକ ପରିବେଶ ଚାହୁଁ, ଯେଉଁ ପରିବେଶରେ ଆମେ ପ୍ରତ୍ୟାଶା କରୁଥିବା ଘଟଣାସବୁ ଘଟିବ। ଭଲ ହେଉ ବା ମନ୍ଦ, ଆମର ଆଶା ଅନୁଯାୟୀ ଅବସ୍ଥା ସଂଘଟିତ ହେବ। ଆମେ ଆଗାମୀ କାଲି ପାଇଁ ଯେପରି ପାଗର ପ୍ରତ୍ୟାଶା ରଖିଛୁ, ପାଗ ସେହିପରି ହେବ। ଆମ ପିଲାଙ୍କର ପରୀକ୍ଷାଫଳ ଯେପରି ଆଶାକରୁଛୁ, ସେପରି ରହିବ। ମାତ୍ର ଏପରି ସବୁ ପ୍ରତ୍ୟାଶା ସବୁ ସମୟରେ ସଫଳ ହୁଏ କି? କେତେକ ସମୟରେ ହୁଏ, ପୁଣି କେତେକ ସମୟରେ ହୁଏ ନାହିଁ। ବାହ୍ୟ ପରିବେଶରେ କିଛି ପରିମାଣରେ ଅନିଶ୍ଚିତତା ରହିବ। କିନ୍ତୁ ଆମ ଜୀବନର ସୁସ୍ଥତା ଦୃଷ୍ଟିରୁ ଏପରି ଅନିଶ୍ଚିତତାକୁ ସହ୍ୟ କରିବାକୁ ହେବ। ଏହା ଏକ ମନୋବୈଜ୍ଞାନିକ ସତ୍ୟ ଯେ ଅନିଶ୍ଚିତତା ପାଇଁ ସହନଶୀଳତାର ମାତ୍ରା ଯେତେ କମ୍ ରହିବ, ଅସ୍ଥିରତାର ମାତ୍ରା ସେହି ଅନୁପାତରେ ଅଧିକ ରହିବ।

ଅନିଶ୍ଚିତତାକୁ ସହ୍ୟକରି ନ ପାରିବାର ମାନସିକତାକୁ ଅନ୍ୟ ଏକ ପ୍ରକାରେ ପ୍ରକାଶ କରାଯାଇପାରେ। ତାହା ହେଉଛି ଆମର ପୂର୍ବାନୁମାନ, ବିଫଳତାକୁ ସହ୍ୟ ନ କରିବାର ମନୋଭାବ। ଆଗାମୀ କାଲିର ଘଟଣାକୁ ପୂର୍ବାନୁମାନ କରାଯାଇପାରେ। ମାତ୍ର ଏହି ଅନୁଯାୟୀ ଘଟଣା ନ ଘଟିଲେ କେତେଜଣ ଲୋକ ଖୁବ୍ ବ୍ୟତିବ୍ୟସ୍ତ ହୋଇପଡ଼ନ୍ତି।



ଏହା ମାନସିକ ଅସ୍ଥିରତାର କାରଣ ହୁଏ।

ପ୍ରଶ୍ନ ଉଠିପାରେ, ସହନଶୀଳତାର ଅଭାବ ଘଟିବାର ମୂଳ କାରଣ କ'ଣ? ଗୋଟିଏ ହେଉଛି ବାପାମା'ଙ୍କର ତ୍ରୁଟିପୂର୍ଣ୍ଣ ଶିଶୁ ପରିପାଳନ ଭଙ୍ଗୀ। କେତେଜଣ ମା' କିମ୍ବା ବାପା ଅଯଥା ମାତ୍ରାଧିକ ନିୟନ୍ତ୍ରଣଶୀଳ ହୋଇଉଠନ୍ତି। ଏଇଟା କର, ସେଇଟା କର- ଅନାବଶ୍ୟକ ଭାବେ ଏହିପରି ଆଜ୍ଞା ଦେଇ ଶିଶୁକୁ ଅଣନିଃଶ୍ୱାସୀ କରିଦିଅନ୍ତି। ଏସବୁ ବ୍ୟତୀତ ପିତାମାତାଙ୍କ ରାଗ ଓ ଅନ୍ୟ ସବୁ ପ୍ରତିକୂଳ ଭାବାବେଗ ପ୍ରକାଶରେ କୌଣସି କୂଳକିନାରା ନ ଥାଏ। ଯେତେବେଳେ ସେତେବେଳେ ନିଜର ରାଗପ୍ରକାଶ କରନ୍ତି। ଏପରି ଘଟିଲେ ସେପରି ପିଲାମାନେ ବଡ଼ ହେଲେ ବାହାରର ଅନିଶ୍ଚିତତା ସହ୍ୟ କରିବାର ସାମର୍ଥ୍ୟ ହରାଇବସନ୍ତି।

ସେହିପରି କାର୍ଯ୍ୟକ୍ଷେତ୍ରରେ ମଧ୍ୟ ଉପରିସ୍ଥ ଅଫିସରଙ୍କ ବିଶୃଙ୍ଖଳିତ ମିଜାସ ସମସ୍ୟା ସୃଷ୍ଟିକରେ। କର୍ତ୍ତୃପକ୍ଷ କେତେବେଳେ ଭଲ ମିଜାସରେ ଥାଆନ୍ତି ଏବଂ କେତେବେଳେ ଖରାପ ମିଜାସ ଦର୍ଶାନ୍ତି, ତାହା ଜଣାପଡ଼େ ନାହିଁ। ଏପରି ବାତାବରଣ ମଧ୍ୟରେ କାର୍ଯ୍ୟକରୁଥିବା କର୍ମଚାରୀମାନଙ୍କର ଏକ ବ୍ୟକ୍ତିଗତ ଦୁର୍ବଳତା ଗଠିତ ହୁଏ। ସେ ଦୁର୍ବଳତା ହେଉଛି ଅନିଶ୍ଚିତ ଅବସ୍ଥାକୁ ସହ୍ୟ କରିବାର ଅସାମର୍ଥ୍ୟ।

ଏଠାରେ ଗୋଟିଏ ତାତ୍ପର୍ଯ୍ୟପୂର୍ଣ୍ଣ ଦିଗ ଲକ୍ଷ୍ୟ କରିବାର କଥା। ପରିବାରରେ ପିଲାମାନଙ୍କ ପାଇଁ ହେଉ କିମ୍ବା କର୍ମସଂସ୍ଥାର କର୍ମଚାରୀମାନଙ୍କ ପାଇଁ ହେଉ, ଗୋଟିଏ ଉପାଦାନ ଅନିଶ୍ଚିତତାକୁ ସହ୍ୟ କରିବାରେ ସହାୟକ ହୁଏ। ପିତାମାତାଙ୍କର କିମ୍ବା କର୍ମସଂସ୍ଥାର କର୍ତ୍ତୃପକ୍ଷଙ୍କ ଆବେଗର କିଛିଟା ପୂର୍ବାଭାସ କେତେକ ଦୃଷ୍ଟିରୁ ସହାୟକ ହୋଇଥାଏ। ଧରାଯାଉ ମା' ରୋଷେଇଘର ଭିତରୁ ବାହାରିବା ସମୟରେ ରାଗୁଛନ୍ତି କିମ୍ବା ବାପା ଅଫିସ୍‌ରୁ ଫେରିଆସି କିଛି ସମୟ ପାଇଁ ଖରାପ ମିଜାସ ଦର୍ଶାଉଛନ୍ତି। ସେହିପରି ହୁଏତ କର୍ମସଂସ୍ଥାର ଉଚ୍ଚପଦସ୍ଥ କର୍ମଚାରୀ ଜଣକ କାର୍ଯ୍ୟସଂସ୍ଥାର ଆରମ୍ଭ ଦିନରେ(ସୋମବାର) ଖରାପ ମିଜାସ ଦର୍ଶାଉଛନ୍ତି। ଏପରିସ୍ଥଳେ ବିଶେଷ କ୍ଷତି ନ ହୋଇପାରେ। ପରିବାରରେ ପିଲାମାନେ ଜାଣିବେ ଯେ ଏପରି ବିଶେଷ ମୁହୂର୍ତ୍ତକୁ ବାଦ୍‌ଦେଲେ ବାପାମା'ଙ୍କ ମିଜାସର ପୂର୍ବାନୁମାନ କରାଯାଇପାରିବ। ସେହିପରି ସଂସ୍ଥାରେ କର୍ମଚାରୀମାନେ ଜାଣିବେ ଯେ ମାଲିକଙ୍କର ଅନ୍ୟ ଦିନଗୁଡ଼ିକରେ (ମଙ୍ଗଳବାରରୁ ଶନିବାର ପର୍ଯ୍ୟନ୍ତ) ମିଜାସର ପୂର୍ବାନୁମାନ ସମ୍ଭବ। ଏପରି ପୂର୍ବ ସଙ୍କେତ ବହୁ ପରିମାଣରେ ଅସ୍ଥିରତା ଦୂରକରିବାରେ ସାହାଯ୍ୟ କରିବ।

ପରିଶେଷରେ କୁହାଯିବ, ଆପଣଙ୍କ ଧ୍ୟାନ ସକାରାତ୍ମକ ଦିଗକୁ ଯାଉଛି କି ନକାରାତ୍ମକ ଦିଗକୁ ଯାଉଛି ତାହା ଅସ୍ଥିରତା ନିର୍ଦ୍ଧାରଣ କରିବ। ଧରାଯାଉ ଆପଣଙ୍କୁ କୁହାଗଲା, ଡାକ୍ତର ଜଣେ ଲୋକଙ୍କ ଗାଲ ପାଖରେ ଗୋଟିଏ ଆବୁ ଦେଖିଲେ। ସେ ଭାବିଲେ ଯେ...। ଏହି ଶୂନ୍ୟ ସ୍ଥାନ ଆପଣ କିପରି ପୂରଣ କରିବେ? ସେହିପରି ଜଣେ ଲୋକ ଅନ୍ଧାର ରାସ୍ତାରେ ଯାଉ ଯାଉ ବାଟ ଭୁଲିଗଲେ। ସେ ଦେଖିଲେ ଯେ...। ଏଠାରେ ମଧ୍ୟ ଆପଣ କିପରି ସ୍ଥାନ ପୂରଣ କରିବେ? ଉପର ଦୁଇଟି ଉଦାହରଣରେ ଆପଣଙ୍କ ମନରେ ଦୁର୍ଭାବନା (ଯଥା- କ୍ୟାନ୍‌ସର ଏବଂ ସାପ) ଆସୁଥିଲେ ଆପଣ ଅସ୍ଥିରତାର ଶରବ୍ୟ ହେବା ଅଧିକ ସମ୍ଭାବନା ରହିଛି।

ମୋ: ୯୪୩୭୧୨୧୨୭୯

## ଏଇ ଭାରତରେ

ବୟସ ୮୪। ତଥାପି ଚଳଚଞ୍ଚଳ କଲିମୁଲ୍ଲା ଖାଁ। ଗୋଟିଏ ଗଛରେ ସେ ୩୫୦ କିସମର ଆମ୍ବ ଫଳାଉଛନ୍ତି। ଏହା ଜାଣି ଆଶ୍ଚର୍ଯ୍ୟ ହେଉଥିବେ। କିନ୍ତୁ ଏହା ସମ୍ଭବ ହୋଇଛି ଉତ୍ତରପ୍ରଦେଶସ୍ଥିତ ମଲିହାବାଦ୍ ଫାର୍ମରେ, ତାଙ୍କ ଉଦ୍ୟମରେ। ୨୨ ଏକରରେ ଏହି ଫାର୍ମ ବ୍ୟାପିଛି। କଲିମୁଲ୍ଲା ୭ମ ପାସ୍ କରିନାହାନ୍ତି। ଉଦ୍ୟାନ କୃଷି ସମ୍ପର୍କରେ ମଧ୍ୟ କୌଣସି ପ୍ରଶିକ୍ଷଣ ପାଇନାହାନ୍ତି। ହେଲେ କଲମି ପଦ୍ଧତିରେ ଗୋଟିଏ ଗଛରେ ୩୫୦ କିସମର ଆମ୍ବ ଫଳାଇବାରେ ସେ ସକ୍ଷମ ହୋଇଛନ୍ତି। ତେଣୁ ତାଙ୍କୁ ଦେଶର ମ୍ୟାଙ୍ଗୋମ୍ୟାନ୍ ବା ଆମ୍ବ ମଣିଷ ଭାବେ ପରିଗଣିତ କରାଯାଏ। ତାଙ୍କର ଏହି ସଫଳତା ଲିମ୍‌କା ରେକର୍ଡ ଅଫ୍ ବୁକ୍ସରେ ସ୍ଥାନ ପାଇଛି। ଅଜାଙ୍କ ମୃତ୍ୟୁ ପରେ ସେ ପାଠଛାଡ଼ି ତାଙ୍କ ଆମ୍ବବଗିଚାର ଯତ୍ନ ନେଇଥିଲେ। ୧୯୫୭ରେ ସେ ପ୍ରଥମେ ସତପ୍ରକାର ଆମ୍ବ ଫଳିବା ଭଳି ଗଛଟିଏ ଲଗାଇଥିଲେ କିନ୍ତୁ ତାହା ବନ୍ୟାରେ ନଷ୍ଟ ହୋଇଗଲା। ପରେ ୧୯୮୭ରେ ତାଙ୍କ ଫାର୍ମର ୧୨୫ ବର୍ଷ ପୁରୁଣା ଏକ ଗଛରେ କଲମି ବଦ୍ଧତି ଉପରେ ପରୀକ୍ଷା ଆରମ୍ଭ କରିଥିଲେ। ଏବେ ସେହି ଗଛରେ ଫଳୁଥିବା ବିଭିନ୍ନ ପ୍ରକାର ଆମ୍ବର ନିର୍ଦ୍ଦିଷ୍ଟ ରଙ୍ଗ, ସ୍ୱାଦ ଓ ବାସ୍ନା ରହିଛି।

## ୫୦ ବର୍ଷ ତଳର ଧରିତ୍ରୀ

୯ ଜୁଲାଇ ୧୯୭୬

- ୨୦ ଦଫା ଅର୍ଥନୈତିକ କାର୍ଯ୍ୟକ୍ରମ ଅନୁଯାୟୀ ୧୨ ହଜାର ଶିକ୍ଷାନୁଷ୍ଠାନକୁ କାରିଗରି ଶିକ୍ଷା ଦେବା ନିମନ୍ତେ ରେଲ୍‌ୱେ ପକ୍ଷରୁ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି।
- ଦେଶର ଆଭ୍ୟନ୍ତରୀଣ ବଜାରରେ ଆଳୁ ମୂଲ୍ୟ ହ୍ରାସ ଯୋଗୁ ସରକାର ବିଦେଶକୁ ଆଳୁ ରପ୍ତାନୀ ନିଷିଦ୍ଧ କରିଛନ୍ତି।

## ଚିରନ୍ତନୀ

ତୋ ତୀରେ ସେ କେଉଁ ପକ୍ଷୀ ଗାଏ ଲୋ ପ୍ରଭାତୀ,
କି ଆଲୋକେ ଲାଜେ ତୋର ଛନ ଛନ ଛାତି ?
ମୋହରି ସେହି ବିହଙ୍ଗ
ଚିର ସଙ୍ଗୀତର ସଙ୍ଗ,
ମୋହରି ଆଲୋକ ସେ ତ ମନଭୁଲା ଜାତି ।
-(ଚିତ୍ରୋତ୍ପଳା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 6 | 3 | | 1 | | | | |
| 5 | | | | | | | | |
| | | 1 | | 2 | 7 | | | |
| | 4 | | 6 | 3 | 1 | | | |
| 8 | | | | | | | | 3 |
| | | 7 | | 9 | | | | |
| | 1 | | 7 | | | | | 2 |
| 4 | | | | | 3 | 5 | | |
| | | | 2 | | | | 6 | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 6 | 1 | 7 | 9 | 4 | 8 | 2 | 3 |
| 7 | 8 | 3 | 6 | 5 | 2 | 9 | 1 | 4 |
| 9 | 2 | 4 | 3 | 1 | 8 | 5 | 7 | 6 |
| 8 | 7 | 9 | 1 | 2 | 6 | 3 | 4 | 5 |
| 6 | 1 | 2 | 5 | 4 | 3 | 7 | 8 | 9 |
| 4 | 3 | 5 | 8 | 7 | 9 | 1 | 6 | 2 |
| 2 | 4 | 8 | 9 | 3 | 1 | 6 | 5 | 7 |
| 1 | 9 | 7 | 2 | 6 | 5 | 4 | 3 | 8 |
| 3 | 5 | 6 | 4 | 8 | 7 | 2 | 9 | 1 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଡାଇରିଆ ଡରାଣ

ମହାଶୟ,

ଓଡ଼ିଆରେ ବାଡ଼ି (ହଇଜା) ଭଳି ଶବ୍ଦ ଅଥବା ମାଇପି ଗାଳି ମନରେ ଭୀତି ସଞ୍ଚାରକରେ। କାରଣ ଅତୀତରେ ଏଥିପାଇଁ ଗୋଟିଏ ଗୋଟିଏ ଗାଁ ମଣିଷ ଶୂନ୍ୟ ହୋଇଯାଉଥିଲା। କୋକେଇ ବାନ୍ଧିବାକୁ ମଧ୍ୟ ଲୋକ ଅଭାବ ପଡୁଥିଲେ। ସମ୍ପ୍ରତି ଓଡ଼ିଶାରେ ହଇଜା ମହାମାରୀ କାୟାବିସ୍ତାର କରିଚାଲିଥିବା ବେଳେ ଏହା ପାଣ୍ଡେମିକ୍ ନୁହେଁ ଏଣ୍ଡାମିକ୍ ବୋଲି ସରକାରୀ ବିବୃତି କେବଳ ଆତ୍ମରକ୍ଷା ପାଇଁ ଉଦ୍ଦିଷ୍ଟ। ରୋମ ନଗରୀ ଜଳି ଯାଉଥିବା ବେଳେ ସମ୍ରାଟ ନୀରୋଙ୍କ ବଂଶୀ ବାଦନ ଭାବି ହଇଜା ଆକ୍ରାନ୍ତ ଓଡ଼ିଶାରେ ଏବେ ଜାକଜମକରେ ୧ବର୍ଷ ପୂର୍ତ୍ତି ପାଳନ ସରକାରଙ୍କ ପ୍ରମୁଖ କାମ ହୋଇଛି। ବୃଥା ପ୍ରଚାରରେ ବ୍ୟସ୍ତ ନ ରହି ଲୋକଙ୍କ ପାଇଁ କିଛି କରିବାକୁ ସରକାର ଆଗେଇ ଆସନ୍ତୁ।

-ଦୁର୍ଗାପ୍ରସାଦ ତ୍ରିପାଠୀ, ସାହୁପଡ଼ା, ବ୍ରହ୍ମଗିରି,ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଚୋରି ମାମଲାରେ ଯୁବକ ଗିରଫ**

ଛତିଆ,(ସୌମ୍ୟ ରଞ୍ଜନ ସାହୁ): ବଡ଼ଚଣା ବ୍ଲକ ଅନ୍ତର୍ଗତ ସୋଲର ଛକଠାରେ ଥିବା ଏକ ମୋବାଇଲ ଦୋକାନରୁ ଚୋରି ଘଟଣାରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ସୋଲର ଗ୍ରାମର ରାଜେଶ ରାଉତ। ଅଭିଯୁକ୍ତଙ୍କ ନିକଟରୁ ଏକ ଏସି ଓ ବିଦ୍ୟୁତ ଉପକରଣ ଜବତ ହୋଇଛି। ଗତ ଅକ୍ଟୋବରରେ ଏହି ଦୋକାନରୁ ବିଭିନ୍ନ ସାମଗ୍ରୀ ଚୋରି ହୋଇଥିଲା। ଏନେଇ ଦୋକାନ ମାଲିକ ସତ୍ୟଜିତ ସାହୁ ବୈରୀ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା ବୋଲି ଥାନା ଅଧିକାରୀ ଅଂଶୁମାଳା ଦାସ ସୂଚନା ଦେଇଛନ୍ତି।

# ଚାଷୀଙ୍କୁ ୬୮ କୋଟି ଋଣ ପ୍ରଦାନ ଲକ୍ଷ୍ୟ

**ଖରିଫ ଋତୁ କୃଷି କାର୍ଯ୍ୟ ନିର୍ଦ୍ଧାରଣ କମିଟି ବୈଠକ**

- ୧୦୭୫୭୨.୪୧ ହେକ୍ଟର ଜମିରେ ଜଳସେଚନ ହେବ
- ସରକାରୀ ଯୋଜନା କୃଷକଙ୍କ ପାଖରେ ପହଞ୍ଚାଇବାକୁ ପରାମର୍ଶ



ବୈଠକରେ ଯୋଗଦେଇଥିବା ଅଧିକାରୀମାନେ।

ଯାଜପୁର,୮।୭(ହର୍ଷବର୍ଦ୍ଧନ ବେହେରା):

ଚଳିତ ଖରିଫ ଋତୁ ଚାଷ କାର୍ଯ୍ୟରେ ସମବାୟ ବ୍ୟାଙ୍କ ପକ୍ଷରୁ ଯାଜପୁର ଜିଲାର ଚାଷୀମାନଙ୍କୁ ୬୮ କୋଟି ଋଣ ଯୋଗାଇ ଦେବାକୁ ଧାର୍ଯ୍ୟ ଲକ୍ଷ୍ୟ ରହିଛି। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଚଳିତ ମାସ ଶେଷ ସୁଦ୍ଧା ଜିଲାର ୬୩ ହଜାର ଚାଷୀଙ୍କ ପଞ୍ଜୀକୃତ କାର୍ଯ୍ୟ ଶେଷ କରିବାକୁ ବ୍ଲକ କୃଷି ଅଧିକାରୀ ପଦକ୍ଷେପ ଗ୍ରହଣ କରିବେ। ଯାଜପୁର ଜିଲା କୃଷି ବିଭାଗ ପକ୍ଷରୁ ଆଗାମୀ ଖରିଫ ଋତୁ ୨୦୨୫ ନିମନ୍ତେ ଜିଲା କୃଷି କାର୍ଯ୍ୟ ନିର୍ଦ୍ଧାରଣ କମିଟି ବୈଠକରେ ଏହି ସୂଚନା ଦିଆଯାଇଛି।

ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଅଧ୍ୟକ୍ଷତା କରି କହିଲେ ଯାଜପୁର ଏକ କୃଷି ପ୍ରଧାନ ଜିଲା। ଚାଷୀମାନଙ୍କ ନିମନ୍ତେ ସରକାର ବହୁତ ଯୋଜନା କରିଛନ୍ତି। କୃଷକମାନେ ଯେପରି ପ୍ରତ୍ୟେକ ଯୋଜନାର ସୁଫଳ ପାଇପାରିବେ ସେଥିପ୍ରତି କୃଷି ବିଭାଗ ଅଧିକାରୀମାନେ ଯତ୍ନବାନ ହେବା ଆବଶ୍ୟକ। ଏହି ସବୁ ଯୋଜନାଗୁଡ଼ିକୁ କୃଷକ ସମ୍ପର୍କ ମେଳା ଓ କୃଷି ସଚେତନତା ମାଧ୍ୟମରେ ହିତାଧିକାରୀମାନଙ୍କ ପାଖରେ ପହଞ୍ଚାଇବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ଚାଷୀମାନଙ୍କୁ ଋଣ ଯୋଗାଇ ଦେବାକୁ ବ୍ୟାଙ୍କ ମ୍ୟାନେଜରମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲା ମୁଖ୍ୟ କୃଷି ଅଧିକାରୀ ଅରୁଣ କୁମାର ବେହେରା ସଭାକାର୍ଯ୍ୟକୁ ଆଗେଇ ନେବା ସହ କାର୍ଯ୍ୟସୂଚୀ ଅନୁଯାୟୀ ୨୦୨୫ ମସିହା ଖରିଫ ଫସଲ ନିମନ୍ତେ ହୋଇଥିବା ଲକ୍ଷ୍ୟ ଧାର୍ଯ୍ୟ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ। କାର୍ଯ୍ୟସୂଚୀ ଅନୁଯାୟୀ ଜିଲାରେ ୨୦୨୫ ସୁଦ୍ଧା ସମୁଦାୟ ୧୦୬୫୭୦ ହେକ୍ଟର ଜମିରେ ଧାନ ଚାଷ, ୧୫୪୦ ହେକ୍ଟର ଜମିରେ ମକା ଚାଷ, ୫୦୦ ହେକ୍ଟର ଜମିରେ ମିଲେଟ ଚାଷ, ୪୯୯୦ ହେକ୍ଟର ଜମିରେ ଡାଲି ଜାତୀୟ ଫସଲ ଚାଷ, ୩୦୦ ହେକ୍ଟର ଜମିରେ ତୈଳ ବୀଜ ଚାଷ, ୭୯୦ ହେକ୍ଟର ଜମିରେ ଝୋଟ ଚାଷ ଏବଂ ୨୦୮୦ ହେକ୍ଟର ଜମିରେ ମସଲା ଚାଷ କରାଯିବା ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ସେହିପରି ୨୦୨୫ ସୁଦ୍ଧା ଜିଲାରେ ପ୍ରମୁଖ ଜଳ ସେଚନ, କ୍ଷୁଦ୍ର ଜଳସେଚନ, ବୃହତ ଉଠା ଜଳ ସେଚନ, କ୍ଷୁଦ୍ର ଉଠା ଜଳସେଚନ ଏବଂ ଅନ୍ୟାନ୍ୟ ଉତ୍ସରୁ ସମୁଦାୟ ୧୦୭୫୭୨.୪୧ ହେକ୍ଟର ଜମିରେ ଜଳସେଚନ ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ୨୦୨୫-୨୬ ମସିହା ମୃତ୍ତିକା ପରୀକ୍ଷା କରାଯାଇ ବ୍ଲକୱାରୀ ୯୬୧୪ ନମୁନା ସଂଗ୍ରହ କରାଯିବ ଏବଂ ୧୨୪୨୬ ମେଟ୍ରିକ ଟନ୍ ରାସାୟନିକ ସାର ଯଥା: ଫସଫରସ, ପୋଟାସ ଓ ଯବକ୍ଷାରଜାନ ବ୍ୟବହାର ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଉକ୍ତ ବୈଠକରେ ଫସଲ ସୁରକ୍ଷା ଯୋଜନା, କୃଷି ଯାନ୍ତ୍ରିକକରଣ, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, କୃଷି ଋଣ ଇତ୍ୟାଦି ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇଥିଲା।

## ଅଜାଣ ବନ ଶୋଭନୀୟ ଶିକ୍ଷାଶ୍ରମ ପକ୍ଷରୁ ବନ ମହୋତ୍ସବ

ବରୀ,୮।୭(ମହେନ୍ଦ୍ର ସ୍ୱାଇଁ):

ବରୀ ଶିକ୍ଷା ମଣ୍ଡଳ ଅଧୀନ ଅଜାଣ ବନ ଶୋଭନୀୟ ଶିକ୍ଷାଶ୍ରମ ପକ୍ଷରୁ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଚାରାରୋପଣ କରାଯାଇଛି। ପ୍ରଥମେ ଛାତ୍ରୀଛାତ୍ର ଗ୍ରାମ ପରିଭ୍ରମଣ କରି ବୃକ୍ଷର ଆବଶ୍ୟକତା ବିଷୟରେ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ଏଥିସହିତ 'ମା'ପାଇଁ ଗଛଟିଏ ଆହ୍ୱାନରେ ସାମିଲ ହେବାକୁ ସ୍ଲୋଗାନ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ନୃସିଂହ ଚରଣ ବେହେରା ସଭାପତିତ୍ୱ କରିଥିବାବେଳେ ବିଦ୍ୟାଳୟ ପ୍ରଧାନଶିକ୍ଷକ ସୌଭାଗ୍ୟ କୁମାର ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା ପରିବେଶ ସମ୍ପାଦକ ଶରତ ଚନ୍ଦ୍ର ସାହୁ ଯୋଗଦେଇ ଛାତ୍ରୀଛାତ୍ର ନିଜେ ଚାରାରୋପଣ କରିବା ସହ ଅନ୍ୟମାନଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ କରାଇପାରିଲେ ସମସ୍ତଙ୍କ ଲକ୍ଷ ସାଧିତ ହୋଇପାରିବ ବୋଲି ମତରଖିଥିଲେ। ମୁଖ୍ୟବକ୍ତାଭାବେ ଜିଲା ପରିବେଶ ସମିତିର ମୁଖ୍ୟ ପ୍ରଶିକ୍ଷକ ବିଷ୍ଣୁଚରଣ ସାହୁ, ସମ୍ମାନିତ ଅତିଥି ଭାବେ ଅଭୟ ଶତପଥୀ, ଅନିରୁଦ୍ଧ ମଲ୍ଲ, ମକରଧ୍ୱଜ ସାହୁ ଓ ବୈଷ୍ଣବ ଦାସ ପ୍ରମୁଖ ଯୋଗଦେଇ ବୃକ୍ଷର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସଙ୍ଗୀତ ଗୁରୁ ଗୋପୀନାଥ ଦାସଙ୍କ ନେତୃତ୍ୱରେ ଛାତ୍ରୀଛାତ୍ର ସଙ୍ଗୀତ ପରିବେଷଣ କରିଥିଲେ। ଚାରାରୋପଣ କରି ବରୀ ଅଞ୍ଚଳରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଅଶୋକ କୁମାର ସାହୁ, ମନମୋହନ ପାଢ଼ୀ ଓ ରବୀନ୍ଦ୍ର କୁମାର ନନ୍ଦଙ୍କୁ 'ଅଜାଣ ବନ ପ୍ରକୃତି ବନ୍ଧୁ' ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷକ ଉମାକାନ୍ତ ଦାସ, ଦୁର୍ଯ୍ୟୋଧନ ଜେନା, ଅହଲ୍ୟା ଦାସ, ଶୈଳବାଳା ଜେନା, ସ୍ମିତା ସାହୁ ଓ ପ୍ରତିଭା ବିଶ୍ୱାଳଙ୍କ ସମେତ ଓ ଛାତ୍ରୀଛାତ୍ର ସହଯୋଗ କରିଥିଲେ। ମିହିର ଜେନା ଧନ୍ୟବାଦ ଦେଇଥିଲେ।




ବନ ମହୋତ୍ସବରେ ସାମିଲ ହୋଇଥିବା ଅତିଥି।

## ସମ୍ବିଧାନ ବଞ୍ଚାଅ ସମାବେଶ ପାଇଁ ପ୍ରସ୍ତୁତି ବୈଠକ

ଚଣ୍ଡିଖୋଲ,୮।୭(ପ୍ରଦୀପ୍ତ କୁମାର ପୃଷ୍ଟି):

କଂଗ୍ରେସ ପକ୍ଷରୁ ଆସନ୍ତା ୧୧ ତାରିଖରେ ସମ୍ବିଧାନ ବଞ୍ଚାଅ ମହାସମାବେଶ ଅନୁଷ୍ଠିତ ହେବ। ଏନେଇ ବଡ଼ଚଣା କଂଗ୍ରେସ ପକ୍ଷରୁ ମଙ୍ଗଳବାର ଚଣ୍ଡିଖୋଲଠାରେ ଏକ ପ୍ରସ୍ତୁତି ବୈଠକ ବ୍ଲକ କଂଗ୍ରେସ ସଭାପତି ସୁରେଶ ଚନ୍ଦ୍ର ସାହାଣୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଡ଼ଚଣା କଂଗ୍ରେସ ନେତା ଅଜୟ କୁମାର ସାମଲ ଯୋଗଦେଇ କହିଛନ୍ତି, ଭୁବନେଶ୍ୱରଠାରେ ହେବାକୁ ଥିବା ସମ୍ବିଧାନ ବଞ୍ଚାଅ ସମାବେଶରେ କଂଗ୍ରେସର ରାଷ୍ଟ୍ରୀୟ ସଭାପତି ମଲ୍ଲିକାର୍ଜୁନ ଖାର୍ଗେ, ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ରାଷ୍ଟ୍ରୀୟ ସଂଗଠନ ସାଧାରଣ ସମ୍ପାଦକ କେସି ବେଣୁ ଗୋପାଳ ପ୍ରମୁଖ ଯୋଗଦେବେ। ତେଣୁ ବଡ଼ଚଣା କଂଗ୍ରେସ ପକ୍ଷରୁ ଏହାର ସଫଳତା ପାଇଁ ସବୁ ପ୍ରକାର ଚେଷ୍ଟା କରିବାକୁ କର୍ମୀମାନଙ୍କୁ ଅନୁରୋଧ କରିଥିଲେ। କଂଗ୍ରେସ ସେବା ଦଳର ଅଧ୍ୟକ୍ଷ ଶୁଭେନ୍ଦୁ ମହାନ୍ତି, ପରିବେଶ କମିଟି ଆବାହକ ସୁଧାଂଶୁ ଶେଖର ଦେଓ, ପୂର୍ବତନ ସରପଞ୍ଚ ନୀଳକଣ୍ଠ ମିଶ୍ର, ବିଳାସ ଚନ୍ଦ୍ର ବାରିକ, ଦେବେନ୍ଦ୍ର ସାମଲ, ସେକ ରିଆସତ ଅଲ୍ଲି, ସମିତିସଭ୍ୟ ଧର୍ମଜିତ ବଳ, ବିଶ୍ୱପ୍ରକାଶ ସାମଲ, ରମେଶ ଗଡନାୟକ, ସନ୍ତୋଷ ବଳ, ଚିନ୍ମୟ ପ୍ରଧାନ, ରବୀନ୍ଦ୍ର ରାଉତ, ଅଶୋକ ରାଉତ, ଚାନ୍ଦ ଖାଁ, ସୁଧୀର ଦାସ, ଜୟପ୍ରକାଶ ବିଶ୍ୱାଳ, ଅଶୋକ ବେହେରା, ଅକ୍ଷୟ ସ୍ୱାଇଁ, ସରୋଜ ଜେନା, ମହେଶ୍ୱର ମହାପାତ୍ର, ଅଚ୍ୟୁତାନନ୍ଦ ପଣ୍ଡା, ବୁଲା ମଲ୍ଲିକ ପ୍ରମୁଖ ଶତାଧିକ କର୍ମୀ ଯୋଗଦେଇ ଆଲୋଚନା କରିଥିଲେ। ଶ୍ରୀକାନ୍ତ କୁମାର ମଲ୍ଲିକ ଧନ୍ୟବାଦ ଦେଇଥିଲେ।

## ଧର୍ମଘଟରେ ସହଯୋଗ ପାଇଁ ଟ୍ରେଡ୍ ୟୁନିୟନର ନିବେଦନ

ଯାଜପୁରରୋଡ୍,୮।୭ (ପବିତ୍ର ରଞ୍ଜନ ମହାନ୍ତି):

ଶ୍ରମିକ, କର୍ମଚାରୀଙ୍କ ୧୭ଦଫା ଦାବି ନେଇ ମିଳିତ ଟ୍ରେଡ୍ ୟୁନିୟନ ପକ୍ଷରୁ ବୁଧବାର ଧର୍ମଘଟ କରାଯିବ। ଏହାକୁ ସଫଳ କରିବା ପରିପ୍ରେକ୍ଷୀରେ ମଙ୍ଗଳବାର ସ୍ଥାନୀୟ ଗୋପବନ୍ଧୁ ଛକଠାରେ ଏକ ପ୍ରସ୍ତୁତି ସଭା ଅନୁଷ୍ଠିତ ହୋଇଯାଇଛି। ସକାଳ ୮ଟାରେ ଯାଜପୁରରୋଡ୍ ରେଳ ଷ୍ଟେସନ ସମ୍ମୁଖରୁ ଏକ ବିରାଟ ପଟୁଆର ବାହାରି ସହରର ମୁଖ୍ୟ ରାସ୍ତା ଦେଇ ଚୋରଦା ବାଇପାସ ନିକଟରେ ପହଞ୍ଚିବ। ପରେ ସେଠାରେ ସାଧାରଣ ଧର୍ମଘଟ ଅନୁଷ୍ଠିତ ହେବ ବୋଲି ଟ୍ରେଡ୍ ୟୁନିୟନ ପକ୍ଷରୁ ସୂଚନା ଦିଆଯାଇଛି। ସହରର ସମସ୍ତ ସରକାରୀ, ବେସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ, ବ୍ୟାବସାୟିକ ଅନୁଷ୍ଠାନ ଓ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରଖିବାକୁ ନିବେଦନ କରାଯାଇଛି। ଶ୍ରମିକ ନେତା ବିଦ୍ୟାଧର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସିଆଇଟିୟୁର ଜିଲା ସଭପତି ପ୍ରଫୁଲ୍ଲ ନାୟକ, ୟୁଟିୟୁସିର ଜିଲା ସମ୍ପାଦକ ସୁରେଶ ପ୍ରଧାନ, ଆଇଏନଟିୟୁସିର ବିଦ୍ୟାଧର ଯେନା, ଶ୍ରମିକ ନେତା ରାଜକିଶୋର ମହାନ୍ତ, ବିଜୟ ମଳିକ, ତ୍ରିଲୋଚନ ରାଉତ ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧୀ ନୀତିକୁ ସମଲୋଚନା କରିଥିଲେ।




ମିଳିତ ଟ୍ରେଡ୍ ୟୁନିୟନ ପକ୍ଷରୁ ଗୋପବନ୍ଧୁ ଛକଠାରେ ସଭା କରାଯାଉଛି।

## ଧର୍ମଘଟ ସଫଳ କରିବାକୁ ଅନୁରୋଧ

ଯାଜପୁର ଟାଉନ,୮।୭ (ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି)

୧୦ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସ୍ୱାଧୀନ ଫେଡେରେସନର ମିଳିତ ଉଦ୍ୟମରେ କେନ୍ଦ୍ର ସରକାରଙ୍କୁ ଦିଆଯାଇଥିବା ୧୭ଦଫା ଦାବିକୁ ନେଇ ବୁଧବାର ସର୍ବଭାରତୀୟ ଧର୍ମଘଟ ଡାକରା ଦିଆଯାଇଛି। ଏହାକୁ ସଫଳ କରିବା ପାଇଁ ଶ୍ରମିକ ନେତା ରାମଚନ୍ଦ୍ର ଖୁଣ୍ଟିଆ ମଙ୍ଗଳବାର ଏକ ବୈଠକରେ ଅନୁରୋଧ କରିଛନ୍ତି।

ସେ କହିଛନ୍ତି, ଦରଦାମ ନିୟନ୍ତ୍ରଣ, ଚାଷୀଙ୍କ ଧାନ ଓ ଶସ୍ୟଜାତୀୟ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ନିର୍ଦ୍ଧାରଣ ପାଇଁ ଆଇନ ପ୍ରଣୟନ କରିବା, ୪ଟି ଶ୍ରମ କୋର୍ଡ ପ୍ରତ୍ୟାହାର, ପୁରୁଣା ପେନ୍‌ସନ୍ ଲାଗୁ କରିବା, ଭବିଷ୍ୟନିଧି ପେନସନ ମାସିକ ୯୦୦୦ ଟଙ୍କା ସର୍ବନିମ୍ନ ନିର୍ଦ୍ଧାରଣ କରିବା, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ବର୍ଷକୁ ୨୦୦ ଦିନ କାର୍ଯ୍ୟ ଓ ଦୈନିକ ମଜୁରି ୬୦୦ ଟଙ୍କା ଘୋଷଣା କରିବା, ସରକାରୀ ଉଦ୍ୟୋଗଗୁଡ଼ିକୁ ଘରୋଇକରଣ ବନ୍ଦ କରିବା, ମନଇଚ୍ଛା ବିଦ୍ୟୁତ ଦର ବୃଦ୍ଧି ନ କରିବା, ପ୍ରବାସୀ ଶ୍ରମିକଙ୍କ ସାମାଜିକ ସୁରକ୍ଷା, ସମସ୍ତ ଅସଂଗଠିତ ଶ୍ରମିକଙ୍କୁ ପ୍ରୋଭିଡେଣ୍ଟ ଫଣ୍ଡ ଇଏସ୍‌ଆଇରେ ଅନ୍ତର୍ଭୁକ୍ତ କରିବା, ସରକାରୀ ଓ ବେସରକାରୀ ସଂସ୍ଥାରେ ଠିକା ଏବଂ ଅସ୍ଥାୟୀ ରୂପେ କାର୍ଯ୍ୟ କରୁଥିବା ଶ୍ରମଜୀବୀଙ୍କୁ ସ୍ଥାୟୀ ନିଯୁକ୍ତି ଦେବା, ସୁକିନ୍ଦା ଅଞ୍ଚଳରେ ସ୍ଥାୟୀ ନିଯୁକ୍ତି ଓ ଠିକା ଶ୍ରମିକମାନଙ୍କୁ ସ୍ଥାୟୀ ନିଯୁକ୍ତି ଆଦି ଦାବିରେ ଏହି ଆନ୍ଦୋଳନ କରାଯିବ। କଂଗ୍ରେସ ସମେତ ବାମପନ୍ଥୀ ଦଳ ଏହି ଆନ୍ଦୋଳନକୁ ସମର୍ଥନ କରୁଥିବାରୁ ଯାଜପୁର ଜିଲାର ସମସ୍ତ ଶ୍ରମିକ, କର୍ମଚାରୀ ସକାଳ ୬ରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ଧର୍ମଘଟ ଜାରି ରଖିବାକୁ ଖୁଣ୍ଟିଆ କହିଛନ୍ତି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଧର ମହାନ୍ତି, ସନ୍ତୋଷ ନନ୍ଦ, ଦୀନବନ୍ଧୁ ଖୁଣ୍ଟିଆ, ରାଜେଶ ସାହୁ, ଜଗବନ୍ଧୁ ନାୟକ, ନିରଞ୍ଜନ ପରିଡ଼ା, ନାରାୟଣ ନାୟକ ଓ ବିଜୟ ଦୈତାରି ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଥମ ଦିନରେ ନାମ ଲେଖାଇଲେ ୬୩୬ ଛାତ୍ରୀଛାତ୍ର

**ଯୁକ୍ତ ୨ ପ୍ରଥମ ପର୍ଯ୍ୟାୟ ନାମଲେଖା ଆରମ୍ଭ**

ଧର୍ମଶାଳା,୮।୭(ବଟକୃଷ୍ଣ ପରିଡ଼ା):

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷା ପାଇଁ ପ୍ରଥମ ପର୍ଯ୍ୟାୟ ନାମଲେଖା ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଧର୍ମଶାଳା ବ୍ଲକର ୯ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳା, ବିଜ୍ଞାନ, ବାଣିଜ୍ୟରେ ମୋଟ୍ ୨୫୧୨ ସିଟ୍ ଥିବାବେଳେ ପ୍ରଥମ ଦିନରେ ୬୩୬ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ୯୪୧ଜଣଙ୍କୁ ନାମ ଲେଖାଇବା ପାଇଁ ସୂଚନା ଦିଆଯାଇଥିଲା। ଧର୍ମଶାଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ କଟଅଫ୍ ମାର୍କ ୫୬.୩୩% ଥିବାବେଳେ ୭୫ଜଣଙ୍କୁ ନାମ ଲେଖାଇବା ପାଇଁ ସୂଚନା ଦିଆଯାଇଥିଲା। ସେଥିମଧ୍ୟରୁ ୬୩ଜଣ ନାମଲେଖାଇଛନ୍ତି। ବିଜ୍ଞାନରେ କଟଅଫ୍ ମାର୍କ ୬୪.୨୦% ଥିବାବେଳେ ୭୫ଜଣଙ୍କୁ ନାମ ଲେଖାଇବା ପାଇଁ ସୂଚନା ଦିଆଯାଇଥିଲା। ସେଥିମଧ୍ୟରୁ ୪୨ଜଣ ନାମଲେଖାଇଛନ୍ତି। ବାଣିଜ୍ୟରେ କଟଅଫ୍ ମାର୍କ ୪୯.୫୧% ଥିବାବେଳେ ୧୦ଜଣଙ୍କୁ ନାମ ଲେଖାଇବା ପାଇଁ ସୂଚନା ଦିଆଯାଇଥିଲା। ସେଥିମଧ୍ୟରୁ ୬ ଜଣ ନାମଲେଖାଇଛନ୍ତି। ରେନେସା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ କଟଅଫ୍ ମାର୍କ ୩୯% ଥିବାବେଳେ ୩୦ଜଣଙ୍କୁ ନାମ ଲେଖାଇବା ପାଇଁ ସୂଚନା ଦିଆଯାଇଥିଲା। ସେଥିମଧ୍ୟରୁ ୧୦ ଜଣ ନାମଲେଖାଇଛନ୍ତି। ବିଜ୍ଞାନରେ କଟଅଫ୍ ମାର୍କ ୪୬% ଥିବା ବେଳେ ୬୦ଜଣଙ୍କୁ ନାମ ଲେଖାଇବା ପାଇଁ ସୂଚନା ଦିଆଯାଇଥିଲା। ସେଥିମଧ୍ୟରୁ ୪୬ ଜଣ ନାମଲେଖାଇଛନ୍ତି। ମୁକୁନ୍ଦପାତ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଟଅଫ୍ ମାର୍କ ୫୦% ଥିବାବେଳେ ୭୫ଜଣଙ୍କୁ ନାମ ଲେଖାଇବା ପାଇଁ ସୂଚନା ଦିଆଯାଇଥିଲା। ସେଥିମଧ୍ୟରୁ ୪୫ ଜଣ ନାମଲେଖାଇଛନ୍ତି। ବିଜ୍ଞାନରେ କଟଅଫ୍ ମାର୍କ ୩୮% ଥିବାବେଳେ ୭୫ଜଣଙ୍କୁ ନାମ ଲେଖାଇବା ପାଇଁ ସୂଚନା ଦିଆଯାଇଥିଲା। ସେଥିମଧ୍ୟରୁ ୪୦ ଜଣ ନାମଲେଖାଇଛନ୍ତି। ଜଗନ୍ନାଥ ଜୀଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ କଟଅଫ୍ ମାର୍କ ୩୩% ଥିବାବେଳେ ୭୫ଜଣଙ୍କୁ ନାମ ଲେଖାଇବା ପାଇଁ ସୂଚନା ଦିଆଯାଇଥିଲା। ସେଥିମଧ୍ୟରୁ ୫୦ ଜଣ ନାମଲେଖାଇଛନ୍ତି। ବିଜ୍ଞାନରେ କଟଅଫ୍ ମାର୍କ ୫୭.୩୩% ଥିବାବେଳେ ୬୪ଜଣଙ୍କୁ ନାମ ଲେଖାଇବା ପାଇଁ ସୂଚନା ଦିଆଯାଇଥିଲା। ସେଥିମଧ୍ୟରୁ ୬୦ ଜଣ ନାମଲେଖାଇଛନ୍ତି। ବଜ୍ରଗିରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ କଟଅଫ୍ ମାର୍କ ୪୮% ଥିବାବେଳେ ୭୫ ଜଣଙ୍କୁ ନାମ ଲେଖାଇବା ପାଇଁ ସୂଚନା ଦିଆଯାଇଥିଲା। ସେଥିମଧ୍ୟରୁ ୬୦ଜଣ ନାମଲେଖାଇଛନ୍ତି। ବିଜ୍ଞାନରେ କଟଅଫ୍ ମାର୍କ ୬୧% ଥିବାବେଳେ ୭୫ଜଣଙ୍କୁ ନାମ ଲେଖାଇବା ପାଇଁ ସୂଚନା ଦିଆଯାଇଥିଲା। ସେଥିମଧ୍ୟରୁ ୩୦ ଜଣ ନାମଲେଖାଇଛନ୍ତି।

ଜେନାପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ କଟଅଫ୍ ମାର୍କ ୪୦% ଥିବାବେଳେ ୭୫ଜଣଙ୍କୁ ନାମ ଲେଖାଇବା ପାଇଁ ସୂଚନା ଦିଆଯାଇଥିଲା। ସେଥିମଧ୍ୟରୁ ୪୮ ଜଣ ନାମଲେଖାଇଛନ୍ତି। ଧର୍ମଶାଳା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ କଟଅଫ୍ ମାର୍କ ୪୬.୩୩% ଥିବା ବେଳେ ୭୫ଜଣଙ୍କୁ ନାମ ଲେଖାଇବା ପାଇଁ ସୂଚନା ଦିଆଯାଇଥିଲା। ୫୪ ଜଣ ନାମଲେଖାଇଛନ୍ତି। ଗୋକର୍ଣ୍ଣିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଜ୍ଞାନରେ କଟଅଫ୍ ମାର୍କ ୫୦.୬୭% ଥିବାବେଳେ ୨୯ଜଣଙ୍କୁ ନାମ ଲେଖାଇବା ପାଇଁ ସୂଚନା ଦିଆଯାଇଥିଲା। ସେଥିରୁ ୧୫ ଜଣ ନାମଲେଖାଇଛନ୍ତି। ଜିନିତ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଜ୍ଞାନରେ କଟଅଫ୍ ମାର୍କ ୪୫% ଥିବାବେଳେ ୭୩ ଜଣଙ୍କୁ ନାମ ଲେଖାଇବା ପାଇଁ ସୂଚନା ଦିଆଯାଇଥିଲା। ସେଥିମଧ୍ୟରୁ ୬୭ ଜଣ ନାମଲେଖାଇଥିବା ସମ୍ପୃକ୍ତ ବିଦ୍ୟାଳୟର ଅଧ୍ୟକ୍ଷମାନେ ସୂଚନା ଦେଇଛନ୍ତି। ପ୍ରଥମ ପଯ୍ୟାୟ ନାମଲେଖା ୧୪ତାରିଖ ପର୍ଯ୍ୟନ୍ତ ଚାଲିବ। ଦ୍ୱିତୀୟ ପର୍ଯ୍ୟାୟ ମେଧା ତାଲିକା ଆସନ୍ତା ୨୧ତାରିଖରେ ପ୍ରକାଶ ପାଇବ ବୋଲି ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପ୍ରଥମ ପର୍ଯ୍ୟାୟ ନାମଲେଖା ପାଇଁ ସୋମବାର

## ଆବଶ୍ୟକ ସାମଗ୍ରୀ, ଶୁଖିଲା ଖାଦ୍ୟ ମହଜୁଦ ରଖିବାକୁ ନିର୍ଦ୍ଦେଶ

**ଜିଲା ପ୍ରଶାସନର ବନ୍ୟା ମୁକାବିଲା ସମୀକ୍ଷା ବୈଠକ**

ଯାଜପୁର ଟାଉନ,୮।୭ (ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି):




ବନ୍ୟା ମୁକାବିଲା ସମୀକ୍ଷା ବୈଠକରେ ଜିଲାପାଳ ଓ ଅନ୍ୟ ଅଧିକାରୀ।

ଯାଜପୁର ଜିଲାରେ ବନ୍ୟାଜଳ ପ୍ରବାହକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ମଙ୍ଗଳବାର ଅପରାହ୍ନରେ ଓସ୍ୱାନ ଭିସି କକ୍ଷଠାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ବୈଠକରେ ନାନା ପଦକ୍ଷେପ ଗ୍ରହଣ କରାଯାଇଛି। ଜିଲାପାଳ କହିଛନ୍ତି, ବନ୍ୟା ପରିସ୍ଥିତିରେ ୨୪ଘଣ୍ଟିଆ ନିୟନ୍ତ୍ରଣ କକ୍ଷ କାର୍ଯ୍ୟ କରିବ। ଦକ୍ଷତା ସମ୍ପନ୍ନ ଅଗ୍ନିଶମ, ବିଦ୍ୟୁତ୍ ଓ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀଙ୍କ ଫୋନ ନମ୍ବର ନିୟନ୍ତ୍ରଣ କକ୍ଷରେ ରହିବ। ବହୁମୁଖି ବାତ୍ୟା ଆଶ୍ରୟସ୍ଥଳୀଗୁଡ଼ିକରେ ଆବଶ୍ୟକ ସାମଗ୍ରୀ ପ୍ରସ୍ତୁତ ରହିବ। ଜଳପ୍ରବାହ ସ୍ଥିତି ସମ୍ପର୍କରେ ଜନସାଧାରଣଙ୍କୁ ସମସ୍ତ ତଥ୍ୟ ପ୍ରଦାନ କରାଯିବ। ବନ୍ୟା ସମୟରେ କେହି ମାଛ ଧରିବାକୁ ନଦୀକୁ ଯାଇପାରିବେ ନାହିଁ। ତଳିଆ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କୁ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ ଓ ଅସ୍ଥାୟୀ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯିବ। ପଞ୍ଚାୟତସ୍ତରରେ ରିଲିଫ ଅଧିକାରୀ ବିଡିଓମାନେ ନିୟୋଜିତ କରିବେ। ବନ୍ୟା ପୂର୍ବରୁ ଆବଶ୍ୟକ ସାମଗ୍ରୀ ଏବଂ ଶୁଖିଲା ଖାଦ୍ୟ ମହଜୁଦ ରଖିବାକୁ ଜିଲାପାଳ ଜିଲା ଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସ୍କୁଲକୁ ଅସ୍ଥାୟୀ ଆଶ୍ରୟସ୍ଥଳୀ ଚିହ୍ନଟ କରାଯିବ। ପ୍ରତି ପଞ୍ଚାୟତରେ ଜଣେ ନୋଡାଲ ଅଧିକାରୀ ରହିବେ ଏବଂ ସେମାନେ ପରିସ୍ଥିତିକୁ ଅନୁଧ୍ୟାନ କରି ସ୍କୁଲଗୁଡ଼ିକୁ ଖୋଲିବା ସହିତ ଆବଶ୍ୟକ ବ୍ୟବସ୍ଥା କରିବେ। ବ୍ଲକସ୍ତରରେ ବିଡିଓମାନେ ବୈଠକ କରିବେ। ଏଥିରେ ପଞ୍ଚାୟତ ପ୍ରତିନିଧିମାନଙ୍କୁ ଅନ୍ତର୍ଭୁକ୍ତ କରିବେ। ଆବଶ୍ୟକ ସ୍ଥଳେ ରାଜ୍ୟ ସରକାରଙ୍କ ରିଲିଫ କୋଡ ଅନୁଯାୟୀ ଶୁଖିଲା ଖାଦ୍ୟ ଏବଂ ରନ୍ଧା ଖାଦ୍ୟ ଯୋଗାଇ ଦିଆଯିବ।

ରାଜ୍ୟ ସରକାର ବନ୍ୟା ସ୍ଥିତିରେ ଜିରୋ କାଜୁୟାଲିଟିକୁ ପ୍ରାଥମିକତା ଦେଉଛନ୍ତି। ତେଣୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସାପ କାମୁଡ଼ା ଔଷଧ ମହଜୁଦ ରଖିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଓଡ୍ରାଫ ଏବଂ ଏନ୍‌ଡିଆରଏଫ୍ ଟିମ୍‌କୁ ବ୍ଲକ୍ ପଏଣ୍ଟରେ ରହିବା ବ୍ୟବସ୍ଥା କରାଯିବ। ସାମାଜିକ ସଂଗଠନ, ଏନ୍‌ଜିଓ, ପିଆରଆଇ ମେମ୍ବରଙ୍କୁ ମଧ୍ୟ କାର୍ଯ୍ୟରେ ଅନ୍ତର୍ଭୁକ୍ତ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଲଗାଣ ବର୍ଷାରେ ରାସ୍ତାରେ ହୋଇଥିବା ଗର୍ତ୍ତ ମରାମତି କରିବାକୁ ଆର୍‌ଆଣ୍ଡ୍‌ବିକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ସେହିପରି ଡିସଇନ୍‌ଫେକ୍ସନ୍ ପ୍ରକ୍ରିୟା ଚାଲୁ ରହିବ ବୋଲି ଜିଲାପାଳ କହିଛନ୍ତି। ବ୍ରାହ୍ମଣୀରେ ବନ୍ୟା ଆସିଲେ ବରୀ, ବିଞ୍ଝାରପୁର, ବଡ଼ଚଣା ଓ ରସୁଲପୁର ବ୍ଲକ୍ କ୍ଷତିଗ୍ରସ୍ତ ହେବ। ସେହିପରି ବୈତରଣୀ ନଦୀରେ ବନ୍ୟା ଆସିଲେ କୋରେଇ, ଯାଜପୁର, ଦଶରଥପୁର ଆଦି କ୍ଷତି ଗ୍ରସ୍ତ ହେବ। ତେଣୁ ଏହି ସବୁ ଅଞ୍ଚଳକୁ ବିଶେଷ ଧ୍ୟାନ ଦେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ବୈଠକରେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ଶିବାନନ୍ଦ ସ୍ୱାଇଁ, ଅତିରିକ୍ତ ଜିଲାପାଳ(ପ୍ରଶାସନ) ଯୁଧିଷ୍ଠିର ନାୟକ ଓ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆଙ୍କ ସମେତ ସମସ୍ତ କ୍ଷେତ୍ରୀୟ ଅଧିକାରୀ, ମଣ୍ଡଳ ଉନ୍ନୟନ ଅଧିକାରୀ ଏବଂ ତହସିଲଦାର ଉପସ୍ଥିତ ରହି ବନ୍ୟା ସମ୍ପର୍କିତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ମଦ କାରବାର ବନ୍ଦ ଦାବିରେ ଶୋଭାଯାତ୍ରା



ଶୋଭାଯାତ୍ରାରେ ସାମିଲ ହୋଇଥିବା ମହିଳା ଓ ପୁରୁଷମାନେ।

## ରାଢ଼ଙ୍ଗ ଅଞ୍ଚଳର ମଦ ବିରୋଧୀ ମାତୃ ମଣ୍ଡଳୀ ପକ୍ଷରୁ ଗଣ ନିବେଦନ

ଜଗତ୍‌ସିଂହପୁର, ୮।୭ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଜିଲା କୁହେଁ ସାରା ରାଜ୍ୟରେ ନକଲି, ଚୋରା ଓ ସରକାରୀ ମଦ କାରବାର ବନ୍ଦ ଦାବିରେ ରାଜରାସ୍ତାକୁ ଓହ୍ଲାଇଛନ୍ତି ରଘୁନାଥପୁର ବ୍ଲକ ଅନ୍ତର୍ଗତ ରାଢ଼ଙ୍ଗ ପଞ୍ଚାୟତର ମଦ ବିରୋଧୀ ମାତୃ ମଣ୍ଡଳୀ। ପୂର୍ବତନ ସରପଞ୍ଚ ଦେବୀ ପ୍ରସାଦ ମହାରଣାଙ୍କ ନେତୃତ୍ୱରେ ଶତାଧିକ ମହିଳା ଜଗତ୍‌ସିଂହପୁର ସହରସ୍ଥିତ ଚର୍ଚ୍ଚିକା ବଜାରରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଗଣ ନିବେଦନ ଶୋଭାଯାତ୍ରା କରି ନିଆରା ବାର୍ତ୍ତା ଦେଇଛନ୍ତି। ଶୋଭାଯାତ୍ରାରେ ଆଡଭୋକେଟ ବାସୁଦେବ, ନବନିର୍ମାଣ କୃଷକ ସଂଗଠନ ରାଜ୍ୟ ସହ ସଂଯୋଜକ ରଶ୍ମି ରଞ୍ଜନ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ବର୍ତ୍ତମାନ ମଦ ଯୋଗୁ ସୃଷ୍ଟି ହେଉଥିବା ଅଭାବନୀୟ ଘଟଣା ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ସେମାନେ କହିଥିଲେ, ଭାରତ ଭଳି ଏକ ଜନମଙ୍ଗଳକାରୀ ସାମ୍ବିଧାନିକ ରାଷ୍ଟ୍ରରେ ମଦକୁ ପ୍ରୋତ୍ସାହନ ଦିଆଯିବା ଯେତିକି ଦୁଃଖଦାୟକ ସେତିକି ଯନ୍ତ୍ରଣାଦାୟକ। ସଭ୍ୟ, ଶିକ୍ଷିତ ଓ ସଚେତନ ନାଗରିକ ଏହାକୁ ତୀବ୍ର ବିରୋଧ କରିବା କଥା। କିନ୍ତୁ ଦୁଃଖର କଥା ହେଲା ପ୍ରଶାସକମାନଙ୍କ ଜ୍ଞାତସାରରେ ନକଲି, ଚୋରା ମଦ ବିକ୍ରି ବୃଦ୍ଧି ପାଉଥିବାରେ ଲାଗିଛି, ଯାହା ଚିନ୍ତାର କାରଣ ହୋଇଛି। ଅତୀତରେ ରାଢ଼ଙ୍ଗ ପଞ୍ଚାୟତରେ ମଦ ମୃତ୍ୟୁ ଘଟିଛି। କେବଳ ଏତିକି ନୁହେଁ ରାଜ୍ୟରେ ମଦ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ସମ୍ପ୍ରତ ପରିସ୍ଥିତିକୁ ଏଡ଼ାଇବା ପାଇଁ ଶୋଭାଯାତ୍ରା ଓ ସଭା ମାଧ୍ୟମରେ ସଚେତନ କରାଯିବ। ମାସେ ମଧ୍ୟରେ ମଦ ବିକ୍ରି ବନ୍ଦ ନ ହେଲେ ଅର୍ଥନୈତିକ ଅବରୋଧ ଭଳି ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଆଗାମୀ ଦିନରେ ମଦ ବିରୋଧୀ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ଆଡଭୋକେଟ ବାସୁଦେବ ଚେତାବନୀ ଦେଇଛନ୍ତି। ଏ ପରିସ୍ଥିତିରେ ସରକାର ତୁରନ୍ତ ନକଲି, ଚୋରା ସହ ସରକାରୀ ମଦ ବିକ୍ରି ବନ୍ଦ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ଆହ୍ୱାନ ଦିଆଯାଇଛି। ଏହିଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଶାରଦା ପ୍ରସାଦ ଜେନା ଆନ୍ଦୋଳନକାରୀ ମାତୃ ମଣ୍ଡଳୀଙ୍କୁ ସାଧୁବାଦ ଜଣାଇଥିଲେ। ଶୋଭାଯାତ୍ରାରେ ସୁଜାତା ବେହେରା, ଶୋଭାରାଣୀ ରାଉତ, ସୁମିତ୍ରା ରାଉତ, ପୁଷ୍ପଲତା ଜେନା, କାନ୍ତିବାଳା ପାଳ, ସୁଜାତା ଦାସ, ସାଗରିକା ଜେନା, ସୁଚିରେଖା ନାୟକ, ବିନୋଦିନୀ ମହାନ୍ତି, ରୋଜାଲିନ ଜେନା, ବନିତା ଦାସ, ସବିତା ସେଠୀ, ନିହାରିକା ବାରିକ, ମିନତି ମହାରଣା, ବନ୍ଦିତା ଜେନା ଓ ବୀଣାପାଣି ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ସେପ୍ଟେମ୍ବର ୧୭ରୁ ୨୩ ପର୍ଯ୍ୟନ୍ତ ପୂଜା ହେବ

## ପାରାଦୀପର ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ


ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

ପାରାଦୀପ, ୮।୭ (ଶରତ ରାଉତ)

ବନ୍ଦର ସହର ପାରାଦୀପର ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ମହୋତ୍ସବ ପାଇଁ ମଙ୍ଗଳବାର ଅପରାହ୍ଣରେ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବନ୍ଦର ପ୍ରଶାସନିକ ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ବନ୍ଦର ଓ ଜିଲା ପ୍ରଶାସନିକ ଅଧିକାରୀ, ପୂଜା କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ। ଚଳିତବର୍ଷ ସେପ୍ଟେମ୍ବର ୧୭ରୁ ୨୩ ପର୍ଯ୍ୟନ୍ତ ୭ ଦିନ ଧରି ମହୋତ୍ସବ ହେବ। ଏଥିରେ କେଉଁ ବିଭାଗ କିପରି ପଦକ୍ଷେପ ନେବେ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ବିଶେଷକରି ପୂଜା ମଣ୍ଡପ ଅଞ୍ଚଳରେ ସିସିଟିଭି କ୍ୟାମେରା ରଖିବା, ଯାତାୟାତ ସୁଗମ ପାଇଁ ପୋଲିସର ବାରିକେଡ଼, ପିଏଚଡି ବିଭାଗ ପକ୍ଷରୁ ପାଣି ବ୍ୟବସ୍ଥା କରିବା, ଆରଆଣ୍ଡବି ପକ୍ଷରୁ ଭିତ୍ତିଭୂମି ବିକାଶ କରିବା, ବିଦ୍ୟୁତ ବିଭାଗର ସଂଯୋଗୀକରଣ ଆଦି ଉପରେ ଆଲୋଚନା ହୋଇଥିଲା। ଏଥିରେ ବନ୍ଦର ଉପ ସଚିବ କେ. ଥିରୁମୋଲାଇ, ସମ୍ପଦ ଅଧିକାରୀ ବିଶ୍ୱଜିତ ମିଶ୍ର, ଏଏସପି ସୁଚିରଞ୍ଜନ କର, ପୋର୍ଟ ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଚଳିତ ବର୍ଷ ୨ ମାସ ପୂର୍ବରୁ ଏହା ଆୟୋଜନ ହୋଇଛି। ପୁଣି ଥରେ ଜିଲା ପ୍ରଶାସନ ପକ୍ଷରୁ ଆଇନଶୃଙ୍ଖଳା ଉପରେ ବୈଠକ ହେବ ବୋଲି କୁହାଯାଇଛି।

# ରାଜସ୍ୱ ଅମଳା ପିନ୍ଧିଲେ କଳାବ୍ୟାଜ

ଜଗତ୍‌ସିଂହପୁର, ୮।୭ (ପ୍ରମୋଦ କୁମାର ନାୟକ)

ରାଜସ୍ୱ ଅମଳା ସଂଘ ନିଷ୍ପତ୍ତି ଅନୁଯାୟୀ, ୧୦ ଦଫା ଦାବିରେ ଜଗତ୍‌ସିଂହପୁର ଜିଲା ରାଜସ୍ୱ ଅମଳା ସଂଘର ସଦସ୍ୟମାନେ କଳାବ୍ୟାଜ ପିନ୍ଧିଛନ୍ତି। ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବ ପ୍ରତିବାଦରେ ସେମାନେ ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ଏଭଳି ପ୍ରତିବାଦ କରିବେ। ଦାବି ପୂରଣ ନ ହେଲେ ୧୪ ତାରିଖରୁ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଜିଲା ରାଜସ୍ୱ ସଂଘ ସଭାପତି ନିହାର ରଞ୍ଜନ ଦାସ ସୂଚନା ଦେଇଛନ୍ତି। ସେ କହିଛନ୍ତି ଜିଲାସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଳାମାନଙ୍କ ମୂଳ ଦରମା (ଓଆରଏସ୍‌ପି-୨୦୧୭ ନିୟମ ଅନୁଯାୟୀ ଲେବେଲ-୯କୁ) ବୃଦ୍ଧି କରାଯାଉ। ଜିଲାପାଳଙ୍କ ଦ୍ୱାରା ପ୍ରସ୍ତୁତ ତଥ୍ୟକୁ ଆଧାର କରି ନୂତନ ପଦବୀ ସୃଷ୍ଟି ଓ ପଦବୀଗୁଡ଼ିକ ପୁର୍ନଗଠନ କରାଯାଉ, ଯାହାଦ୍ୱାରା ସମସ୍ତ କାର୍ଯ୍ୟାଳୟରେ ଆବଶ୍ୟକ ମୁତାବକ ପଦବୀ ସୃଷ୍ଟି ହୋଇପାରିବ। ରାଜ୍ୟରେ କାର୍ଯ୍ୟରତ ସରକାରୀ କର୍ମଚାରୀଙ୍କ କ୍ଷେତ୍ରରେ ସ୍ୱାସ୍ଥ୍ୟ ବୀମା ସୁବିଧା ଲାଗୁ ସହ ୨୦୨୦ ମସିହାରେ ଲାଗୁ ପୁନଃ ଅଧିଆନ ଯୋଜନାର ନିୟମାବଳୀକୁ ଉଚ୍ଛେଦ କରାଯାଉ। ୧୯୯୦ ମସିହାରେ ଲାଗୁ ନିୟମାବଳୀ ଅନୁଯାୟୀ ମୃତ ସରକାରୀ କର୍ମଚାରୀଙ୍କ ପରିବାରର ଯେକୌଣସି ଜଣେ ସଦସ୍ୟଙ୍କୁ ଯୋଗ୍ୟତା ଭିତ୍ତିରେ ନିଯୁକ୍ତି ଦିଆଯାଉ। ରାଜସ୍ୱ ସେବା ପଦ୍ଧତିରେ ରାଜସ୍ୱ ଅମଳାମାନଙ୍କୁ ଶତପ୍ରତିଶତ ପଦୋନ୍ନତି କରାଯାଉ। ନୂତନ ପେନସନ ଯୋଜନାକୁ ରଦ୍ଦ କରି ସମସ୍ତ ସରକାରୀ କର୍ମଚାରୀଙ୍କୁ ପୁରାତନ ପେନସନ ଯୋଜନାରେ ଅନ୍ତର୍ଭୁକ୍ତ ଭଳି ଦାବି ପୂରଣ ପାଇଁ ଓଡ଼ିଶା ରାଜସ୍ୱ ଅମଳା ସଂଘ ନିଷ୍ପତ୍ତି ନେଇଥିଲା। ଏହାବାଦ ରାଜ୍ୟ ସରକାରଙ୍କ ସହ ସଂଘ ପକ୍ଷରୁ ବିଭିନ୍ନ ସମୟରେ ପତ୍ରାଳାପ ସହ ଆଲୋଚନା କରାଯାଇଥିଲା। କିନ୍ତୁ କିଛି ଫଳ ନ ମିଳିବାରୁ ସଂଘ ନିଷ୍ପତ୍ତିରେ ଅଟଳ ରହିଥିଲା। ଏହି ଆଧାରରେ ଜୁନ ୨୫ ତାରିଖରେ ସଂଘ ଜିଲା ଶାଖା ପକ୍ଷରୁ ଏହି ୧୦ ଦଫା ଦାବିପତ୍ର ଜିଲାପାଳଙ୍କ ଜରିଆରେ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା। ଯଦି ୧୫ଦିନ ମଧ୍ୟରେ ରାଜ୍ୟ ସରକାର ଦାବି ପୂରଣ ନ କରନ୍ତି ତେବେ ଜୁଲାଇ ୭ରୁ ୧୧ ତାରିଖ ପର୍ଯ୍ୟନ୍ତ ସଂଘ ସଭ୍ୟମାନେ କଳା ବ୍ୟାଜ ପିନ୍ଧିବେ ବୋଲି ସ୍ଥିର ହୋଇଥିଲା। ପୂର୍ବ ନିର୍ଦ୍ଧାରିତ ନିଷ୍ପତ୍ତି ଅନୁଯାୟୀ ଜିଲାର ରାଜସ୍ୱ ଅମଳାମାନେ କଳାବ୍ୟାଜ ପରିଧାନ କରି ସରକାରଙ୍କ ଚରମ ଅବହେଳାକୁ ବିରୋଧ କରିଛନ୍ତି। ଏଥିରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମେତ ଉପଜିଲାପାଳ, ସମସ୍ତ ତହସିଲ, ବ୍ଲକ, ଶିଶୁ ବିକାଶ ପ୍ରକଳ୍ପ ଓ ଜିଲା ପରିଷଦ ଆଦି କାର୍ଯ୍ୟାଳୟରେ କାର୍ଯ୍ୟରତ ରାଜସ୍ୱ ଅମଳାମାନେ କଳାବ୍ୟାଜ ପରିଧାନ କରିଥିବା ଦେଖିବାକୁ ମିଳିଥିଲା।



ଅମଲାମାନେ କଳା ବ୍ୟାଜ ପିନ୍ଧି ଆନ୍ଦୋଳନ କରୁଛନ୍ତି।

# ୭ ଦଫା ଦାବି ନେଇ ଡ୍ରାଇଭର ମହାସଂଘର ଆନ୍ଦୋଳନ


ରଘୁନାଥପୁରଠାରେ ଧାରଣାରେ ବସିଥିବା ଡ୍ରାଇଭରମାନେ।

ରଘୁନାଥପୁର, ୮।୭ (ରାଜେନ୍ଦ୍ର ନାରାୟଣ ସିଂହ)

ଓଡ଼ିଶା ଡ୍ରାଇଭର ମହାସଂଘର ଆହ୍ୱାନକ୍ରମେ ମଙ୍ଗଳବାର ରଘୁନାଥପୁର ବ୍ଲକ ମଦନମୋହନ ମଠ ନିକଟରେ ୭ ଦଫା ଦାବି ନେଇ ବ୍ଲକ ଶାଖା ସଭାପତି ବୀରେନ୍ଦ୍ର ସ୍ୱାଇଁ ଓ ସମ୍ପାଦକ ରାଜକିଶୋର ଦାଶଙ୍କ ନେତୃତ୍ୱରେ ଶତାଧିକ ଡ୍ରାଇଭର ଆନ୍ଦୋଳନ ଜାରି ରଖିଛନ୍ତି। ଫଳରେ କଟକ-ପାରାଦୀପ ରାଜ୍ୟ ରାଜପଥ ସହ ଗ୍ରାମ୍ୟ ରାସ୍ତାରେ ଅଖ ଚକ ବନ୍ଦ ହୋଇଯାଇଛି। ଲୋକେ ଯାତାୟାତ ପାଇଁ ବହୁ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। କେବଳ ଆମ୍ବୁଲାନ୍ସ ସେବାକୁ ଛାଡ଼ି ଦେଲେ ଅନ୍ୟାନ୍ୟ ସମସ୍ତ ଯାନବାହନ ବନ୍ଦ ରହିଛି। ଦାବିଗୁଡ଼ିକ ମଧ୍ୟରେ ଓଡ଼ିଶା ମୋଟର ଟ୍ରାନ୍ସପୋର୍ଟ ଡ୍ରାଇଭର ଆଣ୍ଡ ୱାର୍କର ୱେଲଫେୟାର ବୋର୍ଡରେ ଅଟୋ ଚାଳକଙ୍କୁ ସାମିଲ କରିବା, ଡ୍ରାଇଭରଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ, ଭତ୍ତା ପ୍ରଦାନ, ବିଭିନ୍ନ ଖାଲି ଖାଦାନରେ ୭୦ ପ୍ରତିଶତ ଡ୍ରାଇଭରଙ୍କୁ ନିଯୁକ୍ତି, ସେପ୍ଟେମ୍ବର ୧କୁ ଜାତୀୟ ଡ୍ରାଇଭର ଦିବସ ଘୋଷଣା, ଗାଡ଼ିର କାଗଜପତ୍ର ଯାଞ୍ଚ କ୍ଷମତା ପୋଲିସ ବିଭାଗକୁ ନ ଦେବା ଏବଂ ପ୍ରତି ୧୦୦ କି.ମି. ଦୂରତ୍ୱରେ ବିଶ୍ରାମାଗାର ଓ ଶୌଚାଳୟ ଆଦି ନିର୍ମାଣ ପାଇଁ ଦାବି ରହିଥିବା ସଭାପତି ସ୍ୱାଇଁ ପ୍ରକାଶ କରିଛନ୍ତି। ଏହି ଉପଲକ୍ଷେ ଅନୁଷ୍ଠିତ ପ୍ରତିବାଦ ସଭାରେ ଉପସଭାପତି ସୁଜାତ କୁମାର ଜେନା, ସହସମ୍ପାଦକ ହେମନ୍ତ କୁମାର ମଲ୍ଲିକ, ସଦସ୍ୟ ବାପି ପଣ୍ଡା, ସିଦ୍ଧୁନ ରାଉତ, ଆଲୋକ ମହାପାତ୍ର, ବିଶ୍ୱଜିତ ସାହୁ, ରବୀନ୍ଦ୍ର ନାୟକ, ଶିବପ୍ରସାଦ ନାୟକ, ରାଜେନ୍ଦ୍ର ମହାପାତ୍ର, ବିକ୍ରମ ମୁଦୁଲି ଓ କିଶୋର ପରିଡ଼ା ପ୍ରମୁଖ ବକ୍ତବ୍ୟ ରଖିଥିଲେ।

**କୁଜଙ୍ଗ, (ମନୋଜ ପ୍ରଧାନ):** ଡ୍ରାଇଭର ମହାସଂଘ କୁଜଙ୍ଗ ବ୍ଲକ ଶାଖା ପକ୍ଷରୁ ମଙ୍ଗଳବାର ଆନ୍ଦୋଳନ ଆରମ୍ଭ ହୋଇଛି। ସେମାନେ ସକାଳୁ କୁଜଙ୍ଗ ବଜାର କଟକ-ପାରାଦୀପ ରାସ୍ତା କଡ଼ରେ ଧାରଣାରେ ବସି ରହିଛନ୍ତି। ଫଳରେ ଅଟୋ, ବସ ପ୍ରଭୃତି ଉପରେ ନିର୍ଭର କରୁଥିବା ଯାତ୍ରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମହାସଂଘ ବ୍ଲକ ସଭାପତି ସନ୍ତୋଷ କୁମାର ସାହୁଙ୍କ ନେତୃତ୍ୱରେ ଚାଲିଥିବା ଆନ୍ଦୋଳନରେ ଉପସଭାପତି ବିଜୟ ମହାପାତ୍ର, ସମ୍ପାଦକ ମଳୟ ରଞ୍ଜନ ସୁତାର, କୋଷାଧ୍ୟକ୍ଷ ଅରୁଣ ବାରିକ, ଉପଦେଷ୍ଟା ନାଶିର ଖାନ୍, ବରିଷ୍ଠ ସଦସ୍ୟ ରମେଶ ମହାନ୍ତି, ଚନ୍ଦ୍ରକାନ୍ତ ଦାସ, ବିରଞ୍ଚି ସାହୁ, ମଞ୍ଜୁ ମହାପାତ୍ର, ଦୃପ୍ତି ରଞ୍ଜନ ମଲ୍ଲିକ, ସୋମେନ୍ଦ୍ର ସାମଲ, ରଞ୍ଜିତ ସ୍ୱାଇଁ, ଲିଟୁ ନନ୍ଦ, ଚିନ୍ମୟ ସ୍ୱାଇଁ, ଚନ୍ଦନ ସାମଲ ପ୍ରମୁଖ ଶତାଧିକ ଡ୍ରାଇଭର ଆନ୍ଦୋଳନରେ ସାମିଲ ହୋଇଛନ୍ତି।

**ପାରାଦୀପ, ୮।୭ (ଶରତ ରାଉତ):** ଓଡ଼ିଶା ଡ୍ରାଇଭର ମହାସଂଘ ପକ୍ଷରୁ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ଆନ୍ଦୋଳନ ପାରାଦୀପରେ ପ୍ରଭାବ ପଡ଼ିଛି। ମହାସଂଘ ଜିଲା ଶାଖା ପକ୍ଷରୁ କୁହାଯାଇଛି ଯେ, ଆନ୍ଦୋଳନ ସମ୍ପୂର୍ଣ୍ଣ ସଫଳ ହୋଇଛି। ପାରାଦୀପର ଅଠରବାଙ୍କି ଟର୍ମିନାଲ ଛକରେ ଡ୍ରାଇଭରମାନେ ଆନ୍ଦୋଳନ ଜାରି ରଖିଛନ୍ତି। କୌଣସି ଅପ୍ରୀତିକର ଘଟଣା ଘଟିନାହିଁ ବୋଲି ଶାଖା ସଭାପତି ନିରଞ୍ଜନ ସାହୁ କହିଛନ୍ତି। ଯେପର୍ଯ୍ୟନ୍ତ ସରକାର ଆମର ୭ ଦଫା ଦାବି ମାନି ନାହାନ୍ତି ସେପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସେ କହିଛନ୍ତି। ଆନ୍ଦୋଳନର ନେତୃତ୍ୱ ମୁନା ବାରିକ, ବିକ୍ରମ ପ୍ରଧାନ, ଚିତ୍ତରଞ୍ଜନ ପାଇକରାୟ ପ୍ରମୁଖ ଡ୍ରାଇଭର ନେଇଥିଲେ।

# ନାଉଗାଁ ବଜାରରେ ଜବରଦଖଲ ଉଚ୍ଛେଦ ପାଇଁ ନୋଟିସ

ନାଉଗାଁ, ୮।୭ (ସୁଧା ବେହୁରା)

ନାଉଗାଁ ତହସିଲ ଅଧୀନ ନାଉଗାଁ ବଜାରର ଜବରଦଖଲ ଉଚ୍ଛେଦ ପାଇଁ ତହସିଲ ପକ୍ଷରୁ ନୋଟିସ ପ୍ରଦାନ କରାଯାଇଛି। ତହସିଲ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୧୮୧୩/୨୫ରେ ନାଉଗାଁ ବଜାରର ଖାତା ନଂ. ୧୦୨୩, ପ୍ଲଟ ନଂ. ୯୮୯, ଖାତା ନଂ. ୧୦୨୫, ପ୍ଲଟ ନଂ. ୯୯୪, ୮୨୯, ୮୩୪, ୮୩୨ରେ ଜବରଦଖଲ କରିଥିବା ଦୋକାନୀମାନଙ୍କୁ ପୂର୍ବରୁ ନୋଟିସ ମୁତାବକ ୨୦୨୫ ଜୁଲାଇ ୩୦ରେ ଉଚ୍ଛେଦ କରାଯିବା ପାଇଁ ସ୍ଥିର କରାଯାଇଛି। ଉକ୍ତଦିନ ପୂର୍ବରୁ ଦୋକାନୀମାନେ ଜବରଦଖଲ ମୁକ୍ତ କରିବା ସହ କାର୍ଯ୍ୟରେ ସହଯୋଗ କରିବା ପାଇଁ ନୋଟିସରେ ଉଲ୍ଲେଖ କରାଯାଇଛି। ଏହାର ନକଲ କପି ସର୍ବସାଧାରଣ, ଜବରଦଖଲ କରିଥିବା ସମସ୍ତ ଦୋକାନୀ ଓ ଥାନା ଅଧିକାରୀଙ୍କ ଅବଗତ ନିମନ୍ତେ ପ୍ରେରଣ କରାଯାଇଥିବା ତହସିଲଦାର ଅକ୍ଷୟ କୁମାର ବହୁ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଉକ୍ତ ବଜାର ଶିଖରଘାଟ-ବାଲିକୁଦା ପୂର୍ତ୍ତ ବିଭାଗ ରାସ୍ତା ମଧ୍ୟରେ ଅବସ୍ଥିତ। ଏହା ଗୁରୁତ୍ୱପୂର୍ଣ୍ଣ ସଂଯୋଗକାରୀ ରାସ୍ତା। ଶିଖରଘାଟ ସେତୁ ହେବା ପରେ ଉକ୍ତ ରାସ୍ତା ଦେଇ ଜିଲା ତଥା ଜିଲା ବାହାରୁ ବହୁ ଯାତ୍ରୀବାହୀ ଗାଡ଼ି ଏହି ବାଟ ଦେଇ ପୁରୀ, କୋଣାର୍କ, ଅସ୍ତରଙ୍ଗ, କାକଟପୁର, କେନ୍ଦ୍ରାପଡ଼ା, ପାରାଦୀପ ଆଦି ସ୍ଥାନକୁ ଯାଉଥାନ୍ତି। ଉକ୍ତ ବଜାରରେ ଥିବା ରାସ୍ତାପାର୍ଶ୍ୱରେ ଦୋକାନ ସବୁ ରହିଥିବାରୁ ଯାନବାହନ ଯିବା ଆସିବାରେ ଅସୁବିଧା ହେଉଥିବା ଜଣାପଡ଼ିଛି।

# ସନ୍ଦେହ ଘେରରେ ମହିଳାଙ୍କ ମୃତ୍ୟୁ

## ଚିକିତ୍ସାଳୟରୁ ବଳପୂର୍ବକ ନେଇଥିଲେ ମୃତଦେହ

ରଘୁନାଥପୁର, ୮।୭ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ଥାନା ତାରପୁର ପଞ୍ଚାୟତ ଖଣ୍ଡତରୀ (ଡଳପଡ଼ା)ରୁ ମଙ୍ଗଳବାର ରଘୁନାଥପୁର ପୋଲିସ ଖବରପାଇ ଜଣେ ମହିଳାଙ୍କ ମୃତଦେହ ଜବତ କରିଛି। ମହିଳାଙ୍କ ମୃତ୍ୟୁର କାରଣ ଜଣାପଡ଼ି ନାହିଁ। ସେ ବିଷପାନ ଯୋଗୁ ମୃତ୍ୟୁ ହୋଇଥିବା ଅଞ୍ଚଳରେ ଚର୍ଚ୍ଚା ହେଉଛି। ପୋଲିସ ଅସ୍ୱାଭାବିକ ମୃତ୍ୟୁ ମାମଲା (୭/୨୫) ରୁଜୁ କରି ତଦନ୍ତ ଜାରି ରଖିଛି। ମହିଳା ଜଣଙ୍କ ହେଲେ କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଗୁଆଣିଆ ଗ୍ରାମର ବିଜୟ କୁମାର ମଲ୍ଲିକଙ୍କ ଝିଅ ପ୍ରତିମାୟୀ (୨୩) ବୋଲି ପୋଲିସ ପ୍ରାରମ୍ଭ ସୂଚନା ମିଳିଛି। ସୂଚନାଯୋଗ୍ୟ, ସକାଳୁ ପ୍ରତିମାୟୀଙ୍କୁ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଅଣାଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମହିଳାଙ୍କ ସ୍ୱାମୀ ଖଣ୍ଡତରୀ (ଡଳପଡ଼ା)ର ଚିତ୍ତରଞ୍ଜନ ମଲ୍ଲିକଙ୍କ ପୁଅ ଶୁଭମ ଅନ୍ୟତ୍ର ଚିକିତ୍ସା କରାଇବାକୁ କହି ବଳପୂର୍ବକ ପ୍ରତିମାୟୀଙ୍କ ମୃତଦେହକୁ ନେଇ ଯିବାକୁ ବସିଥିଲେ। ଚିକିତ୍ସାଳୟ ପକ୍ଷରୁ ପୋଲିସକୁ ଏ ସମ୍ପର୍କରେ ଅବଗତ କରାଯାଇଥିଲା। ଆଇଓ ଏଏସଆଇ ରିତାଞ୍ଜଳି ନାୟକ ଓ ଏଏସଆଇ ଯୋଗେଶ୍ୱର ବେହେରା ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ଶୁଭମଙ୍କୁ ପଚରାଉଚରା କରିଥିବା ବେଳେ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ କରିଛି। ପୋଲିସ ପ୍ରତିମାୟୀଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ ହେଁ ସୁଧା ସେମାନେ ଆସି ନ ଥିଲେ। ଅପରାହ୍ଣରେ ଅତିରିକ୍ତ ତହସିଲଦାର ତପନ କୁମାର ପରିଡ଼ା ପଞ୍ଚ ଯାଞ୍ଚ କରିବା ପରେ ସ୍ଥାନୀୟ ସରପଞ୍ଚ ସୁଷମା ମଲ୍ଲିକଙ୍କ ଉପସ୍ଥିତିରେ ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ରିପୋର୍ଟ ଆସିବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଏଏସଆଇ ବେହେରା କହିଛନ୍ତି।

# ଆର୍‌ଆଇଙ୍କୁ ତହସିଲଦାରଙ୍କ ତାଗିଦା, ଧାରଣା ପ୍ରତ୍ୟାହୃତ

ରଘୁନାଥପୁର, ୮।୭ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ତହସିଲ ଅନ୍ତର୍ଗତ ଅରଙ୍ଗ ଆର୍‌ଆଇଙ୍କ ଦୁର୍ବ୍ୟବହାରକୁ ନେଇ ଧାରାଧରପୁର ପଞ୍ଚାୟତ କୋଟକଣା ଗ୍ରାମର ରାଧାମୋହନ ବିଶ୍ୱାଳ ମଙ୍ଗଳବାର ନ୍ୟାୟ ଦାବିରେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଧାରଣା ଦେବାର ୧ ଘଣ୍ଟା ପରେ ଦାୟିତ୍ୱରେ ଥିବା ତହସିଲଦାର ସଞ୍ଜୟ କୁମାର ବେହେରା ଆର୍‌ଆଇ ଦୀପ୍ତିପ୍ରଜ୍ଞା ବେହେରା ଓ ଧାରଣାକାରୀ ବିଶ୍ୱାଳଙ୍କୁ ନିଜ ପ୍ରକୋଷ୍ଠକୁ ଡାକି ଆଲୋଚନା କରିଥିଲେ। ସାଧାରଣ ଜନତାଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ ନିମନ୍ତେ ଆର୍‌ଆଇ ବେହେରାଙ୍କୁ ତାଗିଦ କରିଥିଲେ। ଏହାଛଡ଼ା ଉଭୟେ ପରିମାର୍ଜିତ ହେବା ପାଇଁ ପରାମର୍ଶ ଦେଇଥିଲେ। ପରେ ବିଶ୍ୱାଳଙ୍କ ପକ୍ଷରୁ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଆଲୋଚନାସ୍ଥଳରେ ଅତିରିକ୍ତ ତହସିଲଦାର ତପନ କୁମାର ପରିଡ଼ା ଉପସ୍ଥିତ ଥିଲେ।

# କେନାଲରେ ପଡ଼ି ଛାତ୍ର ମୃତ

ଆଳି, ୮।୭ (ବନମାଳୀ ସେନାପତି)

ମଙ୍ଗଳବାର ଆଳି ଥାନା ଗୋବିନ୍ଦପୁରର ଜଣେ ୮ବର୍ଷର ଛାତ୍ର କେନାଲରେ ବୁଡ଼ି ପ୍ରାଣ ହରାଇଛନ୍ତି। ଏହି ଘଟଣା ପରେ ସେହି ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ସୂଚନା ଅନୁଯାୟୀ, ଆଳି ଥାନା ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମର ଅଭିମନ୍ୟୁ ବାରିକଙ୍କ ପୁଅ ମାନସ ସ୍ଥାନୀୟ ଶିଶୁମନ୍ଦିରର ତୃତୀୟ ଶ୍ରେଣୀର ଛାତ୍ର। ମଙ୍ଗଳବାର ସ୍କୁଲ ଛୁଟି ପରେ ସେ ସାଇକେଲରେ ଘରକୁ ଫେରୁଥିଲେ। ହେଲେ ଗୋବିନ୍ଦପୁର-ଗୁଆଣିଆ କେନାଲ ପାର ହେବା ସମୟରେ ସେ ସାଇକେଲ ସହିତ କେନାଲକୁ ଖସି ପଡ଼ିଥିଲେ। କେନାଲରେ ବନ୍ୟାଜଳ ଥିବାରୁ ସେ ଭାସିଯାଇ ଥିଲେ। ହେଲେ ତାଙ୍କ ସାଇକେଲ କଇଁଚ ତଳେ ଲାଖି ରହିଥିଲା। ଏ କଥା ଜଣାପଡ଼ିବା ପରେ ଗ୍ରାମବାସୀ କେନାଲରେ ପଶି ଖୋଜାଖୋଜି କରିଥିଲେ। ଆଳି ଦମକଳ ବାହିନୀ ପହଞ୍ଚି ମାନସଙ୍କୁ ଉଦ୍ଧାର ପାଇଁ



ଉଦ୍ୟମ କରିଥିଲେ। ହେଲେ କେନାଲରୁ ତାଙ୍କ ସାଇକେଲ ଉଦ୍ଧାର ହୋଇଥିଲେ ମଧ୍ୟ ମାନସଙ୍କ ପତ୍ତା ମିଳି ନ ଥିଲା। ଶେଷରେ ସନ୍ଧ୍ୟା ପ୍ରାୟ ୬ଟାରେ ମାନସଙ୍କୁ ସେହି କେନାଲରୁ ଉଦ୍ଧାର କରାଯାଇ ଆଳି ମେଡିକାଲକୁ ନିଆଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମାନସ ମା'ବାପାଙ୍କ ଏକମାତ୍ର ସନ୍ତାନ ଥିଲେ। ମାନସଙ୍କ ବାପା ଅଭିମନ୍ୟୁ ପାଣି ପାଇପ କାମ କରି ପରିବାର ଚଳାନ୍ତି।

# ଅଠରବାଟିଆରେ ହରିଣ: ଧରିବାକୁ ବନ ବିଭାଗ ବିଫଳ

ପଟ୍ଟାମୁଣ୍ଡାଇ, ୮।୭ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ବ୍ଲକ ନରସିଂହପୁର ପଞ୍ଚାୟତ ଅନ୍ତର୍ଗତ ଅଠରବାଟିଆ ଗ୍ରାମରେ ଏକ ହରିଣ ବୁଲୁଥିବା ଖବର ମିଳିଛି। ଏହି ହରିଣ ଧାନ ବିଲରେ ପଶି ପଡ଼ିଥିବା ଦେଖିବାକୁ ଖାଇବା ସହ ଧାନ ବିଲକୁ କ୍ଷତି ପହଞ୍ଚାଉଛି। ଏ ନେଇ ସ୍ଥାନୀୟ ଲୋକେ ବନ ବିଭାଗକୁ ଜଣାଇଥିଲେ। ବନ ବିଭାଗ ପକ୍ଷରୁ ଏକ ୫ ଜଣିଆ ଟିମ ହରିଣ ଧରିବାକୁ ଆସି ବିଫଳ ହୋଇ ଫେରି ଯାଇଥିବା ଖବର ମିଳିଛି।

# ୨୩ରେ କେନ୍ଦ୍ରାପଡ଼ା ଜିଲା ବନ୍ଦ

- ମେଡିକାଲ କଲେଜ ପ୍ରତିଷ୍ଠା ଦାବି ଜୋରଧରିଲା
- ଜିଲା ମିଳିତ କ୍ରିୟାନୁଷ୍ଠାନ କମିଟିର ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି

ଡେରାବିଶ, ୮।୭ (ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ାର ପଡ଼ୋଶୀ ଯାଜପୁର ଜିଲାରେ ମେଡିକାଲ କଲେଜ ପ୍ରତିଷ୍ଠା ହୋଇ ସାରିଥିବା ବେଳେ ଅନ୍ୟ ପଡ଼ୋଶୀ ଜିଲା ଜଗତ୍‌ସିଂହପୁର ଓ ଭଦ୍ରକରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ସରକାର ଘୋଷଣା କରି ସାରିଛନ୍ତି। କେନ୍ଦ୍ରାପଡ଼ା ଜିଲାରେ ମେଡିକାଲ କଲେଜ ପ୍ରତିଷ୍ଠା ନିମନ୍ତେ ଜିଲା ମିଳିତ କ୍ରିୟାନୁଷ୍ଠାନ କମିଟି ଦୀର୍ଘ ବର୍ଷ ହେଲା ଆନ୍ଦୋଳନ କରି ଆସୁଛି। ହେଲେ ଜିଲାବାସୀଙ୍କ ଦୀର୍ଘଦିନର ଦାବି ପ୍ରତି ଦୃଷ୍ଟି ନ ଦେଇ ରାଜ୍ୟ ସରକାର କେନ୍ଦ୍ରାପଡ଼ା ଜିଲା ପ୍ରତି ବୈମାତୃକ ମନୋଭାବ ପୋଷଣ କରିଚାଲିଛନ୍ତି। ରାଜ୍ୟ ସରକାରଙ୍କ ଏପରି ମନୋଭାବକୁ ବିରୋଧ କରି ଜିଲା ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆସନ୍ତା ୨୩ ତାରିଖ ଦିନ କେନ୍ଦ୍ରାପଡ଼ା ଜିଲା ବନ୍ଦ ଡାକରା ଦେଉଛି। ଏହି ବନ୍ଦ ଡାକରାକୁ ସଫଳ କରିବା ପାଇଁ କ୍ରିୟାନୁଷ୍ଠାନ କମିଟି ଆଗାମୀ ଦିନରେ ଜିଲା ଅଧୀନ ୯ ବ୍ଲକ ବୁଲି ଲୋକମାନଙ୍କୁ ଜିଲା ବନ୍ଦ ଡାକରାର ଉଦ୍ଦେଶ୍ୟ ଓ ଆବଶ୍ୟକତା ସମ୍ପର୍କରେ ସଚେତନତା ସୃଷ୍ଟି କରିବ। ଏଥି ସହିତ ଆସନ୍ତା ୧୩ ତାରିଖରେ ଜିଲାସ୍ତରୀୟ ସମ୍ମିଳନୀ କରିବାର ନିଷ୍ପତ୍ତି ନେଇଛି। ଏହି ଉପଲକ୍ଷେ ମଙ୍ଗଳବାର ଅପରାହ୍ଣରେ ଡେରାବିଶ ବ୍ଲକ ଅଧୀନ କୁରୁଙ୍ଗା ପଞ୍ଚାୟତର ବଡ଼ ମଙ୍ଗରାଜପୁରଠାରେ ଜିଲା ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟିର ଡେରାବିଶ ବ୍ଲକ ସଭାପତି ପ୍ରଭାକର ସାମଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିବା ଏହି ପ୍ରସ୍ତୁତି ବୈଠକରେ ଜିଲା ସଭାପତି ପ୍ରଫେସର ଅଜୟ କୁମାର ସାମଲ ଓ ଜିଲା ସମ୍ପାଦକ ଆଇନଜୀବୀ ରଣୀରଞ୍ଜନ ରାଉତରାୟ ଯୋଗଦେଇ ଜିଲାର ବୃହତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଡେରାବିଶ ବ୍ଲକ ଅଞ୍ଚଳବାସୀ ବହୁ ସଂଖ୍ୟାରେ ଏହି ବନ୍ଦ ଡାକରାରେ ସାମିଲ ହୋଇ ସଫଳ କରିବାକୁ ଆହ୍ୱାନ କରିଥିଲେ। କମିଟିର ଡେରାବିଶ ବ୍ଲକ ସମ୍ପାଦକ ଗୋଲକଚନ୍ଦ୍ର ମହାରାଜଙ୍କ ତତ୍ତ୍ୱାବଧାନ ଓ ସଂଯୋଜନାରେ ଅନୁଷ୍ଠିତ ହୋଇଥିବା ଏହି ପ୍ରସ୍ତୁତି ବୈଠକରେ ସାମାଜିକ କର୍ମୀ ଅଭିମନ୍ୟୁ ରାଉତ, କୁଞ୍ଜବିହାରୀ ଦାସ, କୃଷ୍ଣଚନ୍ଦ୍ର ଦାସ ଓ ଗୌତମ ବେହେରାଙ୍କ ସମେତ ଶତାଧିକ ଅଞ୍ଚଳବାସୀ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।



ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ଶୋଭାଯାତ୍ରା।

# ବର୍ଷାରେ ନଦୀବନ୍ଧରୁ ଧୋଇଗଲାଣି ବାଲି, ମୋରମ

- ଅବଧି ସରିଲାଣି, କାର୍ଯ୍ୟ ସରୁନି
- ଯାତାୟାତରେ ବାଧା

ନାଉଗାଁ, ୮।୭ (ସୁଧା ବେହୁରା)

ନାଉଗାଁ ବ୍ଲକ ଅନ୍ତର୍ଗତ ବେଦାବୋଦାରୁ ଅଙ୍ଗେଶ୍ୱରପଡ଼ା ପର୍ଯ୍ୟନ୍ତ ଦେବୀ ନଦୀର ବାମପାର୍ଶ୍ୱ ବନ୍ଧର ଉନ୍ନତୀକରଣ କାର୍ଯ୍ୟ ୨୦୨୩ ଡିସେମ୍ବର ୨୮ରୁ ଆରମ୍ଭ କରାଯାଇଥିଲା। କାର୍ଯ୍ୟ ଶେଷରେ ଅବଧି ୨୦୨୪ ସେପ୍ଟେମ୍ବର ୨୭ ରହିଥିବାବେଳେ ଏ ପର୍ଯ୍ୟନ୍ତ ନଦୀବନ୍ଧର ୫୦ ପ୍ରତିଶତ କାମ ହୋଇ ନ ଥିବା ଜଣାପଡ଼ିଛି। ଏହି କାର୍ଯ୍ୟଟି ଜଗତ୍‌ସିଂହପୁର ଜଳସେଚନ ବିଭାଜନ ଅନ୍ତର୍ଗତ ଅତିରିକ୍ତ ଓ ଅଣଧାରାଡ଼ ସେକ୍ସନ ଅଧୀନରେ ରହିଛି। କାର୍ଯ୍ୟଟିକୁ ବିଭାଗ ପକ୍ଷରୁ ଗୌରବ କନଷ୍ଟ୍ରକସନକୁ ପ୍ରଦାନ କରାଯାଇଛି। ନଦୀବନ୍ଧ ପାଖାପାଖି ୧୧ କି.ମି. ବନ୍ଧ କାର୍ଯ୍ୟ ପାଇଁ ବିଭାଗ ପକ୍ଷରୁ ୬ କୋଟି ୮୭ ଲକ୍ଷ ଟଙ୍କା ଚୁକ୍ତି କରାଯାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ନଦୀବନ୍ଧରେ ଠିକାସଂସ୍ଥା ନାମକୁ ମାତ୍ର ବାଲି, ମୋରମ ପକାଇଛି। ଫଳରେ ସାମାନ୍ୟ ବର୍ଷାରେ ଉକ୍ତ ମୋରମ ଓ ବାଲି ଧୋଇ ଯାଇ ବନ୍ଧରେ ବଡ଼ ବଡ଼ ଖାଲ ସୃଷ୍ଟି ହୋଇଛି। ଏପରିକି କେତେକ ସ୍ଥାନରେ ବନ୍ଧ



ତଳୁ ମାଟି ଅତଡ଼ା ମଧ୍ୟ ଖସିଥିବା ଦେଖିବାକୁ ମିଳିଛି। ବନ୍ଧରେ ଖାଲ ସୃଷ୍ଟିହେବା ଫଳରେ ଉକ୍ତ ବାଟ ଦେଇ ଯିବା ଆସିବା କଷ୍ଟସାଧ୍ୟ ହୋଇପଡ଼ିଛି। ଉକ୍ତ ନଦୀବନ୍ଧ କାର୍ଯ୍ୟ ନିମ୍ନମାନର ହେଉଥିବା ଗଣମାଧ୍ୟମରେ ଖବର ପ୍ରକାଶିତ ହୋଇଥିଲା। ଖବର ପ୍ରକାଶିତ ହେବା ପରେ ଏହି ବନ୍ଧ କାର୍ଯ୍ୟ ବନ୍ଦ ରଖିବାକୁ ସମ୍ପୃକ୍ତ ଠିକାଦାରଙ୍କୁ ଯନ୍ତ୍ରୀ ନିର୍ଦ୍ଦେଶ ଦେଇଥିବା ସୂଚନା ପ୍ରଦାନ କରିଥିଲେ। କିନ୍ତୁ ସମ୍ପୃକ୍ତ ଠିକାଦାର ଯନ୍ତ୍ରୀଙ୍କ ନିର୍ଦ୍ଦେଶକୁ ନ ମାନି ରାସ୍ତାରେ ଶକଡ଼ା ୯୦ ଭାଗ ବାଲିରେ ୧୦ ଭାଗ ମୋରମ ନାମକୁ ମାତ୍ର ମିଶାଇ ପକାଇ କାର୍ଯ୍ୟ କରିଥିଲେ। ସେହି ସମୟରେ ସାମାନ୍ୟ ପବନରେ ଉକ୍ତ ବାଲି, ମୋରମ ନଦୀବନ୍ଧରୁ ଉଡ଼ୁଥିବା ଦେଖିବାକୁ ମିଳିଥିଲା। ସେହିପରି ନଦୀପଠାରୁ ମାଟି ଉଡ଼ିବାର ନିୟମ ନ ଥିବାବେଳେ ଠିକାଦାର ପଠାରୁ ମାଟି ତାଡ଼ି ବନ୍ଧର ଉଭୟ ପାର୍ଶ୍ୱରେ ପକାଇଥିଲେ। ନିମ୍ନମାନର କାର୍ଯ୍ୟ ଯୋଗୁ ୬ ମାସ ପୂର୍ବରୁ ନଦୀବନ୍ଧ ସାରା ଖାଲ ଦେଖିବାକୁ ମିଳିଛି। ବର୍ତ୍ତମାନ ବର୍ଷାଦିନ ଚାଲିଥିବାବେଳେ ଆଗକୁ ପ୍ରବଳ ବର୍ଷା ହେବା ମଧ୍ୟ ସମ୍ଭାବନା ରହିଛି। ଏଥିକୁ ନେଇ ବର୍ଷା ଦିନରେ ବନ୍ଧର ଖାଲଗୁଡ଼ିକ ବୃଦ୍ଧିହେଲେ ନଦୀବନ୍ଧ ପ୍ରତି ବିପଦ ସୃଷ୍ଟିହେବା ସମ୍ଭାବନା ରହିଛି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ଚିତ୍ତରଞ୍ଜନ ମଲ୍ଲିକଙ୍କୁ ପଚାରିବାରେ ଯେଉଁ ଖାଲ ସବୁ ସୃଷ୍ଟି ହୋଇଛି, ତାହାର ମରାମତି କରିବାକୁ ନୂତନ ଭାବେ ନିଯୁକ୍ତ ପାଇଥିବା ଠିକାଦାରଙ୍କୁ କୁହାଯାଇଛି ବୋଲି ସେ କହିଛନ୍ତି।

# ଭାପୁର ବିଡିଓଙ୍କ ଦୁର୍ବ୍ୟବହାରକୁ ନେଇ ଜିଲାପାଳଙ୍କୁ ଫେରାଦ୍

- ଉପାଧ୍ୟକ୍ଷଙ୍କ ସମେତ ଲୋକ ପ୍ରତିନିଧିଙ୍କୁ କଲେ ଅସମ୍ମାନ
- ଆରଟିଆଇରେ ଭୁଲ ତଥ୍ୟର ପ୍ରତିବାଦ ପରେ ଅଘଟଣ
- କ୍ଷମା ମାଗିଲା ପରେ ବି ବଦଳିଲାନି ଆଚରଣ କି ଉଚ୍ଚାରଣ


ଜିଲାପାଳଙ୍କ ନିକଟକୁ ଅଭିଯୋଗ କରିବାକୁ ଆସିଥିବା ଜନପ୍ରତିନିଧି।

ନୟାଗଡ଼,୮।୭(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଭାପୁର ବ୍ଲକର ଉପାଧ୍ୟକ୍ଷ, ସରପଞ୍ଚ ଓ ସମିତି ସଭ୍ୟଙ୍କ ପରି ଲୋକ ପ୍ରତିନିଧିମାନଙ୍କୁ ମଙ୍ଗଳବାର ବିଡିଓ ଶରଦା ପ୍ରସନ୍ନ ପଣ୍ଡା ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଏନେଇ ଲୋକ ପ୍ରତିନିଧିମାନେ ଭାପୁର ବ୍ଲକ୍ ଉପାଧ୍ୟକ୍ଷ ବେଣୁଧର ପ୍ରଧାନଙ୍କ ନେତୃତ୍ୱରେ ଜିଲାପାଳଙ୍କୁ ଭେଟି ବିଡିଓଙ୍କ ଦୁର୍ବ୍ୟବହାର ନେଇ ଫେରାଦ୍ ହୋଇଛନ୍ତି। ଭାପୁର ବ୍ଲକରେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଅନିୟମିତତା ପ୍ରସଙ୍ଗରେ ମିଳିଥିବା ଆରଟିଆଇ ଭୁଲ ତଥ୍ୟର ପ୍ରତିବାଦ କରାଯିବା ପରେ ବିଡିଓ ଦୁର୍ବ୍ୟବହାର କରିଥିବା ଅଭିଯୋଗରେ ଦର୍ଶାଯାଇଛି। ନିକଟରେ ବିଡିଓ ଭୁଲ ମାଗିବା ପରେ ବି ଆଚରଣ କି ଉଚ୍ଚାରଣ ନ ବଦଳାଇ ଲୋକ ପ୍ରତିନିଧିଙ୍କୁ ପୁଣି ଖରାପ ବ୍ୟବହାର କରିବା ଉଦ୍‌ବେଗର କାରଣ ପାଲଟିଛି।

ଅଭିଯୋଗ ଅନୁଯାୟୀ, ଅନ୍ତ୍ୟୋଦୟ ଯୋଜନାରେ ହିତାଧିକାରୀ ଚୟନରେ ଅନିୟମିତତା ହୋଇଥିଲା। ଅଯୋଗ୍ୟ ବ୍ୟକ୍ତିଙ୍କଠାରୁ ୨୦ ହଜାର ଲାଞ୍ଚ ନେଇ ସେମାନଙ୍କୁ ଗୃହ କରିବାର କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ୨୦ ହଜାର ଲାଞ୍ଚ ବିଡିଓ ନେଉଛନ୍ତି ବୋଲି ଅଭିଯୋଗ ରହିଥିଲା। ଯୋଗ୍ୟ ବ୍ୟକ୍ତିଙ୍କୁ ଅଣଦେଖା ପରେ ପ୍ରତିବାଦ ଉଠିଥିଲେ ମଧ୍ୟ ସେଥିପ୍ରତି ବିଡିଓ ଗୁରୁତ୍ୱ ଦେଇ ନ ଥିଲେ। ବିକଶିତ ଗାଁ ବିକଶିତ ଓଡିଶା ପ୍ରକଳ୍ପ ଗୁଡିକ କାର୍ଯ୍ୟକାରୀ ନ କରି ଦଲାଲଙ୍କ ଚାପରେ ୩୦ ପ୍ରତିଶତ ଅର୍ଥ ଦେଉଥିବା ବ୍ୟକ୍ତି ବିଶେଷଙ୍କୁ କାର୍ଯ୍ୟ କରିବାର ସୁଯୋଗ ଦିଆଯାଇଥିଲା। ଜିଆଇଏ ଫଣ୍ଡରେ ବିଡିଓ ୧୦ ପ୍ରତିଶତ ପିସି ମାଗିଥିଲେ। ପିସି ନ ଦେବାରୁ ଚେୟାରମ୍ୟାନଙ୍କୁ ଅଣଦେଖା କରି ଠିକାଦାରଙ୍କୁ ସୁହାଇଲା ଭଳି କାର୍ଯ୍ୟ କରିଥିଲେ। ଜମିବାଡି ପଟ୍ଟା ବଣ୍ଟନ ଏକ ସରକାରୀ କାର୍ଯ୍ୟକ୍ରମ ହୋଇଥିଲେହେଁ ବ୍ଲକର ସଦ୍‌ଭାବନା କକ୍ଷରେ ଦଳୀୟ ବ୍ୟାନର ମାରି ବିଧାୟକ ବିଡିଓ ଓ ତହସିଲଦାରଙ୍କ ଉପସ୍ଥିତିରେ ପଟା ବଣ୍ଟନ କରିଥିଲେ। ଜମି ପଟା ବଣ୍ଟନ ପରି ସରକାରୀ କାର୍ଯ୍ୟକ୍ରମରେ ବ୍ଲକର ଅଧ୍ୟକ୍ଷା, ଉପାଧ୍ୟକ୍ଷ, ଜନପ୍ରତିନିଧିଙ୍କୁ ଅଣଦେଖା କରାଯାଇଥିଲା। ବ୍ଲକର ମୁଖ୍ୟ ଅଧ୍ୟକ୍ଷା ହୋଇଥିବାବେଳେ ତାଙ୍କୁ ସରକାରୀ ଚିଠି ଓ ତଥ୍ୟ ଦେବାକୁ ବିଡିଓ ମନା କରିବା ପରେ କର୍ମଚାରୀମାନେ ଅସହଯୋଗ କରୁଥିବା ଅଭିଯୋଗ ରହିଥିଲା। ଲୋକ ପ୍ରତିନିଧିମାନଙ୍କୁ ସମ୍ମାନ ନ ଦେଇ ସେମାନଙ୍କୁ ପୋଲିସ ଲଗାଇ ମାନସିକ ଯନ୍ତ୍ରଣା ଦିଆଯାଉଥିଲା। ପୁରୁଣା ପ୍ରକଳ୍ପଗୁଡିକରେ କାର୍ଯ୍ୟାଦେଶ ମିଳିଥିବା ବ୍ୟକ୍ତିଙ୍କୁ ବିଲ୍ ନ ଦେଇ ନୂଆ କାମ କରାଯାଇଥିଲା ବୋଲି ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଅଭିଯୋଗର ସୁଫଳ ନ ମିଳିବାରୁ ଭାପୁର ବ୍ଲକର ବିଡିଙ୍କ ମନୋମୁଖୀ, ଜନବିରୋଧି ଓ ଚାନ୍ଦା ଆଦାୟ ଭଳି ବିଭିନ୍ନ ପ୍ରକାର କାର୍ଯ୍ୟ ବିରୋଧରେ ଗତ ଜୁନ ୨୩ରେ ବ୍ଲକ ସମ୍ମୁଖରେ ଧାରଣା ହୋଇଥିଲା। ଆନ୍ଦୋଳନରେ ବ୍ଲକର ଅଧ୍ୟକ୍ଷା ସାବିତ୍ରୀ ପ୍ରଧାନ, ଉପାଧ୍ୟକ୍ଷ ବେଣୁଧର ପ୍ରଧାନଙ୍କ ନେତୃତ୍ୱରେ ୧୫ ପଞ୍ଚାୟତର ସମିତି ସଭ୍ୟ ଓ ୧୧ ସରପଞ୍ଚଙ୍କ ସମେତ ବ୍ଲକର ବିଭିନ୍ନ ପଞ୍ଚାୟତର ଲୋକ ସାମିଲ ହୋଇଥିଲେ। ଉପଜିଲାପାଳ କର୍ଣ୍ଣଦେବ ସମାଦ୍ଦାରଙ୍କ ହସ୍ତକ୍ଷେପ ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ତେବେ ସରକାରୀ କାର୍ଯ୍ୟକ୍ରମରେ ଦଳୀୟ ଚିହ୍ନ ଥାଇ ଜମି ପଟ୍ଟା ବଣ୍ଟନ ଠିକ୍ ନୁହେଁ ଦର୍ଶାଇ ବିଡିଓ ଓ ତହସିଲଦାର କ୍ଷମା ମାଗିଥିଲେ। ଅନ୍ୟପକ୍ଷେ ଅନ୍ତ୍ୟୋଦୟ ଗୃହ ଯୋଜନାରେ କାର୍ଯ୍ୟାଦେଶକୁ ବନ୍ଦ କରାଯାଇ ତଦନ୍ତ କରାଯିବା ସହ ପୁଣି ହିତାଧିକାରୀ ଚୟନ କରାଯିବ। ନୂଆ ଚୟନରେ ଯୋଗ୍ୟ ହିତାଧିକାରୀକୁ ଅଣଦେଖା କରାଯିବନି ବୋଲି ଉପଜିଲାପାଳଙ୍କ ପ୍ରତିଶ୍ରୁତି ମିଳିଥିଲା।

ଏନେଇ ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ କୁହନ୍ତି,ଭାପୁର ବ୍ଲକରେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଯେଉଁ ଅନିୟମିତତା ଚାଲିଥିଲା ସେ ସମ୍ପର୍କରେ ଆରଟିଓ ତଥ୍ୟ ମାଗିଥିଲୁ। ଆରଟିଆଇ ତଥ୍ୟ ମଙ୍ଗଳବାର ବିଡିଓଙ୍କ ଠାରୁ ପାଇବା ପରେ ସରପଞ୍ଚ, ସମିତି ସଭ୍ୟମାନେ ଏକାଠି ବସି ଆଲୋଚନା କରିଥିଲୁ। ମିଳିଥିବା ଆରଟିଆଇ ତଥ୍ୟରେ ଅନେକ ଭୁଲ ରହିଥିବା ଜାଣିବାକୁ ପାଇଲୁ। ଆରଟିଆଇର ଭୁଲ ତଥ୍ୟ ନେଇ ଆଲୋଚନା ପରେ ବିଡିଓ ବିରକ୍ତ ହୋଇଥିଲେ। କିଏ ସେ ତମେ, କଣ ପାଇଁ ଏଠାକୁ ଆସିଛ। କ'ଣ ପାଇଁ ତୁମକୁ ମୁଁ ଉତ୍ତର ଦେବି। ମୋ ଇଛା ଯାହା ମୁଁ ଡାଟା ଦେଇଛି, ତୁମେ ଦେଖିବ ଯଦି ଦେଖ ନ ହେଲେ କୋର୍ଟକୁ ଯାଅ। ଲୋକପ୍ରତିନିଧିମାନଙ୍କୁ ବିଡିଓଙ୍କ ଏଭଳି ବ୍ୟବହାରକୁ ନିନ୍ଦା କରିବା ସହ ଜିଲାପାଳଙ୍କୁ ଏନେଇ ଅବଗତ କରାଇଛୁ। ୨ରୁ ୪ଦିନ ମଧ୍ୟରେ ଏହାର ତଦନ୍ତ କରି ପଦକ୍ଷେପ ନେବାକୁ କହିଛନ୍ତି। ଅନ୍ୟପକ୍ଷେ ଆରଟିଆଇ ତଥ୍ୟରେ ଭୁଲ ତଥ୍ୟ ଦେବାରେ ମଧ୍ୟ ଭୟ ନାହିଁ। ନିକଟରେ ଉପଜିଲାପାଳଙ୍କ ଉପସ୍ଥିତିରେ ଆନ୍ଦୋଳନରେ ଭୁଲ ମାଗିଥିବା ବିଡିଓଙ୍କ ଆଚରଣ କି ଉଚ୍ଚାରଣ ବଦଳି ନ ଥିବାବେଳେ ପୁଣିଥରେ ଖରାପ ବ୍ୟବହାର ଦେଖାଇଛନ୍ତି ବୋଲି କହିଛନ୍ତି। ବିଡିଓ ଶରଦା ପ୍ରସନ୍ନ ପଣ୍ଡାଙ୍କୁ ପଚାରିବାରୁ କହିଥିଲେ ମୁଁ ଲୋକ ପ୍ରତିନିଧିମାନଙ୍କୁ ଦୁର୍ବ୍ୟବହାର ଦେଖାଇ ନାହିଁ। ମୁଁ କଣ କହିଛି ତାହା ସିସିଟିଭି ଫୁଟେଜରେ ରହିଛି। ମୋ ବିରୋଧରେ କରାଯାଇଥିବା ଅଭିଯୋଗର ସତ୍ୟତା ନାହିଁ। ସବୁ ପ୍ରକାରର ତଦନ୍ତକୁ ସ୍ୱାଗତ କରୁଥିବା କହିଥିଲେ।

# ରାହୁଲ ଗାନ୍ଧୀଙ୍କ ସମ୍ବିଧାନ ବଞ୍ଚାଅ ସମାବେଶ ପାଇଁ ପ୍ରସ୍ତୁତି


ପ୍ରସ୍ତୁତି ବୈଠରେ ଯୋଗଦେଇଥିବା କଂଗ୍ରେସ ନେତୃବୃନ୍ଦ।

ନୟାଗଡ଼,୮।୭(ଲୋକନାଥ ମିଶ୍ର)

## ସଫଳ କରିବାକୁ ଅଣ୍ଟା ଭିଡିଲା ଜିଲା କଂଗ୍ରେସ

ଭୁବନେଶ୍ୱରରେ ହେବାକୁ ଥିବା ରାହୁଲ ଗାନ୍ଧୀଙ୍କ ସମ୍ବିଧାନ ବଞ୍ଚାଅ ସମାବେଶକୁ ସଫଳ କରିବା ପାଇଁ ନୟାଗଡ଼ ଜିଲା କଂଗ୍ରେସ କମିଟି ପକ୍ଷରୁ ମଙ୍ଗଳବାର ପୂର୍ବାହ୍ନରେ ଏକ ପ୍ରସ୍ତୁତି ବୈଠକ ନୟାଗଡ଼ ସହରର କେ.ସି.କ୍ଲବଠାରେ ଅନୁଷ୍ଠିତ ହୋଇଯାଇଛି। ଓଡିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତଚରଣ ଦାସଙ୍କ ନିର୍ଦ୍ଦେଶ କ୍ରମେ ନୟାଗଡ଼ ଜିଲା କଂଗ୍ରେସ କମିଟି ସଭାପତି ସତ୍ୟବ୍ରତ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଓଡିଶା ଦାୟିତ୍ୱରେ ଥିବା ଅଖିଳ ଭାରତ କଂଗ୍ରେସ କମିଟି ପ୍ରଭାରୀ ଅଜୟ କୁମାର ଲଲ୍ଲୁ ଯୋଗ ଦେଇ ଓଡ଼ିଶାରେ ନାରୀ ନିର୍ଯାତନା, ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା, ସାଧାରଣ ଲୋକଙ୍କୁ ସୁରକ୍ଷା ଯୋଗାଇ ଦେବାରେ ରାଜ୍ୟ ସରକାରଙ୍କ ବିଫଳତା ଓ କେନ୍ଦ୍ରରେ ମୋଦି ସରକାର ୧୧ ବର୍ଷ ଶାସନ କାଳ ମଧ୍ୟରେ ନାଗରିକଙ୍କ ସାମ୍ବିଧାନିକ ଅଧିକାର କ୍ଷୁର୍ଣ୍ଣ ହୋଇଥିବା ଦର୍ଶାଇଥିଲେ। ଓଡିଶା ପ୍ରଦେଶ କଂଗ୍ରେସ କମିଟି ସାଧାରଣ ସମ୍ପାଦକ ୟାଶୀର ନୱାଜ ଯୋଗ ଦେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ରାଜ୍ୟ ସରକାରଙ୍କର ବର୍ଷେ ପୂର୍ତ୍ତି ରାଜ୍ୟବାସୀଙ୍କ ପାଇଁ ପ୍ରତାରଣାର ବର୍ଷ ହୋଇଛି। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଫଳତାର ବିରୋଧରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଭୁବନେଶ୍ୱରସ୍ଥିତ ବରମୁଣ୍ଡା ପଡିଆଠାରେ ସମ୍ବିଧାନ ବଞ୍ଚାଅ ସମାବେଶରେ ଅଖିଳ ଭାରତୀୟ କଂଗ୍ରେସ କମିଟିର ସଭାପତି ମଲିକାର୍ଜୁନ ଖଡ୍‌ଗେ ଓ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଯୋଗ ଦେବାର କାର୍ଯ୍ୟକ୍ରମକୁ ସଫଳ କରିବାକୁ ଆହ୍ୱାନ ଦେଇଥିଲେ। ବୈଠକରେ ପୂର୍ବତନ ଏମ୍‌ପି ନକୁଳ ନାୟକ,ପୂର୍ବତନ ଜିଲା ସଭାପତି ରଣଜିତ ଦାସ, ପିସିସି ସଭ୍ୟ ହୁସେନ ଖାନ, ବରିଷ୍ଠ କଂଗ୍ରେସ ନେତା ମନୋଜ ସାହୁ,ପୂର୍ବତନ ଜିଲା ସଭାପତି ସରୋଜ ପରିଡ଼ା,କଂଗ୍ରେସ ନେତା ବିଭୁ ପ୍ରସାଦ ମିଶ୍ର, ବୈଜୟନ୍ତୀ ମାଳା ମହାନ୍ତି, କମଳ ସାହୁ, ଛାତ୍ର କଂଗ୍ରେସ ସଭାପତି ଶିବ ରଞ୍ଜନ ସାହୁ, ପ୍ରତୀକ ମହାପାତ୍ର, ବସନ୍ତ ମହାରଣା, ବିନୋଦିନୀ ମହାନ୍ତି, ପୂର୍ଣ୍ଣ ଚନ୍ଦ୍ର ନାୟକ, ଫକୀର ମଲ, ଧ୍ରୁବ ଚନ୍ଦ୍ର ପରିଡା, ଅମ୍ଳାନ ଅଂଶୁମାନ ସାହୁ, ଶାଶ୍ୱତ ପ୍ରଧାନ,ଅନୁରାଗ ସ୍ୱାଇଁ, ଦିଲୀପ ବିଶୋଇ, ଭାରତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ର କଂଗ୍ରେସ ସଭାପତି ଧନ୍ୟବାଦ ଅର୍ପଣ କରିଥିଲେ।

# ରାସ୍ତାରେ ଡ୍ରାଇଭର ମହାସଂଘ

## ଦାବି ପୂରଣ ନ ହେଲେ ପ୍ରତ୍ୟାହୃତ ହେବନି ଆନ୍ଦୋଳନ


ଆନ୍ଦୋଳନରେ ସାମିଲ ହୋଇଥିବା ଡ୍ରାଇଭରମାନେ।

ନୟାଗଡ଼,୮।୭(ଲୋକନାଥ ମିଶ୍ର)

ଓଡିଶା ଡ୍ରାଇଭର ମହାସଂଘ ପକ୍ଷରୁ ମଙ୍ଗଳବାରଠାରୁ ଆନ୍ଦୋଳନ ଆରମ୍ଭ ହୋଇଛି। ୭ ଦଫା ଦାବି ପୂରଣ ନହେଲେ ଆନ୍ଦୋଳନ ପ୍ରତ୍ୟାହୃତ ହେବନି ବୋଲି ଚେତାବନୀ ଦିଆଯାଇଛି। ନୟାଗଡ ଜିଲା ସଦର ମହକୁମାରେ ଡ୍ରାଇଭରମାନଙ୍କ ଆନ୍ଦୋଳନର ତରିକାକୁ ଦେଖିଲେ ବିଧାନସଭା ସମ୍ମୁଖରେ ଆନ୍ଦୋଳନ ହେବା ପରି ଲାଗୁଛି। ନୟାଗଡ଼ ଟ୍ରାଫିକ ଛକରୁ ଜିଲା ସଂସ୍କୃତି ଭବନ ପର୍ଯ୍ୟନ୍ତ ବଲାଙ୍ଗୀର-ଖୋର୍ଦ୍ଧା ୫୭ନଂ. ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଟେଣ୍ଟ ମାରି ଆନ୍ଦୋଳନ ଚାଲିଛି। ନୟାଗଡ଼ ବ୍ଲକର ବିଭିନ୍ନ ପଞ୍ଚାୟତ ପକ୍ଷରୁ ପୃଥକ ପୃଥକ ଟେଣ୍ଟ କରି ଧାରଣା ଦିଆଯାଇଛି। ଡ୍ରାଇଭର ମାନେ ସେଠାରେ ଖାଦ୍ୟ ଖାଇ ବିଶ୍ରାମ ନେଉଛନ୍ତି।

ଗାଡିର କାଗଜପତ୍ର ଯାଞ୍ଚ କରିବାର କ୍ଷମତା ପୋଲିସକୁ ନ ଦେବା, ସେପ୍ଟେମ୍ବର ୧କୁ ଜାତୀୟ ଡ୍ରାଇଭର ଦିବସ ରୂପେ ଘୋଷଣା, ଗାଡିଗୁଡିକ ପାର୍କିଂ ଏବଂ ଡ୍ରାଇଭରମାନଙ୍କୁ ବିଶ୍ରାମ ନେବା ପାଇଁ ପାର୍କିଂ ସହିତ ବିଶ୍ରାମଗାର, ଶୌଚାଳୟ ୧୦୦ କିମି ଅନ୍ତରରେ କରିବା, ରାଜ୍ୟରେ ଥିବା ଖଣି ଖାଦାନ ଏବଂ କାରଖାନାରେ ୭୦ ପ୍ରତିଶତ ଡ୍ରାଇଭରଙ୍କୁ ନିଯୁକ୍ତି, ବୃତ୍ତିଗତ ଡ୍ରାଇଭରଙ୍କୁ ସ୍ୱତନ୍ତ୍ର ଭତ୍ତା ପ୍ରଦାନ ପରି ୭ଦଫା ଦାବି ରହିଛି। ଏନେଇ ଜିଲା ସଭାପତି ପାଣ୍ଡୁ ସ୍ୱାଇଁଙ୍କ ସୂଚନା ଅନୁସାରେ ଆମେ ଭିନ୍ନ ଭିନ୍ନ ତରିକା ଆପଣେଇ ଆନ୍ଦୋଳନ କରି ଆସିଛୁ। ଆମର କେବଳ ଗୋଟିଏ ଦାବି ପୂରଣ ହୋଇଛି। ଆହୁରି ୬ଟି ଦାବି ରହିଥିଲେ ମଧ୍ୟ ସରକାର ଅଣଦେଖା କରି ଚାଲିଛନ୍ତି। ଏଣୁ ରାଜ୍ୟ ସଂଘର ନିଷ୍ପତ୍ତି କ୍ରମେ ଗତ ମାର୍ଚ୍ଚ ୨୯ରୁ ୬ଦିନ ପାଇଁ ଭୁବନେଶ୍ୱର ଲୋଏର ପିଏମ୍‌ଜିରେ ଶାନ୍ତିପୂର୍ଣ୍ଣ ଧାରଣା ଦେଇଥିଲୁ। ତେବେ ସମସ୍ୟା ସମାଧାନ ହେଲାନି। ଦାବି ପୂରଣ ନ ହେବାରୁ ଜୁଲାଇ ୮ରେ ଧାରଣା ଦେବାକୁ ସରକାରଙ୍କୁ ଅବଗତ କରାଇଥିଲୁ। ସରକାର ଆମ ଦାବିକୁ ଗୁରୁତ୍ୱ ନ ଦେବାରୁ ଆନ୍ଦୋଳନ ଆରମ୍ଭ ହୋଇଛି ବୋଲି କହିଛନ୍ତି। ଦାବି ପୂରଣ ନ ହେଲେ ଆନ୍ଦୋଳନ ହଟିବ ନାହିଁ ବୋଲି କହିଛନ୍ତି।

# ଡ୍ରାଇଭର ସଂଘର ଗଣଧାରଣା

ଖଣ୍ଡପଡ଼ା,୮।୭
(ଅଜୟ କୁମାର ମହାରଣା)

ରାଜ୍ୟ ଡ୍ରାଇଭର ସଂଘର ଆହ୍ୱାନକ୍ରମେ ତଥା ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଖଣ୍ଡପଡ଼ା ବ୍ଲକ ଡ୍ରାଇଭର ସଂଘ ପକ୍ଷରୁ ବାଇପାସ ଛକରେ ମଙ୍ଗଳବାରଠାରୁ ଗଣଧାରଣା ଆରମ୍ଭ ହୋଇଛି। ୭ ଦଫା ଦାବି ପୂରଣ ନେଇ ଆନ୍ଦୋଳନ ଡାକରା ଦିଆଯାଇଛି। ଡ୍ରାଇଭର ସଂଘର ୫୦୦ରୁ ଊର୍ଦ୍ଧ୍ୱ ସଦସ୍ୟ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଖଣ୍ଡପଡ଼ା ବ୍ଲକ ଡ୍ରାଇଭର ସଂଘର ସଭାପତି ରଜତ କୁମାର ଦାସଙ୍କ ସୂଚନା ଅନୁଯାୟୀ, ରାଜ୍ୟ ଓ୍ୱେଲଫେୟାର ବୋର୍ଡରେ ଅଟୋ ଚାଳକମାନଙ୍କୁ ସାମିଲ କରିବା, ଡ୍ରାଇଭରମାନଙ୍କ ସୁରକ୍ଷା ନିମନ୍ତେ ସ୍ୱତନ୍ତ୍ର ଆଇନ ଲାଗୁ କରିବା, ୬୦ ବର୍ଷ ପରେ ସ୍ୱତନ୍ତ୍ର ଭତ୍ତା ପ୍ରଦାନ କରିବା, ପ୍ରତି ୧୦୦ କି.ମି. ବ୍ୟବଧାନରେ ଗାଡ଼ିଗୁଡିକ ପାଇଁ ପାର୍କିଂ ବ୍ୟବସ୍ଥା ସହ ଡ୍ରାଇଭରମାନଙ୍କ ପାଇଁ ବିଶ୍ରାମାଗାର ଓ ଶୌଚାଳୟ ନିର୍ମାଣ କରିବା, ଖଣି ଖାଦାନ ଓ କାରଖାନାରେ ଓଡ଼ିଶାର ଡ୍ରାଇଭରମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ଦେବା, ସେପ୍ଟେମ୍ବର ୧କୁ ଡ୍ରାଇଭର ଦିବସ ଭାବେ ସରକାର ଘୋଷଣା କରିବା, ଯାନବାହାନର କାଗଜପତ୍ର ଯାଞ୍ଚ କ୍ଷମତା ପୋଲିସ ପ୍ରଶାସନକୁ ପ୍ରଦାନ ନ କରିବା ଆଦି ୭ ଦଫା ଦାବି ନେଇ ସଂଘ ପକ୍ଷରୁ ଆନ୍ଦୋଳନ ଡାକରା ଦିଆଯାଇଛି। ତେବେ ଦାବି ପୂରଣ ହେବା ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ ଚାଲୁ ରହିବ ବୋଲି ସଂଘର ସଦସ୍ୟମାନେ କହିଛନ୍ତି। ଗଣଧାରଣା ସ୍ଥଳରେ ଖଣ୍ଡପଡ଼ା ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିଲା। ଡ୍ରାଇଭର ସଂଘର ଆନ୍ଦୋଳନ ଯୋଗୁ ଯାନବାହାନ ଚଳାଚଳ ବନ୍ଦ ରହିଥିଲା।


ରାସ୍ତାପାର୍ଶ୍ୱରେ ଡ୍ରାଇଭରଙ୍କ ଧାରଣା।

# ନବମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁକୁ ନେଇ ବିବାଦ

ନୟାଗଡ଼,୮।୭
(ଲୋକନାଥ ମିଶ୍ର)

ନୟାଗଡ ଜିଲା ନୂଆଗାଁ ବ୍ଲକ୍ ସଦର ମହକୁମାର ନୂଆଗାଁ ହାଇସ୍କୁଲର ନବମ ଶ୍ରେଣୀ ଛାତ୍ର ରାଜା ବିଶ୍ୱାସ ଅସୁସ୍ଥ ହୋଇ ପ୍ରାଣ ହରାଇଛନ୍ତି। ମୃତକଙ୍କ ଘର ଖାଲମଡା ଗାଁରେ। ରାଜାଙ୍କ ମୃତ୍ୟୁ ପରେ ପରିବାରରେ ଚୁଲି ଜଳୁନି। ମୃତ୍ୟୁର କାରର ଅସ୍ୱଷ୍ଟ ରହିଛି। ବାପା ରାଜ କୁମାର ବିଶ୍ୱାସଙ୍କ ସୂଚନା ଅନୁସାରେ ଘରେ ଖାଦ୍ୟ ଖାଇ ପୁଅ ସ୍କୁଲକୁ ଗଲା। ସ୍କୁଲରେ ମଧ୍ୟାହ୍ନଭୋଜନ ଖାଇ ପୁଣି ନୂଆଗାଁରେ ଟିଉଶନ କରିଥିଲା। ଟିଉଶନରେ ସନ୍ଧ୍ୟାରେ ବାନ୍ତି ହୋଇଥିଲା। ବାନ୍ତି ପରେ ଅବସ୍ଥା ଗୁରୁତର ହେବାର ସୂଚନା ପାଇବା ପରେ ପୁଅକୁ ପ୍ରଥମେ ନୂଆଗାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥାରେ ଉନ୍ନତି ନ ଆସିବାରୁ ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା। ତେବେ ନୟାଗନରେ ଡାକ୍ତର ମୃତ ଘୋଷଣା କରିଛନ୍ତି। ମୃତ୍ୟୁର କାରଣ ଜାଣି ନ ପାରିବାରୁ ଇସିଜି କରିବାକୁ ଅନୁରୋଧ କରିଛି ବୋଲି କହିଛନ୍ତି।

# ବିଦ୍ୟୁତ୍ ଶର୍ଟସର୍କିଟରୁ ଅଗ୍ନିକାଣ୍ଡ

ଖଣ୍ଡପଡ଼ା,୮।୭
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସହର ବଜାରସାହିସ୍ଥିତ ଏକ ଗ୍ୟାରେଜ ଓ ଅଟୋ ପାର୍ଟସ ଦୋକାନରେ ସୋମବାର ରାତି ୧୧ଟାରେ ବିଦ୍ୟୁତ୍ ଶର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟିଥିଲା । ଏଥିରେ ଦୋକାନ ମାଲିକ ସୋମନାଥ ବେହେରାଙ୍କ ମୂଲ୍ୟବାନ ସାମଗ୍ରୀ ଜଳିପୋଡ଼ି ନଷ୍ଟ ହୋଇଛି । ଖଣ୍ଡପଡ଼ା ଅଗ୍ନିଶମ କର୍ମଚାରୀମାନେ ନିଆଁକୁ ଆୟତ କରିଥିଲେ। ସୋମନାଥ ରାତିରେ ଦୋକାନ ବନ୍ଦ କରି ଘରକୁ ଯାଇଥିବା ବେଳେ ଏଭଳି ଅଘଟଣ ଘଟିଥିଲା।



# ବାଲି ଫିଲିଂ ନ କରି ମାଟିପୋତା ଯାଉଛି

## ପାଇପ୍ ଲାଇନ କାମ ନିମ୍ନମାନର ଅଭିଯୋଗ

ନୟାଗଡ଼,୮।୭(ଲୋକନାଥ ମିଶ୍ର)



୫୩୧ କୋଟି ଟଙ୍କାର ମେଗା ପାନୀୟ ଜଳ ପ୍ରକଳ୍ପ ନୟାଗଡ଼ ଜିଲା ଭାପୁର ବ୍ଲକର ପଦ୍ମାବତୀଠାରେ ଚାଲୁ ରହିଛି। ସେହି ମେଗା ପ୍ରକଳ୍ପ ହେଲେ ନୟାଗଡ଼, ଭାପୁର, ଖଣ୍ଡପଡ଼ା ବ୍ଲକ ସମେତ ନୂଆଗାଁ ବ୍ଲକର ୮ଟି ପଞ୍ଚାୟତର ଲୋକ ଉପକୃତ ହେବେ। ୨୦୨୫ରେ ମେଗା ପ୍ରକଳ୍ପର କାର୍ଯ୍ୟ ଶେଷ ହେବାର ଥିଲେ ମଧ୍ୟ କାମ ଶେଷ ହୋଇପାରୁନି। ଏଭଳିସ୍ଥଳେ ମେଗା ପାନୀୟ ଜଳପ୍ରକଳ୍ପ ପାଇଁ ବଲାଙ୍ଗୀର-ଖୋର୍ଦ୍ଧା ୫୭ନଂ. ଜାତୀୟ ରାଜପଥରେ ପାଇପ୍ ବିଛାଇବା କାମ ଜାରି ରହିଛି। ତେବେ ପାଇପ୍ ପକାଇ ସାରିବା ପରେ ବାଲି ଫିଲିଂ ବଦଳରେ ମାଟି ଫିଲିଂ କରାଯାଉଛି। ମାଟି ଫିଲିଂ ଏପରି କରାଯାଉଛି ଯେ ବାଲି ପକାଇବାକୁ ଯାଗା ବି ରହୁନି। ପରେ କଂକ୍ରିଟ ପକାଇ କାମ ତରବରିଆ ଭାବେ ରାତିରେ ଶେଷ କରାଯାଉଛି। ସ୍ଥାନୀୟ ଲୋକ ପ୍ରତିବାଦ କଲେ ବି ସୁଫଳ ମିଳୁନି। ଦୁର୍ଗାପ୍ରସାଦ ଅଞ୍ଚଳରେ ଏନେଇ ପ୍ରତିବାଦ ଉଠିବା ବେଳେ ଠିକାଦାର ସ୍ଥାନୀୟ ଲୋକଙ୍କୁ ଖରାପ ବ୍ୟବହାର କରିଥିବା ଅଭିଯୋଗ ହୋଇଛି।

# କନ୍ଦଳବରେ ସବର୍ଣ୍ଣ ଅସବର୍ଣ୍ଣ ବିବାଦ ବଢୁଛି

## ନ୍ୟାୟ ଓ ସହାୟତା ପାଇଁ ଜିଲାପାଳଙ୍କୁ ଫେରାଦ

ନୟାଗଡ଼,୮।୭(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ନୂଆଗାଁ ଥାନା ଜଗନ୍ନାଥ ପ୍ରସାଦର କନ୍ଦଳବରେ ସବର୍ଣ୍ଣ ଅସବର୍ଣ୍ଣ ବିବାଦ ବଢ଼ିବାରେ ଲାଗିଛି। ନ୍ୟାୟ ଓ ସହାୟତା ପାଇଁ ଅସବର୍ଣ୍ଣମାନେ ଏସ୍‌ପିଙ୍କୁ ଅଭିଯୋଗ କରିବା ପରେ ସୁଫଳ ପାଇ ନାହାନ୍ତି। ଶେଷରେ ସୋମବାର ଜିଲାପାଳଙ୍କୁ ଆସି ମହିଳାମାନେ ପୁଣି ଫେରାଦ୍ ହୋଇଛନ୍ତି। ଅସବର୍ଣ୍ଣଙ୍କ ଅଭିଯୋଗ ଅନୁଯାୟୀ, କନ୍ଦଳବରେ ୩୦୦ ପରିବାର ବସବାସ କରୁଥିବାବେଳେ ଏଥିରୁ ୧୯ ପରିବାର ଅସବର୍ଣ୍ଣ ଅଛନ୍ତି। ତେବେ ଗାଁରେ ସବର୍ଣ୍ଣ ଅସବର୍ଣ୍ଣ ମିଳିତ ଭାବେ ଚଳୁଥିଲେ। ଗାଁରେ ଭେଦା ଦେଇ ୨୦ ବର୍ଷ ତଳେ ମନ୍ଦିର ନିର୍ମାଣ ଆରମ୍ଭ କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ସରକାରୀ ଅନୁଦାନରେ ମନ୍ଦିର କାର୍ଯ୍ୟ ଶେଷ ହୋଇଥିଲା। ମନ୍ଦିର ଛୁଆଁଅଛୁଆ ଭେଦଭାବ ନ ଥିଲା। ସବର୍ଣ୍ଣ ଅସବର୍ଣ୍ଣମାନେ ପୂଜା କରି ପାରୁଥିଲେ। ତେବେ ୩ରୁ ୪ମାସ ତଳେ ଅସବର୍ଣ୍ଣ ଜାତିର ପୁଅ ଝିଅ ଭଲପାଇ ପଳାଇ ଯିବାକୁ ଉଦ୍ୟମ କରୁଥିଲେ। ମନ୍ଦିର ପୂଜକଙ୍କ ହସ୍ତକ୍ଷେପ ପରେ ମନ୍ଦିରରେ ଫୁଲମାଳ ପକାଯାଇ ବିବାହ କରାଯାଇଥିଲା। ପୁଅ ଝିଅଙ୍କ ବିବାହ ପରେ ଗାଁରେ ବିବାଦ ମୁଣ୍ଡ ଟେକିଥିଲା। ଗତ ମେ'୧୭ରେ ଗାଁରେ ଏକ ସଭା ବସିଥିଲା। ସଭାରେ ସବର୍ଣ୍ଣ ଅସବର୍ଣ୍ଣ ଲୋକ ଉପସ୍ଥିତ ଥିଲେ। ମନ୍ଦିରରେ ଅସବର୍ଣ୍ଣ ବିବାହକୁ ନେଇ ଦୋଷାରୋପ କରାଯାଇ ମନ୍ଦିର ପୂଜକଙ୍କୁ ବହିଷ୍କାର କରାଯାଇଥିଲା। ଅସବର୍ଣ୍ଣ ଲୋକ ଏହାର ପ୍ରତିବାଦ କରିବା ପରେ ଛୁଆଁ ଅଛୁଆଁ ଭେଦ ଭାବ ନେଇ ସଫେଇ ଦିଆଯାଇଥିଲା। ଗାଁର ଶିବ ମନ୍ଦିରକୁ ଅସବର୍ଣ୍ଣଙ୍କୁ ବାରଣ କରାଯାଇଥିଲା। ଗାଁରେ ଚାନ୍ଦା ଭେଦା ନ ଦେବାକୁ ଅସବର୍ଣ୍ଣମାନଙ୍କୁ କୁହାଯାଇଥିଲା। ସବର୍ଣ୍ଣଙ୍କ ନିଷ୍ପତ୍ତିକୁ ବିରୋଧ କରି ଅସବର୍ଣ୍ଣମାନେ ଆଗରୁ କିପରି ଚାନ୍ଦାଭେଦା ନିଆଯାଉଥିଲା, ମନ୍ଦିରରେ ପୂଜା କରିବାର ସୁଯୋଗ ଦିଆଯାଉଥିଲା ପଚାରିବା ପରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ଅସବର୍ଣ୍ଣଙ୍କୁ ସଭାରୁ ତଡି ଦିଆଯାଇଥିଲା। ଭବିଷ୍ୟତରେ ଗାଁରେ ଘଣ୍ଟ ବାଜିଲେ ସଭାକୁ ନ ଆସିବାକୁ ଅସବର୍ଣ୍ଣମାନଙ୍କୁ କୁହାଯାଇଥିଲା। ପରବର୍ତ୍ତୀ ସମୟରେ ଏହାର ସମାଧାନର ସୂତ୍ର ବାହାରି ନ ଥିଲା। ପୁଣି ଗତ ମେ ୨୧ରେ ଗାଁରେ ଆଉ ଏକ ସଭା କରାଯାଇଥିଲେ ମଧ୍ୟ ଅସବର୍ଣ୍ଣମାନଙ୍କୁ ଡକା ଯାଇ ନ ଥିଲା। ଗତ ମେ ୨୬ରେ ସାବିତ୍ରୀ ବ୍ରତରେ ମନ୍ଦିରକୁ ପୂଜା କରିବାକୁ ଯାଇଥିବା ଅସବର୍ଣ୍ଣ ମହିଳାମାନଙ୍କୁ ଜାତିଆଣ ଆକ୍ଷେପ ରଖି ତଡି ଦିଆଯାଇଥିଲା। ଅସବର୍ଣ୍ଣମାନଙ୍କୁ ବାରମ୍ବାର ଜାତିଆଣ ଆକ୍ଷେପ ଓ ନିର୍ଯାତନା ଦେବା ପରେ ଧନେଶ୍ୱର ନାୟକ ନୂଆଗାଁ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମେ ୨୯ରେ ଏକ ମାମଲା(ନଂ.୧୧୯/୨୫)ରୁଜୁକରି ନୀରବ ଥିଲା। ଅନ୍ୟପକ୍ଷେ ଅସବର୍ଣ୍ଣ ମହିଳାମାନଙ୍କ ଅଭିଯୋଗକୁ ପୋଲିସ ଅଣଦେଖା କରିଥିଲା। ଅସବର୍ଣ୍ଣ ମହିଳାମାନେ ଚୁପ ନ ରହି ଅତିରିକ୍ତ ଏସ୍‌ପି ସୁବାସ ଚନ୍ଦ୍ର ପଣ୍ଡାଙ୍କୁ ଭେଟି ପୋଲିସ ମାମଲା ରୁଜୁ କରୁ ନ ଥିବା ଦର୍ଶାଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଅତିରିକ୍ତ ଏସ୍‌ପି ହସ୍ତକ୍ଷେପ ପରେ ଅନ୍ୟ ଏକ ମାମଲା(ନଂ.୧୨୦/୨୦୨୫)ରେ ଜୁନ ୧ରେ ରୁଜୁ ହୋଇଥିଲା। ଥାନାରେ ଦୁଇଟି ମାମଲା ପରେ ବିବାଦ ସମାଧାନ ହେବା ବଦଳରେ ବଢ଼ି ଚାଲିଲା। ଅସବର୍ଣ୍ଣଙ୍କ ଘର ଦ୍ୱାର ଭାଙ୍ଗି ଗଛ ଲଗାଇବାକୁ ସବର୍ଣ୍ଣମାନେ ଧମକ ଦେଉଥିବା ଅଭିଯୋଗ ହୋଇଥିଲା। ପୁଣି ଗାଁ ଦୋକାନରୁ ସଉଦା ବି ମିଳିଲାନି।

ଏନେଇ ଅସବର୍ଣ୍ଣ ଗୋଷ୍ଠୀର ନେତା ଶାନ୍ତି ନାୟକ ଓ ରାଜ୍ୟ ଆମ୍ବେଡ଼କର ବିଚାର ମଞ୍ଚର ସଭାପତି ଦେବରାଜ ନାୟକ କହିଛନ୍ତି, ନିର୍ଯାତିତ ଅସବର୍ଣ୍ଣଙ୍କୁ ୨୦୧୬ ମସିହାର ସଂଶୋଧିତ ନିୟମାବଳୀ ଅନୁଯାୟୀ କ୍ଷତିପୂରଣ ବ୍ୟବସ୍ଥା, ଯେଉଁ ଦୋକାନୀମାନେ ସଉଦା ଦେଉ ନାହାନ୍ତି ସେମାନଙ୍କୁ ଅଭିଯୁକ୍ତ ଦର୍ଶାଇବା, ଅସବର୍ଣ୍ଣମାନଙ୍କୁ ସୁରକ୍ଷା ଯୋଗାଇ ଦେବା, ଗାଁରେ ଶାନ୍ତି ଫେରାଇ ଆଣିବାର ପଦକ୍ଷେପ ନେବା ପରି ଦାବି ରହିଛି। ତେବେ ଏନେଇ ସବର୍ଣ୍ଣମାନଙ୍କର ମତାମତ ମିଳି ପାରି ନାହିଁ।



ଜିଲାପାଳଙ୍କୁ ଫେରାଦ ହେବାକୁ ଆସିଥିବା ମହିଳାମାନେ।

# ଆନ୍ଦୋଳନକୁ ଓହ୍ଲାଇଲା ଡ୍ରାଇଭର ମହାସଂଘ




ଧର୍ମଶାଳା ଡ୍ରାଇଭର ମହାସଂଘ ପକ୍ଷରୁ ୧୬ନଂ. ଜାତୀୟ ରାଜପଥର ଜାରକା ବସଷ୍ଟାଣ୍ଡଠାରେ ଗଣଧାରଣା ଦିଆଯାଇଛି।



କୋରେଇ ବ୍ଲକର ଗାଡ଼ିଚାଳକମାନେ ପାଣିକୋଇଲି ପୁରୁଣା ଟୋଲଗେଟଠାରେ ଆନ୍ଦୋଳନ କରିଛନ୍ତି।

## ଗାଡ଼ି ଚଳାଚଳ ବାଧାପ୍ରାପ୍ତ
## ଯାତାୟାତ ପାଇଁ ଲୋକେ ହୀନସ୍ତା

**ଧର୍ମଶାଳା/ଜେନାପୁର,୮।୭**
**(ବଟକୃଷ୍ଣ ପରିଡ଼ା/ଅଶୋକ ଦାସ)**

ଓଡ଼ିଶା ଡ୍ରାଇଭର ମହାସଂଘର ନିଷ୍ପତ୍ତିକ୍ରମେ ୭ ଦଫା ଦବିରେ ଡ୍ରାଇଭରମାନେ ମଙ୍ଗଳବାରଠାରୁ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ଆରମ୍ଭ କରିଛନ୍ତି। ଯାଜପୁର ଜିଲାର ବିଭିନ୍ନ ସ୍ଥାନରେ ଡ୍ରାଇଭର ମହାସଂଘ ଆନ୍ଦୋଳନ କରିଥିବାରୁ ଗାଡ଼ି ଚଳାଚଳ ପ୍ରଭାବିତ ହୋଇଛି। ଫଳରେ ଲୋକେ ଯାତାୟାତରେ ନାନା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଏହିକ୍ରମରେ ଧର୍ମଶାଳା ଡ୍ରାଇଭର ମହାସଂଘ ପକ୍ଷରୁ ୧୬ନଂ. ଜାତୀୟ ରାଜପଥର ଜାରକା ଛକ ଓ ୫୩ନଂ. ଜାତୀୟ ରାଜପଥର କନ୍ତପଡ଼ାଠାରେ ଆନ୍ଦୋଳନ କରାଯାଇଛି। ଧର୍ମଶାଳା ଶାଖା ସଭାପତି ଲୋକନାଥ ପୁରୀ, ସମ୍ପାଦକ ଅମୂଲ୍ୟ ମଳିକ, ଉପସଭାପତି ସତ୍ୟବ୍ରତ ନାୟକ, ସଂଯୋଜକ ସୁଶାନ୍ତ ସ୍ୱାଇଁଙ୍କ ସମେତ ଶତାଧିକ ଡ୍ରାଇଭର ଜାରକା ବସଷ୍ଟାଣ୍ଡଠାରେ ଗଣଧାରଣା ଦେଇଛନ୍ତି। ସେହିପରି ୫୩ନଂ. ଜାତୀୟ ରାଜପଥର କନ୍ତପଡ଼ାଠାରେ ଧର୍ମଶାଳା ଶାଖା ଉପଦେଷ୍ଟା ବିଜୟ ବେହେରା, ସହସମ୍ପାଦକ ବସନ୍ତ ପରିଡ଼ା, କୋଷାଧ୍ୟକ୍ଷ ଅଭୟ ବାରିକଙ୍କ ନେତୃତ୍ୱରେ ଶତାଧିକ ଡ୍ରାଇଭର ଆନ୍ଦୋଳନ ଚଳାଇଛନ୍ତି। ସରକାର ଦାବିପୂରଣ କରିବା ପର୍ଯ୍ୟନ୍ତ ସେମାନେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଓଡ଼ିଶା ଡ୍ରାଇଭର ମହାସଂଘ ୨୦୨୩ ମାର୍ଚ୍ଚ ୧୫ରେ ଭୁବନେଶ୍ୱରରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ୧୦ ଦଫା ଦାବି ନେଇ ପୂର୍ବ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ସେତେବେଳେ ସରକାର ସ୍ୱାଭାବିକ ମୃତ୍ୟୁରେ ୨ ଲକ୍ଷ ଏବଂ ଦୁର୍ଘଟଣାଜନିତ ମୃତ୍ୟୁରେ ୪ ଲକ୍ଷ ଟଙ୍କା ପ୍ରଦାନ କରିବା ପାଇଁ ଘୋଷଣା କରିଥିଲେ। ଅନ୍ୟଦାବିକୁ ପର୍ଯ୍ୟାୟ କ୍ରମେ ପୂରଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଦାବି ପୂରଣ ନ ହେବାରୁ ଚଳିତ ବର୍ଷ ନୂତନ ସରକାରଙ୍କ ସମୟରେ ମାର୍ଚ୍ଚ ୨୯ରେ ଡ୍ରାଇଭର ମହାଂଘ ପକ୍ଷରୁ ଭୁବନେଶ୍ୱରସ୍ଥିତ ଲୋୟର ପିଏମଜିଠାରେ ଧାରଣା ଦିଆଯାଇଥିଲା। ମାତ୍ର ଅଦ୍ୟାବଧି କୌଣସି ଦାବି ପୂରଣ ନ ହେବାରୁ ଡ୍ରାଇଭରମାନେ ପୁଣି ଆନ୍ଦୋଳନକୁ ଓହ୍ଲାଇଥିବା କହିଛନ୍ତି।

**କଳିଙ୍ଗନଗର,(ଶୁଭାଶିଷ ରାଉତ):** ଓଡ଼ିଶା ଡ୍ରାଇଭର ମହାସଂଘର ଦାନଗଦି ଶାଖା ପକ୍ଷରୁ କଳିଙ୍ଗନଗର ଶିଳ୍ପାଞ୍ଚଳସ୍ଥିତ ଦାନଗଦି ମିଲିଟାରି ଛକଠାରେ ଆନ୍ଦୋଳନ ଆରମ୍ଭ ହୋଇଛି। ଆନ୍ଦୋଳନ ଯୋଗୁ ଗାଡ଼ି ଚଳାଚଳ ପ୍ରଭାବିତ ହୋଇଛି। ଶିଳ୍ପାଞ୍ଚଳର ଶହଶହ କର୍ମଚାରୀ, ଶ୍ରମିକ ଚାଲିଚାଲି କର୍ମ କ୍ଷେତ୍ରକୁ ଯାଇଛନ୍ତି। ବସ ଚଳାଚଳ ବନ୍ଦ ହୋଇଥିବାରୁ ଯାତ୍ରୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। କିଏ ବ୍ୟାଗ ମୁଣ୍ଡାଇ ଚାଲିଚାଲି ଯାଇଛନ୍ତି ତ ଆଉ କିଏ କାଖରେ ବ୍ୟାଗ ଧରି ବର୍ଷାରେ ଭିଜିଭିଜି ଯାଉଥିବା ଦେଖିବାକୁ ମିଳିଛି। ବହୁ ଯାତ୍ରୀ ବସଷ୍ଟାଣ୍ଡରେ ଘଣ୍ଟା ଘଣ୍ଟା ଧରି ବସି ରହିଛନ୍ତି। ଡ୍ରାଇଭର ସଂଘର ଧର୍ମଘଟକୁ ନେଇ ସରକାର ନୀରବ ଦ୍ରଷ୍ଟା ସାଜିଥିବାରୁ ଯାତ୍ରୀଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ପ୍ରକାଶ ପାଇଛି।

**ପାଣିକୋଇଲି,(ବିକାଶ ମଲ୍ଲିକ):** କୋରେଇ ବ୍ଲକର ଗାଡ଼ିଚାଳକମାନେ ପାଣିକୋଇଲି ପୁରୁଣା ଟୋଲଗେଟଠାରେ ଆନ୍ଦୋଳନ କରିଛନ୍ତି। ଜିଲା ସଭାପତି ମାନସ ଦେବତା ଓ ବ୍ଲକ ସଭାପତି ଖଗେଶ୍ୱର ମୁଦୁଲିଙ୍କ ନେତୃତ୍ୱରେ ୨ଶହରୁ ଊର୍ଦ୍ଧ୍ୱ ଗାଡ଼ିଚାଳକ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଆନ୍ଦୋଳନକୁ ଦୃଷ୍ଟିରେ ରଖି ପାଣିକୋଇଲି ଥାନାଧିକାରୀ ରଞ୍ଜିତ ମହାନ୍ତିଙ୍କ ନେତୃତ୍ୱରେ ସେଠାରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଛି।

**ବିଞ୍ଝାରପୁର/ସିଂହପୁର,(ରାମକୃଷ୍ଣ ଦାସ/ ଅନଙ୍ଗ ଉଦୟ ବେଉରିଆ):** ବିଞ୍ଝାରପୁର ବ୍ଲକର ଶତାଧିକ ଡ୍ରାଇଭରଷ୍ଟିୟରିଂ ଛାଡ଼ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଫଳରେ ସିଂହପୁରରୁ ଅନ୍ୟ ସ୍ଥାନକୁ ଗାଡ଼ି ଚଳାଚଳ ପ୍ରଭାବିତ ହୋଇଛି। ଅଧିକାଂଶ ବସ, ଟ୍ରକ, ଅଟୋ ଓ ଟ୍ୟାକ୍ସି ଗଡୁନାହିଁ। ବିଞ୍ଝାରପୁର ଓ ଆଖପାଖକୁ ମାଲ ପରିବହନ ବାଧାପ୍ରାପ୍ତ ହୋଇଛି। ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅରେଇ ଛକଠାରେ ଚାଲିଥିବା ଆନ୍ଦୋଳନ ସ୍ଥଳରେ ସାମାଜିକ କର୍ମୀ କୈଳାସ ସେଠୀ ପହଞ୍ଚି ଆନ୍ଦୋଳନରତ ଡ୍ରାଇଭରମାନଙ୍କ ସହ ଆଲୋଚନା କରିଛନ୍ତି।

**ରସୁଲପୁର,(ରଞ୍ଜିତ ରାଉତ):** ରସୁଲପୁର ବ୍ଲକ ଡ୍ରାଭର ମହାସଂଘ ପକ୍ଷରୁ ୧୬ନଂ. ଜାତୀୟ ରାଜପଥର ମୂଳାପାଳଛକଠାରେ ଆନ୍ଦୋଳନ କରାଯାଇଛି। ସେମାନଙ୍କ ସମସ୍ୟାକୁ ସରକାରୀସ୍ତରରେ ଗ୍ରହଣ କରା ନ ଗଲେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଚକା ବନ୍ଦ ଆନ୍ଦୋଳନ କରିବେ ବୋଲି ଡ୍ରାଇଭରମାନେ ଚେତାବନୀ ଦେଇଛନ୍ତି। ଆନ୍ଦୋଳନ ଯୋଗୁ ଗମନାଗମନ ପ୍ରଭାବିତ ହୋଇଛି। ଅତ୍ୟାବଶ୍ୟକ ସାମଗ୍ରୀ ପରିବହନ ବାଧାପ୍ରାପ୍ତ ହୋଇଛି।




୫୩ନଂ. ଜାତୀୟ ରାଜପଥର କନ୍ତପଡ଼ାଠାରେ ଧର୍ମଶାଳା ଡ୍ରାଇଭର ମହାସଂଘର ଆନ୍ଦୋଳନ ଚାଲିଛି।



ଦାନଗଦି ଶାଖା ପକ୍ଷରୁ କଳିଙ୍ଗନଗର ଶିଳ୍ପାଞ୍ଚଳସ୍ଥିତ ଦାନଗଦି ମିଲିଟାରି ଛକଠାରେ ଆନ୍ଦୋଳନ ଆରମ୍ଭ।



ରସୁଲପୁର ବ୍ଲକ ଡ୍ରାଭର ମହାସଂଘ ପକ୍ଷରୁ ୧୬ନଂ. ଜାତୀୟ ରାଜପଥର ମୂଳାପାଳଛକଠାରେ ଆନ୍ଦୋଳନ।



ବିଞ୍ଝାରପୁର ବ୍ଲକର ଶତାଧିକ ଡ୍ରାଇଭର ଅରେଇ ଛକଠାରେ ଆନ୍ଦୋଳନ କରୁଛନ୍ତି।

## ଭୁଲବଶତଃ ଆଣିଥିବା ଟଙ୍କା ବ୍ୟାଗ ଫେରାଇଲେ ଯୁବକ



ଟଙ୍କା ଫେରାଉଛନ୍ତି ଯୁବକ।

**ଛତିଆ,୮।୬(ସୌମ୍ୟ ରଞ୍ଜନ ସାହୁ)**

କଟକ ଜିଲା କଇଥା ଅଞ୍ଚଳର ପ୍ରଦୀପ୍ତ ନାଥ ଓ ତାଙ୍କ ସାଙ୍ଗମାନେ ବସ୍‌ରୁ ଭୁଲବଶତ ଆଣିଥିବା ଏକ ଟଙ୍କା ଭର୍ତ୍ତି ବ୍ୟାଗକୁ ମଙ୍ଗଳବାର ଫେରାଇ ନିଜ ସଚୋଟତାର ପରିଚୟ ଦେଇଛନ୍ତି। ସେମାନେ ସୋମବାର ରାତିରେ ପୁରୀରୁ ଏକ ବସ୍‌ରେ ଯାଜପୁର ଜିଲା ବଡ଼ଚଣା ବ୍ଲକର ଛତିଆକୁ ଫେରୁଥିଲେ। ଏହି ସମୟରେ ନିଜ ବ୍ୟାଗ ସହିତ ଭୁଲବଶତଃ ଅନ୍ୟ ଜଣକ ବ୍ୟାଗ ନେଇ ଆସିଥିଲେ। ବସଟି ଛତିଆରୁ ଚାଲିଯିବା ପରେ ଉକ୍ତ ବ୍ୟାଗଟି ସେମାନଙ୍କର ନୁହେଁ ବୋଲି ଜାଣିବାକୁ ପାଇଥିଲେ। ହେଲେ ବସ ପଳାଇଥିବାରୁ ଉକ୍ତ ବ୍ୟାଗକୁ ଛତିଆ କଲେଜ ପାଖରେ ଥିବା ସାରଳା ହୋଟେଲର ମାଲିକ ହରିହର ନାଥଙ୍କ ଜିମା ଦେଇ ଘଟଣା ସମ୍ପର୍କରେ ଜଣାଇଥିଲେ। ଏନେଇ ହୋଟେଲ ମାଲିକ ଯାଜପୁର ଜିଲା ବସ୍ ମାଲିକ ସଂଘକୁ ଜଣାଇଥିଲେ। ମାଲିକ ସଂଘ ପକ୍ଷରୁ ସମ୍ପୃକ୍ତ ବସ୍ କର୍ମଚାରୀଙ୍କୁ ସୂଚନା ଦିଆଯାଇଥିଲା। ଏହି ବ୍ୟାଗରେ ଜରୁରୀ କାଗଜପତ୍ର ସହ ଏକ ଲକ୍ଷରୁ ଅଧିକ ତିନି ବିଡ଼ା ଟଙ୍କା ଥିଲା। ବ୍ୟାଗ ବରୀ ବ୍ଲକ ଭଅଁରା ପଞ୍ଚାୟତର ଅଜୟ କୁମାର ଦାସଙ୍କର ବୋଲି ଜଣାପଡ଼ିଥିଲା। ଏହାପରେ ହରିହର ଓ ପ୍ରଦୀପ୍ତ ସମ୍ପୃକ୍ତ ବ୍ୟାଗ୍ ମାଲିକଙ୍କୁ ଡାକି ତାଙ୍କ ବ୍ୟାଗ ହସ୍ତାନ୍ତର କରିଥିଲେ। ଟଙ୍କା ବ୍ୟାଗ ଫେରିପାଇବା ପରେ ଅଜୟ ବିଭୋର ହୋଇପଡ଼ିଥିଲେ। ଏଭଳି ସାଧୁତା କାର୍ଯ୍ୟ ପାଇଁ ହରିହର ଓ ପ୍ରଦୀପ୍ତ ପ୍ରଶଂସା ସାଉଣ୍ଟିଛନ୍ତି।

## ଗାଡ଼ି ଯନ୍ତ୍ରାଂଶ ଚୋରିବେଳେ ଧରାପଡ଼ିଲେ ୨ ଯୁବକ, ଜଣେ ନାବାଳକ

**ଯାଜପୁର ସଦର/ଯାଜପୁର ଟାଉନ,୮।୭**
**(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି/ ସମର ବିଜୟ ଶରଣ)**

ଯାଜପୁର ସଦର ଥାନା ଅଞ୍ଚଳରେ କିଛିଦିନ ହେବ ରାସ୍ତା ପାର୍ଶ୍ୱରେ ଛିଡ଼ା ହୋଇଥିବା ଗାଡ଼ିଗୁଡ଼ିକରୁ ବ୍ୟାଟେରି ସମେତ ବିଭିନ୍ନ ଯନ୍ତ୍ରାଂଶ ଚୋରି ହେଉଛି। ଏହି ଚୋରିରେ ସମ୍ପୃକ୍ତ ୨ ଯୁବକ ଓ ଜଣେ ନାବାଳକଙ୍କୁ ସୋମବାର ରାତିରେ ଲୋକେ କାବୁ କରି ପୋଲିସ ଜିମା ଦେଇଛନ୍ତି। ପୋଲିସ ସେମାନଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଯୁବକ ଦ୍ୱୟ ହେଲେ କୋତପୁର ଗ୍ରାମର ସଂଗ୍ରାମ ଦଳାଇ ଓ ମାଳଆନ୍ଦପୁର ଗ୍ରାମର ଦୁର୍ଯ୍ୟୋଧନ ମାଝୀ। ନାବାଳକ ଜଣକ ଏରବାଙ୍କ ଅଞ୍ଚଳର ବୋଲି ଜଣାପଡ଼ିଛି। ସେମାନଙ୍କଠାରୁ ଏକ ବାଇକ୍ ଓ ମୋବାଇଲ ଫୋନ୍ ଜବତ ହୋଇଛି। ବାରମ୍ବାର ଚୋରିକୁ ଦୃଷ୍ଟିରେ ରଖି ସ୍ଥାନୀୟ ଗ୍ରାମବାସୀ ଓ ଗାଡ଼ି ମାଲିକ ରାତିରେ ଜଗୁଥିବାବେଳେ ସୋମବାର ରାତି ପ୍ରାୟ ୨ଟାରେ ୬ଜଣ ଦୁର୍ବୃତ୍ତ ବରୁଆଁ ଆଇଟିଆଇ ନିକଟରେ ଥିବା ଗାଡ଼ିରୁ ଯନ୍ତ୍ରାଂଶ ଚୋରି କରୁଥିଲେ। ଏହି ସମୟରେ ଲୋକେ ୩ଜଣଙ୍କୁ କାବୁ କରିଥିବାବେଳେ ଅନ୍ୟ ୩ଜଣ ଅନ୍ଧାରର ସୁଯୋଗ ନେଇ ଫେରାର ହୋଇ ଯାଇଥିଲେ। ସଦର ପୋଲିସ ପହଞ୍ଚିବା ପରେ ଲୋକେ ସେମାନଙ୍କୁ ପୋଲିସ ଜିମା ଦେଇଥିଲେ। ଥାନାରେ ଏକ ଚୋରି ମାମଲା ରୁଜୁ ହୋଇଛି ବୋଲି ଥାନା ଅଧିକାରୀ ଚିନ୍ମୟୀ ବେହେରା ସୂଚନା ଦେଇଛନ୍ତି।

## ବିରୂପା, ଗେଙ୍ଗୁଟି ନଦୀରେ ପ୍ରଥମ ବନ୍ୟା



ବିରୂପା ନଦୀରେ ବନ୍ୟାଜଳ ପ୍ରବାହିତ ହେଉଛି।

**ଚଣ୍ଡିଖୋଲ,୮।୭(ପ୍ରଦୀପ୍ତ କୁମାର ପୃଷ୍ଟି)**

ଯାଜପୁର ଜିଲା ବଡ଼ଚଣା ବ୍ଲକ ଦେଇ ପ୍ରବାହିତ ବିରୂପା, ଗେଙ୍ଗୁଟି ଓ କେଲୁଅ ନଦୀରେ ପ୍ରଥମ ବନ୍ୟା ଜଳ ପ୍ରବେଶ କରିଛି। ଦିନେ ଦୁଇ ଦିନ ମଧ୍ୟରେ ଏହି ବନ୍ୟା ଜଳ ଚାଷ ଜମି ଓ ଗ୍ରାମ ମଧ୍ୟକୁ ପ୍ରବେଶ କରିବା ସମ୍ଭାବନା ସୃଷ୍ଟି ହୋଇଛି। ବିରୂପା ଓ ଗେଙ୍ଗୁଟି ମହାନଦୀର ଶାଖା ହୋଇଥିବାବେଳେ କେଲୁଅ ବ୍ରାହ୍ମଣୀର ଶାଖା ନଦୀ। ବଡ଼ଚଣା ବ୍ଲକର ଖଡ଼ଗପୁରଠାରେ ଏହି ୩ ନଦୀର ମିଳନ ହୋଇଛି। ତେଣୁ ମହାନଦୀ ହେଉ କିମ୍ବା ବ୍ରାହ୍ମଣୀ ଯେଉଁ ନଦୀରେ ବନ୍ୟା ଆସିବ ତାହା ସମ୍ପୃକ୍ତ ୩ ନଦୀରେ ପ୍ରବେଶ କରିବ। ଏହାଦ୍ୱାରା ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତର ତଳିଆ ଅଞ୍ଚଳରେ ବସବାସ କରୁଥିବା ଲୋକେ କ୍ଷତିଗ୍ରସ୍ତ ହେବେ। ସେଥିପାଇଁ ମଙ୍ଗଳବାର ତଳିଆ ଅଞ୍ଚଳରେ ବସବାସ କରୁଥିବା ଲୋକ ଭୟଭିତ ହୋଇ ପଡିଛନ୍ତି।

## ଜଳମଗ୍ନ ହୋଇ ପୂଜା ପାଉଛନ୍ତି ଗୋକନେଶ୍ୱର

**କାଏମା,୮।୭(ଶିବପ୍ରସାଦ ମହାନ୍ତି)**

ଯାଜପୁର ଜିଲା ଧର୍ମଶାଳା ବ୍ଲକ୍ ଅଧୀନ ଜାରକା ଅଞ୍ଚଳର ବାବା ଗୋକର୍ଣ୍ଣେଶ୍ୱରଙ୍କ ପୀଠରେ ବନ୍ୟା ଜଳ ପ୍ରବେଶ କରିଛି। ଫଳରେ ବାବା ଗୋକନେଶ୍ୱର ଜଳମଗ୍ନ ହୋଇ ପୂଜା ପାଉଛନ୍ତି। ରେଙ୍ଗାଲି ଡ୍ୟାମର ଦୁଇ ଗେଟ ଖୋଲିଥିବାରୁ ବ୍ରାହ୍ମଣୀ ନଦୀର ଜଳସ୍ତର ବୃଦ୍ଧି ପାଇଛି। ଏହି ନଦୀ ଜଳରେ ବାବାଙ୍କ ଲିଙ୍ଗ ବୁଡ଼ି ରହିଛି। ଅନ୍ୟପକ୍ଷରେ ବ୍ରାହ୍ମଣୀରେ ବନ୍ୟା ଆସିଲେ ବାବା ଗୋକନେଶ୍ୱର ଜଳମଗ୍ନ ହୋଇ ପୂଜା ପାଆନ୍ତି। ବନ୍ୟା ଆସିଲେ ନାଗ ପ୍ରତିମାଙ୍କୁ ଉପରକୁ ଅଣାଯାଇ ପୂଜା କରାଯାଏ ବୋଲି ମନ୍ଦିର ପୂଜକ ସୋମନାଥ ପାଢ଼ୀ କହିଛନ୍ତି।



**ଅଗ୍ନିକାଣ୍ଡରେ ମୋବାଇଲ ଦୋକାନ ଜଳିଗଲା**

ପାରାଦୀପ,(ଶରତ ରାଉତ): ପାରାଦୀପ ଆଦର୍ଶ ଥାନା ଅନ୍ତର୍ଗତ ଇଫ୍‌କୋ ଛକରେ ସୋମବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡରେ ଏକ ମୋବାଇଲ ଦୋକାନ ଜଳି ଯାଇଛି। ସେଥିରେ ଲକ୍ଷାଧିକ ଟଙ୍କାର ମୋବାଇଲ, କମ୍ପ୍ୟୁଟର ଓ ଅନ୍ୟ ଆସବାବପତ୍ର ନଷ୍ଟ ହୋଇଛି। ନିଆଁ ଲାଗିବାର କାରଣ ଜଣାପଡ଼ିନାହିଁ। ଦୋକାନ ମାଲିକ ବିଦେଶୀ ମାଝୀ କହିଛନ୍ତି, ସେ ରାତି ୧୦ ଟାରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ରାତି ସାଢ଼େ ୧୨ଟାରେ ସ୍ଥାନୀୟ ଲୋକ ଖବର ଦେଲେ ଦୋକାନରେ ନିଆଁ ଲାଗିଛି। ଖବରପାଇ ଇଫ୍‌କୋ ଓ ଏଏମ୍‌ଏନ୍‌ଏସ୍ କମ୍ପାନୀ ନିଆଁ ଲିଭା ଗାଡ଼ି ଆସି ନିଆଁକୁ ଆୟତ୍ତ କରିଥିଲେ। କିନ୍ତୁ ସେତେବେଳକୁ ସବୁ ନଷ୍ଟ ହୋଇ ଯାଇଥିଲା।

# ବ୍ରାଉନସୁଗାର କାରବାର ଉପରେ ଲଗାମ ନାହିଁ

- ନିଶା ଯୋଗୁ ଯୁବଗୋଷ୍ଠୀ ହେଉଛନ୍ତି ପଥଭ୍ରଷ୍ଟ
- ଧରପଗଡ଼ ନ ଥିବାରୁ କାରବାର ବଢ଼ୁଛି


ଗିରଫ ହୋଇଥିବା ୨ ବ୍ରାଉନସୁଗାର ବ୍ୟବସାୟୀ।

ପଟ୍ଟାମୁଣ୍ଡାଇ,୮।୭(କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳରେ ନିଶା କାରବାର ଅବାଧରେ ଚାଲିଛି। ଅଧିକାଂଶ ଗଳିକନ୍ଦିରେ ନିଶାସକ୍ତମାନଙ୍କର ଉତ୍ପାତ ଦେଖିବାକୁ ମିଳୁଛି। ପୂର୍ବରୁ ସରକାରୀ ଏଜେନ୍ସିମାନେ ଏହି କାରବାର ଉପରେ ଅଙ୍କୁଶ ଲଗାଇବାକୁ ଉଦ୍ୟମ କରି ଚଢ଼ାଉ ଜାରି ରଖିଥିଲେ। ହେଲେ ତାହା କମି ଚାଲିଛି। ଏହାର ସୁଯୋଗ ନେଇ ବିଭିନ୍ନ ନିଶା କାରବାର ଆଖପାଖ ଅଞ୍ଚଳରେ ବଢ଼ିଛି। ବିଶେଷକରି ଯୁବଗୋଷ୍ଠୀ ଏଥିପାଇଁ ପ୍ରଥଭ୍ରଷ୍ଟ ହେଉଛନ୍ତି। ବିଶେଷ କରି ବ୍ରାଉନସୁଗାର ଉପରେ ଲଗାମ ଲଗାଯାଇ ପାରୁନାହିଁ। ଏପରି ନିଶା ବେପାରୀଙ୍କୁ ଧରିବା ପାଇଁ କୌଣସି ପଦକ୍ଷେପ ନିଆଯାଉନାହିଁ। ଅବକାରୀ ବିଭାଗ ଚୁପ୍ ବସିଛି। ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି।

ଆଇନଜୀବୀ ଭବାନୀ ପଣ୍ଡା ଓ ସୌମ୍ୟରଞ୍ଜନ ଧଳ କୁହନ୍ତି, ପଟ୍ଟାମୁଣ୍ଡାଇ ଅଞ୍ଚଳରେ ୨ଟି ଥାନା ଗୋଟିଏ ଫାଣ୍ଡି ଓ ଅବକାରୀ କାର୍ଯ୍ୟାଳୟ ଥିବାବେଳେ ବିଭିନ୍ନ ଗଳିକନ୍ଦିରେ ବ୍ରାଉନସୁଗାର ବିକ୍ରି ହେଉଛି। ଏପରି କି ଥାନା, ଫାଣ୍ଡି, ଅବକାରୀ କାର୍ଯ୍ୟାଳୟ ପାଖାପାଖି ଅଞ୍ଚଳରେ ବ୍ରାଉନଗୁଗାର ଅବାଧରେ ବିକ୍ରି ହେଉଥିବା ବାରମ୍ବାର ଅଭିଯୋଗ ହୋଇଆସୁଛି। ଗୋଟିଏ ବ୍ରାଉନସୁଗାର ପୁଡ଼ିଆକୁ ୬୦୦ ଟଙ୍କାରେ ବିକ୍ରି କରାଯାଉଛି। ପୋଲିସ ଓ ଅବକାରୀ ବିଭାଗର ନୀରବତା ବ୍ରାଉନସୁଗାର ବ୍ୟବସାୟୀଙ୍କୁ ସୁହାଉଛି। ବହୁବର୍ଷ ପରେ ଅବକାରୀ ବିଭାଗ ଗତ ଜୁନ୍ ୨୯ରେ ୫ ଲକ୍ଷ ୫୫ହଜାର ଟଙ୍କାର ବ୍ରାଉନ ସୁଗାର ଜବତ କରି ବାହାବା ନେଇଛି। ଯୁବସଙ୍ଗଠକ ସତ୍ୟପ୍ରିୟ ସାମଲ, ଗୌତମ ବେହେରା କୁହନ୍ତି, ପୂର୍ବରୁ ସହରରେ କାଁଭାଁ କେତେଜଣ ଏହାକୁ ବ୍ୟବହାର କରୁଥିଲେ। ସମ୍ପ୍ରତି ଅତି ସହଜରେ ଓ ଶସ୍ତାରେ ଏହା ସବୁଠି ମିଳିଯାଉଥିବାରୁ ଯୁବଗୋଷ୍ଠୀ ସେଥିପ୍ରତି ଆକୃଷ୍ଟ ହେଉଛନ୍ତି। ବିଶେଷକରି ଚୋରା କାରବାର ସହରରେ ବଢ଼ି ଚାଲିଛି। କିନ୍ତୁ ଏହି ଚୋରା କାରବାରର ମୁଖ୍ୟ ବ୍ୟବସାୟୀଙ୍କ ପାଖରେ ପୋଲିସ କି ଅବକାରୀ ବିଭାଗ ପହଞ୍ଚି ପାରିନାହିଁ। କେତେଜଣ ବ୍ୟକ୍ତି ଅତି ଗୋପନୀୟ ଭାବେ ନିଜ ପ୍ୟାକେଟ୍‌ରେ ବ୍ରାଉନସୁଗା ପୁଡ଼ିଆ ରଖି ବାଇକ୍ ଓ ସାଇକେଲରେ ବୁଲୁଛନ୍ତି। ଚିହ୍ନା ବ୍ରାହ୍ମଣ ପାଇଁ ପଇତା ଲୋଡ଼ା ପଡୁ ନ ଥିବା ବେଳେ ବ୍ରାଉନସୁଗାର ସେବନ କରୁଥିବା ଲୋକମାନେ ସେହି ବିକ୍ରେତାଙ୍କ ପାଖରେ ସହଜରେ ପହଞ୍ଚି ଯାଉଛନ୍ତି। ଗୋଟିଏ ପୁଡ଼ିଆ ଦାମ୍ ୩୦୦ ଟଙ୍କାରୁ ଆରମ୍ଭ କରି ୬୦୦, ୮୦୦ ଟଙ୍କା ପର୍ଯ୍ୟନ୍ତ ବିକ୍ରି ଚାଲିଛି। ଏପରି ବିକ୍ରେତାମାନେ ସ୍ୱତନ୍ତ୍ର କୋଡ୍ ୱାର୍ଡ ବିବ୍ୟବହାର କରୁଛନ୍ତି। ସବୁଠୁ ଦୁଃଖର କଥା ଅନେକ କଲେଜ ଛାତ୍ର ଏହି ବ୍ରାଉନସୁଗାର କବଳରେ ପଡିଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷେ ବ୍ରାଉନସୁଗାର ପାଇଁ ଅଧିକ ଅର୍ଥ ଆବଶ୍ୟକ ପଡୁଥିବାରୁ ଯୁବଗୋଷ୍ଠୀ ଚୋରି, ଲୁଟ୍, ଛିନ୍‌ତାଇ ଆଦି ଅପରାଧିକ କାର୍ଯ୍ୟ କରିବାକୁ ପଛାଉ ନାହାନ୍ତି। ସେଥିପାଇଁ ସହରରେ ଅପରାଧ ମଧ ବୃଦ୍ଧି ପାଉଥିବା ବହୁ ଲୋକ ମତବ୍ୟକ୍ତ କରିଛନ୍ତି।

ଏ ସଂକ୍ରାନ୍ତରେ କେନ୍ଦ୍ରାପଡ଼ା ଅବକାରୀ ସୁପରିଟେଣ୍ଡେଣ୍ଟ ବିପ୍ର ମଣ୍ଡଳ କୁହନ୍ତି, ବ୍ରାଉନସୁଗାର ଧରପଗଡ଼କୁ ତ୍ୱରାନ୍ୱିତ କରାଯିବ। ନିଶା ସେବନ ନ କରିବାକୁ ସଚେତନତା କରାଯାଉଛି। ଆଗାମୀ ଦିନରେ ଅଧିକ ଚଢ଼ାଉ ହେବ ବୋଲି ସେ ସୂଚନା ଦେଇଛନ୍ତି।

## ଜେଲ ଗଲେ ୨ ବ୍ରାଉନସୁଗାର ବ୍ୟବସାୟୀ

ପଟ୍ଟାମୁଣ୍ଡାଇ ଅବକାରୀ ବିଭାଗ ମଙ୍ଗଳବାର ୮୦ ଗ୍ରାମ ବ୍ରାଉନସୁଗାର ଜବତ କରିବା ସହ କଷଣଅଣ୍ଟା ଗ୍ରାମର ଜ୍ଞାନ ରଞ୍ଜନ ସାହୁ (୨୩) ଓ ରୁଦ୍ର ପ୍ରକାଶ ରାଉତ (୨୨)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ଉଭୟଙ୍କୁ କେନ୍ଦ୍ରାପଡ଼ା ଉପକାରାଗାରକୁ ପଠାଇ ଦିଆଯାଇଛି। ଜିଲା ଅବକାରୀ ଅଧୀକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ମଙ୍ଗଳବାର ପଟ୍ଟାମୁଣ୍ଡାଇ ଅବକାରୀ ବିଭାଗର ଏକ ଟିମ୍ ଆଦର୍ଶ ଥାନା ଅଧୀନ କଷଣଅଣ୍ଟାର ଏକ ଢାବା ପାଖରେ ଅଚାନକ ଚଢ଼ାଉ କରି ୮୦ ବ୍ରାଉନ ସୁଗାର ଜବତ କରିଥିଲା। ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୮ଲକ୍ଷ ୫୦ ହଜାର ଟଙ୍କା। ଏ ସଂକ୍ରାନ୍ତରେ ପଟ୍ଟାମୁଣ୍ଡାଇ ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା(ପିଆର ନଂ ୫୧/୨୫) ରୁଜୁ ହୋଇଛି।

# ଆଦର୍ଶ ଥାନା ଅଧୀନରେ ରହିଲା ନରସିଂହପୁର, ଡିହାପଡା ପଞ୍ଚାୟତ

ପଟ୍ଟାମୁଣ୍ଡାଇ,୮।୭(କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ବ୍ଲକ ନରସିଂହପୁର ଓ ଡିହାପଡା ପଞ୍ଚାୟତବାସୀଙ୍କ ଦୀର୍ଘଦିନର ଦାବି ପୂରଣ ହୋଇଛି। ନୂତନ ଗ୍ରାମାଞ୍ଚଳ ଥାନା ପ୍ରତିଷ୍ଠା ପରେ ଉତିକଣର ୧୯ ପଞ୍ଚାୟତ ସମେତ ଉପରୋକ୍ତ ୨ ପଞ୍ଚାୟତକୁ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ବଦଳରେ ସେହି ଥାନାରେ ସାମିଲ କରାଯାଇଥିଲା। ନରସିଂହପୁର ଓ ଡିହାପଡା ପଞ୍ଚାୟତଠାରୁ ଗ୍ରାମାଞ୍ଚଳ ଥାନା ପ୍ରାୟ ୧୫କି.ମି. ଦୂରରେ ଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏନେଇ ଉଭୟ ପଞ୍ଚାୟତବାସୀଙ୍କ ଗତ ୩ ବର୍ଷ ହେବ ଆଦର୍ଶ ଥାନା ଅଧୀନରେ ରହିବାକୁ ଦାବି କରି ଆସୁଥିଲେ। ଏ ସମ୍ପର୍କରେ ନରସିଂହପୁର ସରପଞ୍ଚ ଦିପ୍ତୀମୟୀ ପରିଡା ଏମ୍‌ପି ବୈଜୟନ୍ତ ପଣ୍ଡାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେ ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିକଟରେ ପ୍ରସ୍ତାବ ରଖିଥିଲେ। ସେହିପରି କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ଏଥିରେ ସହଯୋଗ କରିବା ସହିତ ଏହି ଦାବି ବିଧାନସଭାରେ ଉଠାଇଥିଲେ। ଶେଷରେ ମୁଖ୍ୟମନ୍ତ୍ରୀ ମାଝୀ ଏ ସଂକ୍ରାନ୍ତରେ ବିଭାଗୀୟ ଅଧିକାରୀଙ୍କୁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ସୋମବାର ଉଭୟ ପଞ୍ଚାୟତ ଆଦର୍ଶ ଥାନାରେ ସାମିଲ ହେଲା ବୋଲି ସରକାରୀ ନିର୍ଦ୍ଦେଶନାମା ପ୍ରକାଶ ପାଇଛି।

# ମଲ୍ଲିକେଶ୍ୱର ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ


ବିଦ୍ୟାଳୟରେ ବନ ମହୋତ୍ସବ ଅବସରରେ ଚାରାରୋପଣ।

ଡେରାବିଶ,୮।୭(ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ପଲେଇ ପଞ୍ଚାୟତ ଅନ୍ତର୍ଗତ ମଲ୍ଲିକେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ବନମହୋତ୍ସବ ସପ୍ତାହ ପାଳନ ଅବସରରେ ବିଦ୍ୟାଳୟ ଇକୋ କ୍ଲବ ପକ୍ଷରୁ ଆୟୋଜିତ ଉତ୍ସବରେ ପରିବେଶବିତ୍ ତଥା ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ବେହେରା ପୌରୋହିତ୍ୟ କରି ପରିବେଶକୁ ସନ୍ତୁଳିତ ରଖିବାକୁ ହେଲେ ଚାରା ରୋପଣର ଆବଶ୍ୟକତା ଏବଂ ବନମହୋତ୍ସବ ସପ୍ତାହ ପାଳନର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସର ଓ ଖେଳ ପଡ଼ିଆ ଚାରିପାଖରେ ଶତାଧିକ ବିଭିନ୍ନ ପ୍ରଜାତିର ଚାରା ରୋପଣ କରାଯାଇ ଏହାର ଯତ୍ନ ନେବାକୁ ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ରମାନେ ସଂକଳ୍ପ ନେଇଥିଲେ। ବିଦ୍ୟାଳୟ ଇକୋ କ୍ଲବ ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀ ଶୁଭଶ୍ରୀ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗିରିଶ ଚନ୍ଦ୍ର ସ୍ୱାଇଁ, ଚିନ୍ମୟୀ ମହାନ୍ତି, ଜୟନ୍ତୀ ଦାସ,ରୀତାରାଣୀ ମିଶ୍ର, ତପନ ସ୍ୱାଇଁ, ସବିତା ସ୍ୱାଇଁ, ସଞ୍ଜିତା ମହାପାତ୍ର, ବୁଦ୍ଧଦେବ ମାରାଇ ଓ ଦିବ୍ୟଜ୍ୟୋତି ରଥ ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ରହି ଚାରା ରୋପଣ କରିବା ସହିତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରିଘାଗଡ଼ ବଳଦେବଜୀଉଙ୍କ ନୀଳାଦ୍ରି ବିଜେ

ରାଜନଗର,୮।୭(ଭାସ୍କର ରାଉତରାୟ)

ରାଜନଗର ବ୍ଲକ ଭିତରକନିକା ଜାତୀୟ ଉଦ୍ୟାନକୁ ସଂଯୋଗ କରୁଥିବା ମୁଖ୍ୟ ସଡ଼କ ପଥ ପାର୍ଶ୍ୱବର୍ତ୍ତୀ ଇଶରପୁର ପଞ୍ଚାୟତ ରିଘାଗଡ଼ ଗ୍ରାମର ବହୁ ପୁରାତନ ଶ୍ରୀ ବଳଦେବଜୀଉଙ୍କ ପବିତ୍ର ନୀଳାଦ୍ରି ବିଜେ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଠାରେ ରଥ ଟଣା ହୁଏ ନାହିଁ, ନିଆରା ଢଙ୍ଗରେ ଶ୍ରୀ ବଳଦେବଜୀଉ, ଶ୍ରୀ ଜଗନ୍ନାଥ, ମା ସୁଭଦ୍ରାଙ୍କୁ ରତ୍ନ ସିଂହାସନ ତଳକୁ ମୁରୁଜ ରଥରେ ବିଜେ କରିବା ପରେ ରଥଯାତ୍ରା ଅନୁଷ୍ଠିତ ହୋଇଥାଏ। ମଙ୍ଗଳବାର ମହାପ୍ରଭୁଙ୍କ ନୀଳାଦ୍ରି ବିଜେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ କନିକା ରାଣୀ ମୃଣାଳିନୀ ଦେବୀ ଯୋଗଦେଇ ମହାବାହୁଙ୍କ ଦର୍ଶନ କରିଥିଲେ। ବଡ଼ପଣ୍ଡା ଡମ୍ବରୁଧର ପାଢ଼ୀ, ରଞ୍ଜନ ମିଶ୍ର, ହୃଷିକେଶ ପଣ୍ଡା,ବାଇଧର ଦାଶ ପ୍ରମୁଖ ନୀତିକାନ୍ତିରେ ସାମିଲ ହୋଇଥିଲେ। ଏହି ଉତ୍ସବରେ ଆଖପାଖ ଗ୍ରାମରୁ ଶ୍ରଦ୍ଧାଳୁଙ୍ମାନେ ଯୋଗ ଦେଇ ଠାକୁରଙ୍କ ଦିବ୍ୟ ଦର୍ଶନ କରିଥିଲେ।

# ୧୦ ଦଫା ଦାବିରେ ରାଜସ୍ୱ ଅମଲାଙ୍କ କଳାବ୍ୟାଜ୍ ପରିଧାନ


ରଘୁନାଥପୁରରେ ରାଜସ୍ୱ ଅମଲାମାନେ କଳାବ୍ୟାଜ ପିନ୍ଧିଛନ୍ତି।

ରଘୁନାଥପୁର,୮।୭
(ରାଜେନ୍ଦ୍ର ନାରାୟଣ ସିଂହ)

ଓଡ଼ିଶା ରାଜସ୍ୱ ଅମଲା ସଂଘର ନିଷ୍ପତ୍ତିକ୍ରମେ ୧୦ ଦଫା ଦାବି ନେଇ ସୋମବାରଠାରୁ ରଘୁନାଥପୁର ତହସିଲ, ବ୍ଲକ୍ ଓ ଆଇସିଡିଏସ୍ କାର୍ଯ୍ୟାଳୟର ୧୧ଜଣ ରାଜସ୍ୱ କର୍ମଚାରୀ କଳାବ୍ୟାଜ୍ ପରିଧାନକରି କାର୍ଯ୍ୟରତ ଅଛନ୍ତି। ଦାବି ପୂରଣ ନ ହେଲେ ଜୁଲାଇ ୧୪ରୁ କର୍ମଚାରୀମାନେ ସାମୂହିକ ଭାବେ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି। ଏହି କାର୍ଯ୍ୟବନ୍ଦ ଆନ୍ଦୋଳନ ସମୟରେ ଯଦି ସାଧାରଣ ଜନତା ସେବା ପାଇବାରେ ଅସୁବିଧାରେ ସମ୍ମୁଖୀନ ହୁଅନ୍ତି ଏଥିପାଇଁ ରାଜ୍ୟ ସରକାର ଦାୟୀ ରହିବେ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଦାବିଗୁଡ଼ିକ ମଧ୍ୟରେ କାର୍ଯ୍ୟରତ ରାଜସ୍ୱ ଅମଲାଙ୍କ ମୂଳ ଦରମା ୨୦୧୭ ଓଏସ୍‌ଆର୍‌ପି ନିୟମ ଅନୁଯାୟୀ ଲେଭେଲ ୯କୁ ବୃଦ୍ଧି କରିବା, ନୂତନ ପଦବୀ ସୃଷ୍ଟି କରାଯିବା ସହ ପଦବୀ ପୁନର୍ଗଠନ, ଜିଲାସ୍ତରରେ କାର୍ଯ୍ୟରତ କର୍ମଚାରୀଙ୍କୁ ଓଡ଼ିଶା ରାଜସ୍ୱ ସେବା ପଦବୀରେ ଶତ ପ୍ରତିଶତ ପଦୋନ୍ନତି, ନୂତନ ପେନ୍‌ସନ ଯୋଜନାକୁ ବନ୍ଦକରି ପୁରାତନ ପେନ୍‌ସନ ଯୋଜନାକୁ ଅନ୍ତର୍ଭୁକ୍ତ କରିବା,୧୯୯୦ ମସିହାରେ ଲାଗୁ ହୋଇଥିବା ପୁନଃ ଥଇଥାନ ଯୋଜନାକୁ ପ୍ରଚଳନ କରିବା, ସମସ୍ତ କର୍ମଚାରୀ ଓ ସେମାନଙ୍କ ପରିବାରବର୍ଗଙ୍କୁ ୨୦ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା ପ୍ରଦାନ, ନୂତନ ନିଯୁକ୍ତିପ୍ରାପ୍ତ ରାଜସ୍ୱ ସହାୟକଙ୍କୁ ତାଲିମ ପ୍ରଦାନ ସହ ଅନ୍ୟାନ୍ୟ ଦାବି ରହିଛି।

## ଜୁଲାଇ ୧୪ରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ନିଷ୍ପତ୍ତି

# ସାହାଣୀ କପ୍ ପାଇଁ ରାଜକନିକାରେ ଫାଓ ପର୍ଯ୍ୟବେକ୍ଷକ


ରାଜକନିକାରେ ପହଞ୍ଚିଥିବା ଫାଓ ପର୍ଯ୍ୟବେକ୍ଷକ।

ରାଜକନିକା,୮।୭ (ରବୀନ୍ଦ୍ର କୁମାର ଦାସ/ସଞ୍ଜୟ କୁମାର ଦାଶ)

ଚଳିତମାସ ୧୬ତାରିଖ ରାଜକନିକାଠାରେ ୬୪ ତମ ସିନିୟର ଆନ୍ତ ଜିଲା ସାହାଣୀ କପ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବାକୁ ଯାଉଛି। ଏଥିପାଇଁ ମଙ୍ଗଳବାର ଫାଓ ପର୍ଯ୍ୟବେକ୍ଷକ ମାନେ ରାଜକନିକା ଗସ୍ତ କରି କ୍ଷେତ୍ର ପରିଦର୍ଶନ କରିଥିଲେ। ଏହି ପରିପ୍ରେକ୍ଷୀରେ ପର୍ଯ୍ୟବେକ୍ଷକମାନେ ରାଜକନିକା ଆଥଲେଟିକ ଆସୋସିଏଶନ ସଭାଗୃହରେ ଆସୋସିଏଶନର କର୍ମକର୍ତ୍ତାମାନଙ୍କ ସହିତ ଟୁର୍ଣ୍ଣାମେଣ୍ଟକୁ କିପରି ସଫଳ କରାଯାଇ ପାରିବ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରିବା ସହ ବିଭିନ୍ନ କ୍ଷେତ୍ର ପରିଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଫାଓ ପକ୍ଷରୁ ସହଦେବ ରାଉତ,ରମେଶ ଚନ୍ଦ୍ର ମଲିକ, କେନ୍ଦ୍ରାପଡ଼ା ଜିଲା କ୍ରୀଡା ସଂସଦ ସମ୍ପାଦକ ସୟଦ ଅକମଲ ଅଲ୍ଲି, ରାଜକନିକା ଆଥଲେଟିକ ଆସୋସିଏଶନର ଉପସଭାପତି କପିଳେନ୍ଦ୍ର ମଲିକ, ଯୁଗ୍ମ ସମ୍ପାଦକ ଡ. ଫକୀର ଚନ୍ଦ୍ର ପ୍ରଧାନ, ଓ ପ୍ରାଣବନ୍ଧୁ ରାଉତ, କୋଷାଧକ୍ଷ ଦେବେନ୍ଦ୍ର କୁମାର ନାୟକ, ମିଡ଼ିଆ ସମ୍ପାଦକ ଅଜୟ କୁମାର ରାଉତ, କ୍ରୀଡା ସଙ୍ଗଠକ ପବିତ୍ର ରାଉତ, କାର୍ଯ୍ୟକାରୀ ସଦସ୍ୟ ଗୋଲକ ବିହାରୀ ମଲିକ,ଚିନ୍ମୟ ରଞ୍ଜନ ଦାସ, ଶରତ ମଲିକ, ବିଜୟ ଭୂୟାଁ, ଅକ୍ଷୟ ନାଥ, ରଙ୍ଗାଧର ବେହୁରା,ପ୍ରହ୍ଲାଦ ଜେନା ପ୍ରମୁଖ ଉପସ୍ଥିତ ଥିଲେ ବୋଲି ଆସୋସିଏଶନର ସାଧାରଣ ସମ୍ପାଦକ ଅଜୟ କୁମାର ନାୟକ ସୂଚନା ଦେଇଛନ୍ତି।

# ଫୁଲୁଛି ବ୍ରାହ୍ମଣୀ, ଚାଷଜମି ଜଳମଗ୍ନ

## କୁମ୍ଭୀର ଆତଙ୍କରେ ଧୋୟାଞ୍ଚଳବାସୀ


ବ୍ରାହ୍ମଣୀ ନଦୀରେ ପ୍ରଥମ ବନ୍ୟା ଜଳ।

ପଟ୍ଟାମୁଣ୍ଡାଇ,୮।୭(କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଚଳିତ ବର୍ଷର ପ୍ରଥମ ବନ୍ୟା ପାଣି ପ୍ରବେଶ କରିଛି। ବାରମ୍ବାର ଲଘୁ ଚାପଜନିତ ଲଗାଣବର୍ଷା ଓ ରେଙ୍ଗାଲି ପାଣି ଛାଡିବା ଯୋଗୁ ବ୍ରାହ୍ମଣୀ, ବୈତରଣୀ ଓ କାଣୀ ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ପଟ୍ଟାମୁଣ୍ଡାଇ ବ୍ଲକ ସିଂହଗାଁ ଅଳପୁଆ, ତରଡ଼ିପାଳ, ପେଣ୍ଠପାଳ, ଅଣ୍ଡେରା, ଅମୃତମଣୋହି ବଲୁରିଆ ପଞ୍ଚାୟତର ଆଦି ଅନେକ ଗ୍ରାମର ବହୁ ଏକର ଚାଷଜମିରେ ବନ୍ୟା ପାଣି ମାଡି ଯାଇଛି। ପୂର୍ବରୁ ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳରେ କୁମ୍ଭୀର ଆକ୍ରମଣ ଘଟଣାରେ ୨ ଜଣଙ୍କ ମୃତ୍ୟୁ ଘଟିଥିଲା। ଏବେ ବନ୍ୟା ବିପନ୍ନ ଅଞ୍ଚଳରେ କୁମ୍ଭୀର ଦେଖାଯାଉଥିବା ଖବର ଜଣାପଡ଼ିବା ପରେ ଲୋକମାନଙ୍କ ମଧ୍ୟରେ ଘୋର ଆତଙ୍କ ସୃଷ୍ଟି ହୋଇଛି। ସେହିପରି ପଟ୍ଟାମୁଣ୍ଡାଇ ବ୍ଲକର ଶ୍ରୀରାମପୁର, ଡାମରପୁର, ନୀଳକଣ୍ଠପୁର, ବାଲିପାଟଣା, ବାଛରା, ବଳଭଦ୍ରପୁର ଶାସନ ଆଦି ପଞ୍ଚାୟତର ଚାଷଜମିରେ ବନ୍ୟା ଜଳ ମାଡି ଯାଇଛି। ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ବାଲିପଡ଼ା, କଷଣଅଣ୍ଟା, ତଳବାଲିପଡ଼ା, ସିଦ୍ଧପାଟଣା, ବଳଦେବନଗର, ତନୁପୁର, ନନ୍ଦିନୀନଗର, କାକୁଡ଼ିପଲ୍ଲୀ, ନୂଆଗାଁ, ଅଳଭା, ଷଣ୍ଢପଲ୍ଲୀ ଆଦି ଅଞ୍ଚଳର ଚାଷ ଜମିରେ ବନ୍ୟା ଜଳ ପ୍ରବେଶ କରିଛି।

# ଶ୍ରୀକୁଞ୍ଜବିହାରୀଙ୍କ ନୀଳାଦ୍ରି ବିଜେ

କୁଜଙ୍ଗ, ୮।୭(ମନୋଜ ପ୍ରଧାନ)

ଗଡକୁଜଙ୍ଗର ପ୍ରସିଦ୍ଧ ସୁଭଦ୍ରା କ୍ଷେତ୍ରରେ ମହାପ୍ରଭୁ ଶ୍ରୀକୁଞ୍ଜବିହାରୀଙ୍କ ନୀଳାଦ୍ରି ବିଜେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ରଥ ଉପରେ ସୁନାବେଶ ଓ ସୋମବାର ଅଧର ପଣା ଅର୍ପଣ କରାଯାଇଥିଲା। ଏହି ଅବସରରେ ମଙ୍ଗଳବାର ସକାଳେ ରଥରେ ମଙ୍ଗଳ ଆଳତି କରାଯାଇଥିଲା। ଦିନରେ ଅନ୍ୟ ଦେବନୀତି ସହିତ ସନ୍ଧ୍ୟାଧୂପ ସମ୍ପାପନ ପରେ ଉପସ୍ଥିତ ଶ୍ରଦ୍ଧାଳୁମାନେ ରଥ ଉପରକୁ ଯାଇ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ। ପରେ ମହାପ୍ରଭୁଙ୍କୁ ପହଣ୍ଡିରେ ମନ୍ଦିରକୁ ନିଆଯାଉଥିଲା ବେଳେ ଲକ୍ଷ୍ମୀନାରାୟଣଙ୍କ କଳି ସମାପନ କରାଯାଇଥିଲା। ଦେବେନ୍ଦ୍ର ରାଉତ ଓ ଭୋଳାନାଥ ସ୍ୱାଇଁ ଲକ୍ଷ୍ମୀ ନାରାୟଣଙ୍କ କଳି ସମ୍ପର୍କିତ ଗୀତଗାନ କରିଥିଲେ। ମହାପ୍ରଭୁ ରତ୍ନବେଦୀକୁ ଯିବା ପରେ ବଡ଼ପଣ୍ଡା ଚିତ୍ତରଞ୍ଜନ ପଣ୍ଡା ରସଗୋଲା ଭୋଗ ଲାଗି କରିଥିଲେ। ବଡ଼ଦାଣ୍ଡରେ ସାଂସ୍କୃତିକ କାର୍ଯ୍ୟକ୍ରମ ସୁଭଦ୍ରା ଭଜନ ସନ୍ଧ୍ୟା ପରିବେଷଣ କରାଯାଇଥିଲା। ମନ୍ଦିର ଟ୍ରଷ୍ଟବୋର୍ଡ ସଭାପତି ରାଜେନ୍ଦ୍ର ବେହେରା, ସମ୍ପାଦକ ଭୋଳାନାଥ ରାଉତ, ବିଷ୍ଣୁ ଚରଣ ପ୍ରଧାନ, ଯଦୁନାଥ ଖଟୁଆ, ସମ୍ପଦ ବାରିକ, ବିଜୟଚାନ୍ଦ ନାୟକ, ସଞ୍ଜୟ ମହାପାତ୍ର, ପ୍ରକାଶ ଦାସ ପ୍ରମୁଖ ଟ୍ରଷ୍ଟବୋର୍ଡ ସଦସ୍ୟ ଓ ଗ୍ରାମବାସୀ ଉତ୍ସବ ପରିଚାଳନା କରିଥିଲେ।

# ରାସ୍ତା ଅବସ୍ଥା ଶୋଚନୀୟ: ଅସୁବିଧାରେ ୩୦ ପରିବାର

ଏରସମା,୮।୭ ( ଦୀପ୍ତି ଖଣ୍ଡୁଆଳ)

ଏରସମା ବ୍ଲକ୍ ଅନ୍ତର୍ଗତ ଜନକାଦେଇପୁର ପଞ୍ଚାୟତସ୍ଥିତ ଦୁର୍ଗାପୁର ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି। ଫଳରେ ପଞ୍ଚାୟତର ୩୦ ପରିବାର ଅସୁବିଧା ଭୋଗ କରୁଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ନଗରୀ ଛକରୁ ଗ୍ରାମ୍ୟ ଉନ୍ନୟନ ରାସ୍ତା ଶିଆଳି ସମୁଦ୍ର ବେଳାଭୂମିକୁ ଯାଇଛି। ଏହି ମୁଖ୍ୟ ରାସ୍ତାରୁ ଦୁର୍ଗାପୁର ଗ୍ରାମକୁ ସଂଯୋଗ କରିଥିବା ରାସ୍ତା ଦୀର୍ଘବର୍ଷ ହେଲା କଚାରାସ୍ତା ଥିଲା। ବହୁ ଅଭିଯୋଗ ପରେ ଗତ ୩ ବର୍ଷ ତଳେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ଏହି ରାସ୍ତାରେ ନୂଆ ମାଟି ପକାଯାଇ ବାଲି ମୋରମ କରାଯାଇଥିଲା। ମାତ୍ର ୩ ବର୍ଷ ହେଲା ମରାମତି ଅଭାବରୁ ରାସ୍ତାରେ ଆଣ୍ଠୁଏ କାଦୁଅ ହୋଇଗଲାଣି। ଗତ ୧୫ ଦିନ ହେଲା ହେଉଥିବା ଲଗାଣ ବର୍ଷା ପ୍ରଭାବରେ ଗ୍ରାମବାସୀ ବାହାରକୁ ବାହାରିପାରୁନାହାନ୍ତି। ଏହି ରାସ୍ତା ଉପରେ ଯାତାୟାତ ପାଇଁ ନିର୍ଭର କରୁଥିବା ଦୁର୍ଗାପୁର ଓ ତଳପଡ଼ା ଗ୍ରାମର ୩୦ ପରିବାର ଗୁରୁତର ରୋଗୀଙ୍କୁ ଚିକିତ୍ସା କରିବା ପାଇଁ ଗାଁକୁ ଆମ୍ବୁଲାନ୍ସ ଆସିପାରୁନାହିଁ। ପିଲାମାନେ ସାଇକେଲ ନେଇ ପଢ଼ିବାକୁ ସ୍କୁଲକୁ ଯାଇପାରୁନାହାନ୍ତି। ବର୍ଷା ହେଲେ ଗ୍ରାମବାସୀ ଗାଡ଼ି ଧରି ବାହାରକୁ ଓ ଓଲରା ହାଟକୁ ଯାଇପାରୁନାହାନ୍ତି। ପ୍ରଶାସନ ପକ୍ଷରୁ ଏହି ରାସ୍ତା ପୁନରୁଦ୍ଧାର ପାଇଁ ଗ୍ରାମବାସୀ ବ୍ଲକ୍ ପ୍ରଶାସନ ନିକଟରେ ଦାବି କରିଛନ୍ତି। ଏ ସମ୍ପର୍କରେ ବିଡିଓ ଦାଶରଥି ଜେନାଙ୍କୁ ପଚାରିବାରେ ତାହା ଏମ୍‌ଜିଏନ୍‌ଆର୍‌ଇଜିଏସରେ ରାସ୍ତା ଖୁବ୍‌ଶୀଘ୍ର ପୁନରୁଦ୍ଧାର କରାଯିବ ବୋଲି ସେ କହିଛନ୍ତି।


ଦୁର୍ଗାପୁର ରାସ୍ତା କାଦୁଅ ହୋଇଛି।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟକୁ ସଂଯୋଗ ରାସ୍ତା ଶୋଚନୀୟ

## ବିଡିଓଙ୍କୁ ଫେରାଦ ହେଲେ ଅଭିଭାବକ ମହାସଂଘ


ଅଭିଭାବକ ମହାସଂଘ ବିଡିଓଙ୍କୁ ଭେଟି ଅଭିଯୋଗ କରୁଛନ୍ତି।

ରାଜକନିକା,୮।୭(ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକର ଓଡ଼ିଶା ଆଦର୍ଶ ବିଦ୍ୟାଳୟକୁ ସଂଯୋଗ କରୁଥିବା ସଡ଼କ ଶୋଚନୀୟ ହୋଇପଡିଛି। ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଛାତ୍ରୀଛାତ୍ରମାନେ କାଦୁଅ,ପାଣିରେ ଭିଜି ସ୍କୁଲ ଯାଉଛନ୍ତି। ଏପରି ଅବ୍ୟବସ୍ଥାକୁ ନେଇ ବିଡିଓଙ୍କୁ ଫେରାଦ ହୋଇଛନ୍ତି ଅଭିଭାବକ ମହାସଂଘ।

ସୂଚନାଯୋଗ୍ୟ, ପୂର୍ବ ସରକାରଙ୍କ ନିଷ୍ପତ୍ତି କ୍ରମେ ଗୁଣାତ୍ମକ ଶିକ୍ଷା ବ୍ୟବସ୍ଥାକୁ ନେଇ ଓଡ଼ିଶାର ୩୧୪ଟି ବ୍ଲକରେ ଏହି ବିଦ୍ୟାଳୟ ସ୍ଥାପନା କରାଯାଇଥିଲା। ଏହି କ୍ରମରେ କେନ୍ଦ୍ରାପଡା ଜିଲା ରାଜକନିକା ବ୍ଲକର କଣ୍ଟପଡା ପଞ୍ଚାୟତ ଅଚିନ୍ତା ମୌଜାରେ ଓଡ଼ିଆ ଆଦର୍ଶ ବିଦ୍ୟାଳୟ ଖୋଲାଯାଇଥିଲା। ହେଲେ ଦୀର୍ଘ ୪ ବର୍ଷ ପୂର୍ବେ ବ୍ଲକର ଖୋଲିଥିବା ଏହି ବିଦ୍ୟାଳୟରେ ଛାତ୍ରୀଛାତ୍ରମାନଙ୍କ ନାମ ଲେଖାଇ ସ୍ଥାନୀୟ ବାଳିକା ବିଦ୍ୟାଳୟରେ ଶିକ୍ଷାଦାନ ଦିଆଯାଉଥିଲା। ଅଭିଭାବକମାନଙ୍କ ଆନ୍ଦୋଳନ ପରେ ଗତବର୍ଷ ବିଦ୍ୟାଳୟର ନିଜସ୍ୱଘରେ ଶିକ୍ଷାଦାନ ଆରମ୍ଭ ହୋଇଛି। ହେଲେ ଏହି ବିଦ୍ୟାଳୟକୁ ସଂଯୋଗ କରୁଥିବା ସଡକଟି ଅତି ଶୋଚନୀୟ ଅବସ୍ଥା ହୋଇଥିବା ଦେଖିବାକୁ ମିଳିଛି। ଠିକାସଂସ୍ଥା ଅତି ତରବରିଆ ଭାବେ ଘର ନିର୍ମାଣ କରି ପାଠପଢ଼ା ପାଇଁ ବିଦ୍ୟାଳୟକୁ ହସ୍ତାନ୍ତର କରିଥିଲେ ମଧ ବିଦ୍ୟାଳୟକୁ ସଂଯୋଗ କରୁଥିବା ସଡ଼କରେ କେବଳ ମାଟି ଦି-ମୁଠା ପକାଇ ଦାୟିତ୍ୱ ସାରିଦେଇଛନ୍ତି। ଫଳରେ ଏବେ ବର୍ଷା ଦିନରେ ଛାତ୍ରୀଛାତ୍ରମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ନେଇ ଅଭିଭାବକ ମହାସଂଘ ଗତ ଜିଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣୀରେ ଅଭିଯୋଗ କରିଥିଲେ। ହେଲେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆ ନ ଯିବାରୁ ଅଭିଭାବକ ମହାସଂଘ ପକ୍ଷରୁ ସ୍ଥାନୀୟ ବିଡ଼ିଓ କୈଳାସ ଚନ୍ଦ୍ର ମହାଳିକଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। ନିୟମାନୁଯାୟୀ ଆରଡ଼ି ବିଭାଗର ଏହି ସଡକ ୨୦୨୪ରେ ପୂର୍ଣ୍ଣାଙ୍ଗ କରିବାକୁ ଚୁକ୍ତି ହୋଇଥିବା ବେଳେ ଠିକାସଂସ୍ଥାଙ୍କ ଅହେତୁକ ବିଳମ୍ବ କରିଛି। ଖୁବଶୀଘ୍ର ଏହି ସଡ଼କ କାର୍ଯ୍ୟ କରାଯିବ ବୋଲି ବିଡ଼ିଓ ମହାଳିକ କହିଛନ୍ତି। ଏଥିରେ ବ୍ୟତିକ୍ରମ ହେଲେ ଅଭିଭାବକ ମହାସଂଘ ଆନ୍ଦୋଳାତ୍ମକ ପନ୍ଥା ଗ୍ରହଣ କରିବ ବୋଲି ଅଭିଭାବକ ମହାସଂଘର ସଂଯୋଜକ ପଙ୍କଜ କୁମାର ଦାସ, ସଭାପତି ସୁନୀଲ କୁମାର ନାୟକ, ସମ୍ପାଦକ ଦିଲୀପ କୁମାର ରାଉତ, ସତ୍ୟବ୍ରତ ପରିଡ଼ା, ଲଳିତ କୁମାର ରାୟ, ଅଞ୍ଜନ ବେହେରା, ବୀରେନ୍ଦ୍ର ସାମଲ, ସୁମିତ୍ରା ବେହେରା, ଚିତ୍ତରଞ୍ଜନ ମିଶ୍ର, ବଟକୃଷ୍ଣ ବଳ ପ୍ରମୁଖ କହିଛନ୍ତି।

## ସଂକ୍ଷେପରେ

### ଷଣ୍ଢ ଆକ୍ରମଣରେ ୨ ଗୁରୁତର

ଦାରିଙ୍ଗବାଡି, ୮।୭ (ଅରୁଣ ସାହୁ)

ଦାରିଙ୍ଗବାଡି ଥାନା ସିମନବାଡି ପଞ୍ଚାୟତର ବଜାର ଓ ଗାଁ ଭିତରେ ଏକ ଷଣ୍ଢ ଆତଙ୍କ ଖେଳାଇଛି। ଷଣ୍ଢଟି ପଞ୍ଚାୟତ ଅଞ୍ଚଳର ୩ ଜଣଙ୍କୁ ଆକ୍ରମଣ କରିଛି। ସେମାନେ ହେଲେ ଦଡିବାଡ଼ି ଗ୍ରାମର ସୁଦର୍ଶନ ଦିଗାଲ, ବାଲେରା ପ୍ରଧାନ ଏବଂ ଉପେନ୍ଦ୍ର ଡିଗାଲ । ଉପେନ୍ଦ୍ର ଏବଂ ସୁଦର୍ଶନଙ୍କ ଅବସ୍ଥା ଗୁରୁତର ରହିଛି । ଉପେନ୍ଦ୍ରଙ୍କୁ ପରିବାର ଲୋକେ ପ୍ରଥମେ ସିମନବାଡି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଅଧିକ ଚିକିତ୍ସା ପାଇଁ ଅନ୍ୟତ୍ର ନେବାକୁ ଡାକ୍ତର ପରାମର୍ଶ ଦେଇଥିବା ପରିବାର ପକ୍ଷରୁ କୁହାଯାଇଛି। ଷଣ୍ଢଟି ପଞ୍ଚାୟତ ଅଞ୍ଚଳର ଦଡିବାଡ଼ି, ଜୁଡ଼ାବାଡି,ଆସଂକୁପୁଳି ଆଦି ଅଞ୍ଚଳରେ ଘୁରିବୁଲୁଛି। ଆକ୍ରମଣ ଆଶଙ୍କାରେ ଉକ୍ତ ଅଞ୍ଚଳର ଲୋକେ ଭୟଭୀତ ହେଉଥିବା ଜଣାପଡିଛି। ଷଣ୍ଢକୁ କାବୁ କରିବାକୁ ପ୍ରୟାସ ଜାରି ରହିଛି।

### ଶିକ୍ଷାନୁଷ୍ଠାନ, ସଂଘ ପକ୍ଷରୁ ଚାରାରୋପଣ

ଧରାକୋଟ,୮।୭(କୃପାସିନ୍ଧୁ ସ୍ୱାଇଁ)

ଧରାକୋଟ ବ୍ଲକ ଅନ୍ତର୍ଗତ ମୁଣ୍ଡମରାଇ ସରସତୀ ଶିଶୁ ମନ୍ଦିର ଆନୁକୁଲ୍ୟରେ ବନ ମହୋତ୍ସବ ସେବା ସପ୍ତାହ ଗତ ଜୁଲାଇ ୧ ତାରିଖ ଠାରୁ ଜୁଲାଇ ୭ ତାରିଖ ପର୍ଯ୍ୟନ୍ତ ୭ ଦିନବ୍ୟାପୀ ପାଳିତ ହୋଇଥିଲା। ପ୍ରଥମ ଦିବସ ଧରାକୋଟ ବନ ବିଭାଗ କର୍ମଚାରୀଙ୍କ ଉପସ୍ଥିତିରେ ସ୍କୁଲ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଥିଲା। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଖଣ୍ଡ ସେବା ପ୍ରମୁଖ ଦୀନବନ୍ଧୁ ମହାରଣା, ପ୍ରଧାନ ଆଚାର୍ଯ୍ୟ ମହେଶ୍ୱର ସ୍ୱାଇଁ, ବରିଷ୍ଠ ଆଚାର୍ଯ୍ୟ ଗଣେଶ ଚନ୍ଦ୍ର ପାତ୍ର ଉପସ୍ଥିତ ଥିଲେ। ସେହିପରି ମୁଣ୍ଡମରାଇ ବିଦ୍ୟ ଜାବନ ସଂଘ ଶାଖା ପକ୍ଷରୁ ବନମହୋତ୍ସବ ଅବସରରେ ସଂଘ ସଭାପତି ଅବସରପ୍ରାପ୍ତ ଶିକ୍ଷକ ପି. ତ୍ରିନାଥ ପାତ୍ରଙ୍କ ଦ୍ୱାରା ସ୍ଥାନୀୟ ଉଚ୍ଚ ବିଦ୍ୟାଳୟ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ହୋଇଥିଲା। ଶାଖାର ସଦସ୍ୟ ନୀତେଶ ସାହୁ, ବାସୁଦେବ ପଣ୍ଡା, ଦୀନବନ୍ଧୁ ମହାରଣା, ୟୁ. ନାଗେଶର ରାଓ, ପ୍ରସାଦ ଆଚାରି ଓ ସଞ୍ଜୟ ପାତ୍ର ଉପସ୍ଥିତ ରହି ଆମ୍ବ, ଲିମ୍ବ, କଦମ୍ବ, ସଜନା ଓ ବାଦାମ ଚାରା ଲଗାଇଥିଲେ।

### ୧୧୦ ଲିଟର ଦେଶୀ ମଦ ଜବତ, ୨ ଗିରଫ

ବୁଗୁଡା,୮।୭(କାଳିଚରଣ ଦାଶ)

ବୁଗୁଡା ଅବକାରୀ ଥାନା ପକ୍ଷରୁ ମଙ୍ଗଳବାର ଦୁଇଟି ସ୍ଥାନରେ ଚଢାଉ କରାଯାଇ ୧୧୦ ଲିଟର ଦେଶୀ ମଦ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ୨ ଜଣଙ୍କୁ ଗିରଫ କରାଯାଇଛି। ମଦ ଚାଲାଣରେ ବ୍ୟବହୃତ ବାଇକ୍ ମଧ୍ୟ ଜବତ ହୋଇଥିବା ଅବକାରୀ ଥାନା ଅଧିକାରୀ ଜ୍ୟୋତି ରଞ୍ଜନ ସେନାପତି କହିଛନ୍ତି। ଗିରଫ ଦୁଇ ଜଣ ହେଲେ ଆଦିପୁର ଗ୍ରାମର ଲଡୁ କିଶୋର ଜେନା ଓ ସମୀର ସାହୁ। ମଙ୍ଗଳବାର ସକାଳେ ଲଡୁ କିଶୋର ବାଇକରେ ମଦ ଧରି ବି.ବ୍ରହ୍ମପୁର ଗାଁ ଛକରେ ଥିବା ବେଳେ ଖବର ପାଇ ଥାନା ଅଧିକାରୀ ସେନାପତିଙ୍କ ନେତୃତ୍ୱରେ ଅବକାରୀ ପୋଲିସ ଚଢାଉ କରି ବାଇକ ଓ ୭୦ ଲିଟର ମଦ ତାଙ୍କଠାରୁ ଜବତ କରିଥିଲା। ତାଙ୍କୁ ଗିରଫ କରାଯାଇଥିଲା। ସେହିପରି ଆଦିପୁର ଗ୍ରାମରେ ଚଢାଉ କରି ସମୀରଙ୍କଠାରୁ ୪୦ ଲିଟର ଦେଶୀ ମଦ ମଧ୍ୟ ଜବତ କରାଯାଇଥିଲା। ତାଙ୍କୁ ମଧ୍ୟ ଗିରଫ କରାଯାଇଥିଲା। ଏ ନେଇ ବୁଗୁଡା ଅବକାରୀ ଥାନା ପକ୍ଷର ନଂ. ୪୮/୨୦୨୫ ଏବଂ ୪୯/୨୦୨୫ରେ ମାମଲା ରୁଜୁ କରାଯାଇଛି।

# ଶିକ୍ଷକ ଅଭାବ ପ୍ରତିବାଦରେ ବିଦ୍ୟାଳୟରେ ତାଲା

ପାରଳାଖେମୁଣ୍ଡି,୮।୭(ଗିରିଧାରୀ ପରିଛା)

ଗଜପତି ଜିଲା କାଶୀନଗର ବ୍ଲକ ଅଲଡା ପଞ୍ଚାୟତ ଅନ୍ତର୍ଗତ ଲେଙ୍ଗଡାଗୁଡା ଗ୍ରାମର ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ ପ୍ରତିବାଦରେ ଅଭିଭାବକମାନେ ମଙ୍ଗଳବାର ଫାଟକରେ ତାଲା ପକାଇ ଆନ୍ଦୋଳନ କରିଛନ୍ତି। ଏହି ବିଦ୍ୟାଳୟରେ ୧୨୩ ଜଣ ଛାତ୍ରୀଛାତ୍ର ପଢୁଥିବା ବେଳେ ସେମାନଙ୍କ ପାଇଁ ମାତ୍ର ୨ ଜଣ ଶିକ୍ଷକ ଅଛନ୍ତି। ଏହି ଦୁଇ ଜଣ ଶିକ୍ଷକଙ୍କ ମଧ୍ୟରୁ ଜଣେ ପି ଚିଟ୍ଟିବାବୁ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାବେ ଦାୟିତ୍ୱ ତୁଲାଉଛନ୍ତି। ତାଙ୍କୁ ଅଫିସ କାର୍ଯ୍ୟ ସହ ଅନ୍ୟାନ୍ୟ କାର୍ଯ୍ୟ କରିବାକୁ ପଡୁଛି। ଫଳରେ ସେ ପିଲାମାନଙ୍କୁ ଠିକ୍ ରୂପେ ପାଠ ପଢାଇପାରୁନାହାନ୍ତି। ସହକାରୀ ଶିକ୍ଷକ ବିନୋଦ ପାଟିକା ବିଏଲଓ ଦାୟିତ୍ୱରେ ଅଛନ୍ତି। ବିଦ୍ୟାଳୟରେ କେବଳ ଇଂଲିଶ ଓ ସାହିତ୍ୟ ପଢ଼ା ଯାଉଛି। ଅନ୍ୟ ବିଷୟଗୁଡିକ ସେମାନେ ପଢିପାରୁ ନାହାନ୍ତି ବୋଲି ବିଦ୍ୟାଳୟର ଛାତ୍ର ଜନ ସିଂ, ଆୟୁଷ ବିଡ଼ିକାଙ୍କ ସହ ଛାତ୍ରୀଛାତ୍ରମାନେ କହିଛନ୍ତି।



ବିଦ୍ୟାଳୟ ଫାଟକରେ ତାଲା ପକାଇ ଆନ୍ଦୋଳନ କରୁଥିବା ଅଭିଭାବକ, ଗ୍ରାମବାସୀ।

ପୂର୍ବତନ ଜିଲା ପରିଷଦ ସଦସ୍ୟା ସୁକାନ୍ତି ଶବର, ସମିତିସଭ୍ୟା ପାର୍ବତୀ ଶବର , ବିଦ୍ୟାଳୟ ପରିଚାଳନା କମିଟି ଉପାଧ୍ୟକ୍ଷା କବିତା ବିଡ଼ିକା, ଗ୍ରାମବାସୀ ବିଶାଳ ଶବର କହିଛନ୍ତି, ବିଦ୍ୟାଳୟ ପାଇଁ ଆଉ ୩ ଜଣ ଶିକ୍ଷକ ଦେବାକୁ ସେମାନେ କାଶୀନଗର ବିଇଓଙ୍କଠାରୁ ଆରମ୍ଭ କରି ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ମଧ୍ୟ ଜଣାଇଥିଲେ। ମାତ୍ର ଏଯାଏ କିଛି ସୁଫଳ ମିଳିନାହିଁ। କାଶୀନଗର ବିଇଓ ଦାୟିତ୍ୱରେ ଥିବା ଏସ. ଗିରିଧାରୀଙ୍କୁ ଉକ୍ତ ବିଦ୍ୟାଳୟର ଶିକ୍ଷକ ଅଭାବ ସମ୍ପର୍କରେ ଗ୍ରାମବାସୀ ଅବଗତ କରିଥିଲେ। ସେ ବିଧାୟକ କିମ୍ବା ଏମ୍‌ପିଙ୍କ ପାଖକୁ ଯାଇ ଜଣାଇବାକୁ ପରାମର୍ଶ ଦେଇଥିଲେ। ସବୁଆଡୁ ନିରାଶ ହୋଇ ଶେଷରେ ଗ୍ରାମବାସୀ ବିଦ୍ୟାଳୟରେ ତାଲା ପକାଇଛନ୍ତି। ଶିକ୍ଷକ ଅଭାବ ପୂରଣ ନ ହେବା ପର୍ଯ୍ୟନ୍ତ ଏହା ଜାରି ରହିବ ବୋଲି ସେମାନେ କହିଛନ୍ତି। ଏନେଇ ଜିଲା ଶିକ୍ଷା ଅଧିକାରୀ ମାୟାଧର ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି, ଆଜି ଦୁଇ ଜଣ ଶିକ୍ଷକଙ୍କୁ ସେହି ସ୍କୁଲରେ ନିଯୁକ୍ତି ଦିଆଯାଇଛି। ବୁଧଠାରୁ ସେମାନେ ସେଠାରେ ଶିକ୍ଷା ଦାନ କରିବେ।

# ଲଟକା ଲାଗିବା ପରେ ୧୬ ଆତ୍ମସମର୍ପଣ କଲେଣି

## ୨୧୭ ଫେରାର ଅଭିଯୁକ୍ତଙ୍କ ଘର ଆଗରେ ଲାଗିଥିଲା ଲଟକା

ଛତ୍ରପୁର,୮।୭(ଦିଲ୍ଲୀପ ସାମଲ)

ଗଞ୍ଜାମ ପୋଲିସ ଜିଲା ପକ୍ଷରୁ ବିଭିନ୍ନ ଥାନା ପକ୍ଷରୁ ଫେରାର ଥିବା ୨୧୭ ଅଭିଯୁକ୍ତଙ୍କ ଘର ସମ୍ମୁଖରେ ନୋଟିସ ଲଗାଯାଇଥିଲା। ଏମାନେ ଫେରାର ରହୁଥିବାରୁ ବିଭିନ୍ନ କୋର୍ଟରେ ଚାଲିଥିବା ମାମଲାର ଅଗ୍ରଗତିରେ ବିଳମ୍ବ ହେଉଥିଲା। ନୋଟିସ ଲଗାଯିବାର ୩୦ ଦିନ ମଧ୍ୟରେ କୋର୍ଟରେ ହାଜର ହେବାକୁ କୁହାଯାଇଥିଲା। ନଚେତ ସେମାନଙ୍କ ସମ୍ପତ୍ତି ବ୍ୟାଜପ୍ତ ହେବ ବୋଲି ନୋଟିସରେ ଉଲ୍ଲେଖ ଥିଲା। ଏହି ପରିପ୍ରେକ୍ଷୀରେ ୨୧୭ ଫେରାର ଅଭିଯୁକ୍ତଙ୍କ ମଧ୍ୟରୁ ୧୬ ଜଣ ଆତ୍ମସମର୍ପଣ କରିଛନ୍ତି। ୫ଜଣଙ୍କୁ ପୋଲିସ ଧରିଛି। କୋଦଳା, ରମ୍ଭା ଓ ଖଲ୍ଲିକୋଟ ଅଞ୍ଚଳର ଜଣେ ଲେଖାଏ ମୋଟ ୩ଜଣଙ୍କ ଦେହାନ୍ତ ହୋଇଯାଇଥିବା ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ ପାତ୍ର ସୂଚନା ଦେଇଛନ୍ତି । ଆଗକୁ ମଧ୍ୟ ଫେରାର ଅଭିଯୁକ୍ତମାନେ ଆତ୍ମସମର୍ପଣ କରିବାର ସମ୍ଭାବନା ରହିଛି । ଗଞ୍ଜାମ ପୋଲିସ ଜିଲାର ୨୪ ଥାନା ପକ୍ଷରୁ ୨୧୭ ଫେରାର ଅଭିଯୁକ୍ତଙ୍କ ଘର ଆଗରେ ନୋଟିସ ଲାଗିଥିଲା। ଭଞ୍ଜନଗର ଥାନା ପକ୍ଷରୁ ୧୫ ଜଣଙ୍କ ଘର ଆଗରେ ନୋଟିସ ଲଗାଯାଇଥିବା ବେଳେ ଜଗନ୍ନାଥପ୍ରସାଦରେ ୫ଜଣ, ବେଲଗୁଣ୍ଠାରେ ୨, ତାରସିଂରେ ୧୪, ଗାଙ୍ଗାପୁରରେ ୨୧, ବୁଗୁଡାରେ ୧୭, ଆସିକାରେ ୧୧, କୋଟିନଡାରେ ୩, ଶେରଗଡରେ ୯, ଧରାକୋଟରେ ୧୦, ବଡଗଡରେ ୮, ଯୋଗଡାରେ ୧୬, ପାତ୍ରପୁରରେ ୩, ହିଞ୍ଜିଳିରେ ୧୨, ପୁରୁଷୋତ୍ତମପୁରରେ ୨, କବିସୂର୍ଯ୍ୟନଗରରେ ୩, ପୋଲସରାରେ ୨୭, କୋଦଳାରେ ୧୧, ବେଗୁନିଆପଡାରେ ୪, ଛତ୍ରପୁରରେ ୭, ଚାମାଖଣ୍ଡିରେ ୨, ରମ୍ଭାରେ ୪, ଖଲ୍ଲିକୋଟରେ ୬ ଓ ଗଞ୍ଜାମ ଥାନା ପକ୍ଷରୁ ୧ଟି ନୋଟିସ ଲଗାଯାଇଥିଲା। ତାରସିଂ,ପାତ୍ରପୁର ଓ ରମ୍ଭା ପୋଲିସ ଜଣେ ଲେଖାଏଁ ଫେରାର ଅଭିଯୁକ୍ତଙ୍କୁ ଧରିଥିବା ବେଳେ ପୁରୁଷୋତ୍ତମପୁର ପୋଲିସ ୨ଜଣଙ୍କୁ ଧରିଛି।

# କେଏସ୍‌ୟୁବିରେ ଯୁକ୍ତ ୨ ନାମଲେଖା ଆରମ୍ଭ

## ଆନ୍ଦୋଳନ ଯୋଗୁ ମିଡ ସେମିଷ୍ଟରର ପରୀକ୍ଷା ସ୍ଥଗିତ



ଭଞ୍ଜନଗର,୮।୭(ବାବୁଲା ପ୍ରଧାନ)

ମଙ୍ଗଳବାରଠାରୁ ରାଜ୍ୟରେ ଯୁକ୍ତ ୨ ପ୍ରଥମ ପର୍ଯ୍ୟାୟ ନାମଲେଖା ଆରମ୍ଭ ହୋଇଛି। ଏହା ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ (କେଏସ୍‌ୟୁବି)ମହାବିଦ୍ୟାଳୟରେ ଯୁକ୍ତ ୨ କଳା, ବାଣିଜ୍ୟ, ବିଜ୍ଞାନ ଏବଂ ସରକାରୀ ଧନ୍ଦାମୂଳକ ଶିକ୍ଷା ପାଇଁ ପ୍ରଥମ ବର୍ଷ ନାମଲେଖା ଆରମ୍ଭ ହୋଇଛି। ତେବେ ଆଜି ରାଜ୍ୟରେ ଡ୍ରାଇଭର ସଂଘ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିବାରୁ ଦୂର ଦୁରାନ୍ତରୁ ଆସିବାକୁ ଥିବା ଛାତ୍ରୀଛାତ୍ରମାନେ ବିଭିନ୍ନ କଲେଜରେ ପହଞ୍ଚିବାରେ ବିଳମ୍ବ ହୋଇଛି। କିନ୍ତୁ ଯେଉଁ ଛାତ୍ରୀଛାତ୍ରମାନେ ଆଜି ନାମ ଲେଖାଇବାରେ କିଛିଟା ଅସୁବିଧା ରହିବ ସେମାନେ ୧୪ ତାରିଖ ମଧ୍ୟରେ ନାମ ଲେଖାଇ ପାରିବେ। ଅନ୍ୟପକ୍ଷରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ବୁଧବାର ହେବାକୁ ଥିବା ଯୁକ୍ତ ୩ ଦ୍ୱିତୀୟ ମିଡ ସେମିଷ୍ଟର ପରୀକ୍ଷାକୁ ଡ୍ରାଇଭର ସଂଘ ଏବଂ ବାମପନ୍ଥୀ ଦଳର ଆନ୍ଦୋଳନ ଡ଼ାକରା ଯୋଗୁ ଏହାକୁ ସ୍ଥଗିତ ରଖାଯାଇଛି। ଏନେଇ ଆଗାମୀ ଦିନରେ ପୁଣି ମିଡ ସେମିଷ୍ଟର ପରୀକ୍ଷା ନେଇ ତାରିଖ ପ୍ରକାଶିତ ହେବ। ଏଠାରେ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପାଇଁ ୨୧ ତାରିଖରେ ତାଲିକା ପ୍ରକାଶିତ ହେବ। ୨୩ ରୁ ୨୮ ତାରିଖ ପର୍ଯ୍ୟନ୍ତ ନାମଲେଖା ହେବ। ଅଧ୍ୟକ୍ଷ ରାଜେନ୍ଦ୍ର ଦାସ, ପ୍ରଶାସନିକ ଅଧିକାରୀ ବିଭାସ ଦାସ, ପ୍ରାଧ୍ୟାପକ କୁମୁନ୍ଦ ମହାପାତ୍ର, ହର ପ୍ରସାଦ ଶତପଥୀଙ୍କ ତତ୍ତ୍ୱାବଧାନରେ ଚାଲିଥିବା ନାମଲେଖା କାର୍ଯ୍ୟରେ ଅଧ୍ୟାପିକା ଶେଫାଳି ପଟ୍ଟନାୟକ, କଳ୍ପନା ସାଣ୍ଟ, ଅଧ୍ୟାପକ ବୁଧିନାଥ ବେହେରା ଓ ଅନ୍ୟମାନେ ସହଯୋଗ କରୁଛନ୍ତି।

# ସମସ୍ୟା ସମାଧାନ ନ ହେଲେ ରେଲରୋକୋ

## ରେଳ ଗଳାଶଙ୍ଖ ରାସ୍ତା ମରଣଯନ୍ତା

ଛତ୍ରପୁର,୮।୭(ସନ୍ତୋଷ ପାଢ଼ୀ):

ଛତ୍ରପୁର କୋର୍ଟ ଷ୍ଟେଶନ ଗଳାଶଙ୍ଖ ଦେଇ ଯାଇଥିବା ରାସ୍ତା ମରଣଯନ୍ତା ପାଲଟିଛି । ରାସ୍ତାସାରା ଖାଲଖମା ହୋଇଛି। ବର୍ଷାଦିନେ ଉକ୍ତ ରାସ୍ତା କାଦୁଅ ପଚପଚ ହେଉଛି। ଖୋର୍ଦ୍ଧା ରେଳମଣ୍ଡଳ ଏଥିପ୍ରତି ଧ୍ୟାନ ଦେଉ ନ ଥିବାରୁ ରାସ୍ତାଟି ଦିନକୁ ଦିନ ଖରାପ ହୋଇଯାଉଛି। ସାମାନ୍ୟ ବର୍ଷାରେ ମଧ୍ୟ ଉକ୍ତ ରାସ୍ତା ଦେଇ ଯିବା ଏକ ପ୍ରକାରର ମୁସ୍କିଲ ହୋଇପଡୁଛି। ଦୈନିକ ଶହ ଶହ ଜନସାଧାରଣ ଉକ୍ତ ରାସ୍ତା ଦେଇ ଯିବାଆସିବା କରିଥାନ୍ତି। ମହାନାଦପୁର, ବଉଳଗାଁ, ବିପୁଲିଙ୍ଗି ଓ ଚିକଲଖଣ୍ଡି ପଞ୍ଚାୟତ ସମେତ ଆହୁରି ଅନେକ ଗ୍ରାମ ଓ ଛତ୍ରପୁର ଏନଏସିର ୧୪ ନଂ. ୱାର୍ଡର ଜନସାଧାରଣ ଏବଂ ସ୍କୁଲ ଛାତ୍ରଛାତ୍ରୀ ରାସ୍ତା ଖରାପ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ଛୋଟବଡ଼ ଦୁର୍ଘଟଣା ମଧ୍ୟ ଘଟୁଥିବା ନଜିର ରହିଛି। ଗଳାଶଙ୍ଖ ରାସ୍ତା ମରାମତି ସମ୍ପର୍କରେ ରେଳବିଭାଗ ନିକଟରେ ବହୁ ଦିନରୁ ଦାବିହୋଇଆସୁଥିବା ବେଳେ ଏ ଯାଏ କୌଣସି ସୁଫଳ ମିଳିଲାନି। ରାସ୍ତା ବିପର୍ଯ୍ୟସ୍ତ ପାଇଁ ଅଞ୍ଚଳବାସୀ ରେଳବିଭାଗକୁ ଦାୟୀ କରିବା ସହ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହାର ତୁରନ୍ତ ସମାଧାନ ନ ହେଲେ ଆଗାମୀ ଦିନରେ ରେଳରୋକୋ କରାଯିବାକୁ ଚେତାବନୀ ଦିଆଯାଇଛି।

# ଗଞ୍ଜାମ ଜିଲାପାଳ, ଏସ୍‌ପିଙ୍କୁ ଭେଟିଲେ ପରିବାର

## ମାଲିରେ ଯୁବକଙ୍କୁ ଅପହରଣ ଘଟଣା

ଛତ୍ରପୁର,୮।୭(ଦିଲ୍ଲୀପ ସାମଲ)

ପଶ୍ଚିମ ଆଫ୍ରିକାର ମାଲିରେ ଥିବା ଏକ ସିମେଣ୍ଟ କାରଖାନା କାର୍ଯ୍ୟ କରୁଥିବା ହିଞ୍ଜିଳି ଥାନା ସମରଝୋଳ ଗ୍ରାମର ପି.ଭେଙ୍କଟ ରମଣଙ୍କୁ ଆତଙ୍କବାଦୀ ସଂଗଠନ ଅପହରଣ କରିଛନ୍ତି। ତାଙ୍କୁ ଶୀଘ୍ର ସୁରକ୍ଷିତ ଭାବେ ଉଦ୍ଧାର କରିବା ନେଇ ପରିବାର ସଦସ୍ୟ ମଙ୍ଗଳବାର ଗଞ୍ଜାମ ଜିଲାପାଳ ଓ ଏସ୍‌ପିଙ୍କୁ ଭେଟି ନିବେଦନ କରିଛନ୍ତି। ଗଞ୍ଜାମ ପ୍ରଶାସନ ଓ ପୋଲିସ ପକ୍ଷରୁ ପଦକ୍ଷେପ ନିଆଯାଉଛି ବୋଲି ଜିଲାପାଳ ବିଦ୍ୟୁତ୍‌ଜ୍ୟୋତି ପରିଡା ସୂଚନା ଦେଇଛନ୍ତି। ପ୍ରତି ମୁହୂର୍ତ୍ତରେ କଣ ସବୁ ଅଗ୍ରଗତି ହେଉଛି ତାହା ଆମେ ଜାଣୁଛୁ। ପରିବାର ସହ ଯୋଗାଯୋଗ ଅଛୁ, ଯଥାଶୀଘ୍ର ସମସ୍ୟା ସମାଧାନ ପାଇଁ ପ୍ରଶାସନ ଚେଷ୍ଟା ଜାରି ରଖିଛ ବୋଲି ସେ କହିଛନ୍ତି।

# ପରିବେଶ ସୁରକ୍ଷା ପାଇଁ ଅଣ୍ଟା ଭିଡ଼ିଲେ ଛାତ୍ରଛାତ୍ରୀ




ଦାରିଙ୍ଗବାଡି, ୮।୭ (ଅରୁଣ ସାହୁ)

ପରିବେଶର ସୁରକ୍ଷା ପାଇଁ ଗଛ ନିହାତି ବଞ୍ଚିବା ଦରକାର। ଆସ ଆମେ ମା'ଙ୍କ ନାମରେ ଗଛଟିଏ ଲଗାଇବା। ନିଜ ମହାବିଦ୍ୟାଳୟ ପରିସର ମଧ୍ୟରେ ସୁନ୍ଦର ପରିବେଶ ସୃଷ୍ଟି କରିବା। ଏଭଳି ସଚେତନ କରାଇଛି ବ୍ରାହ୍ମଣୀଗାଁରେ ଥିବା ଜଙ୍ଗଲ, ପରିବେଶ ଓ ଜଳବାୟୁ ବିଭାଗ । ବିଭାଗ ବିଭିନ୍ନ ସ୍ଥାନରେ ଉଜୁଡିଯାଉଥିବା ଜଙ୍ଗଲରେ ବୃକ୍ଷ ରୋପଣ କରିଥିବା ବେଳେ ମଙ୍ଗଳବାର ବ୍ରାହ୍ମଣୀଗାଁଠାରେ ଥିବା ରଷିମାଳ ମହାବିଦ୍ୟାଳୟ ପରିସରରେ ମଧ୍ୟ ଛାତ୍ରୀଛାତ୍ରଙ୍କୁ ସଚେତନ କରାଇ ବିଭିନ୍ନ ପ୍ରକାର ଔଷଧୀୟ ବୃକ୍ଷ ସମେତ ଅନ୍ୟାନ୍ୟ ଫଳ ଚାରା ରୋପଣ କରିଛି। ବନାଞ୍ଚଳ ଅଧିକାରୀ ହରିହର ବେହେରାଙ୍କ ନେତୃତ୍ୱରେ ବନପାଳ ଯୋଗେଶ୍ୱର ଧାରୁଆ,ବନରକ୍ଷୀ ଶ୍ରୀରାମ ପଣ୍ଡା, ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼. ଭାସ୍କର ନାୟକ, ଇତିହାସ ବିଭାଗର ଅଧ୍ୟାପକ ତଥା ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଅକ୍ଷୟ ବେହେରଦଳାଇ, ଯୁଥ ରେଡ଼କ୍ରସର କାଉନସିଲର ସୁଜ୍ଞାନୀ ସାହୁ, ଅଧ୍ୟାପକ ଅମିତ ନାୟକ,କ୍ରିଷ୍ଣା କୁମାର ମାଝୀ, ବିମଳ ବାସ୍ତରାୟ ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ସଚେତନ କରିବା ସହ ମିଳିତ ଭାବେ ଚାରା ରୋପଣ କରିଥିଲେ।

# ସରିଲା ନବଦିନାତ୍ମକ ଯାତ୍ରା, ନୀଳାଦ୍ରି ବିଜେ କଲେ ମହାପ୍ରଭୁ

ପୁରୁଷୋତ୍ତମପୁର/ବାଲିଗୁଡା,୮।୭
(ସୀମାଞ୍ଚଳ ମିଶ୍ର/ ସଞ୍ଜୟ କୁମାର ପାଣିଗ୍ରାହୀ)

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ରଥସାହି ଜଗନ୍ନାଥ ମନ୍ଦିରରେ ଶ୍ରୀଜଗନ୍ନାଥଙ୍କ ନିଳାଦ୍ରୀବିଜେ ସୋମବାର ବିଳମ୍ବିତ ରାତିରେ ଶେଷ ହୋଇଛି। ଉପସ୍ଥିତ ଶ୍ରଦ୍ଧାଳୁଙ୍କ ହରିବୋଲ ହୁଳହୁଳି ସହ ବାଦ୍ୟ ବାଜଣାରେ ମନ୍ଦିର ପରିସର ପ୍ରକମ୍ପିତ ହୋଇଉଠିଥିଲା। କାଳିଆ ଠାକୁରଙ୍କୁ ରଥରୁ ଓହ୍ଲାଇ ପହଣ୍ଡିକରି ମନ୍ଦିରକୁ ଅଣାଯାଇଥିବା ବେଳେ ଅଭିମାନକରି ମହାଲକ୍ଷ୍ମୀ କବାଟ ପକାଇ ଦେଇଥିଲେ। ମାତ୍ର ଜଗନ୍ନାଥ ସରଗୋଲା ଦେଇ ମହାଲକ୍ଷ୍ମୀଙ୍କ ମାନଭଞ୍ଜନ କରିଥିଲେ। ବାଲିଗୁଡାରେ ମଧ୍ୟ ମହାପ୍ରଭୁଙ୍କ ଘୋଷଯାତ୍ରା ଶେଷ ହୋଇଛି। ସୋମବାର ରାତିରେ ନୀଳାଦ୍ରି ବିଜେ କରିଛନ୍ତି ନୀଳାଦ୍ରିନାଥ। ତେବେ ବଡଠାକୁର ଓ ମା' ସୁଭଦ୍ରା ମନ୍ଦିରକୁ ବିଜେ କରିବା ପରେ ମହାପ୍ରଭୁ ଆସିବା ବେଳେ ମହାଲକ୍ଷ୍ମୀ ଅଭିମାନରେ କାଳିଆ ଠାକୁରଙ୍କୁ କବାଟ ପକାଇ ଦେଇଥିଲେ। ଜଗନ୍ନାଥ ରସଗୋଲା ଦେଇ ମହାଲକ୍ଷ୍ମୀଙ୍କ ମାନଭଞ୍ଜନ କରିଥିଲେ। ପରେ ମହାପ୍ରଭୁ ରତ୍ନ ସଂହାସନକୁ ବିଜେ କରିଥିଲେ।

# ୧୪ ଦିନ ବିତିଲାଣି, ତଦନ୍ତରେ ଜାରି ରହିଛି ଶିଥିଳତା

## ଘଟଣାକୁ ଜାତୀୟ ଯୁବ କଂଗ୍ରେସ, କ୍ରାନ୍ତି ଯୁବ ଛାତ୍ର ସଂଘର ନିନ୍ଦା

ଛତ୍ରପୁର, ୮।୭(ସନ୍ତୋଷ ପାଢ଼ୀ)

ଗଞ୍ଜାମ ଜିଲା ଛତ୍ରପୁର ତାମ୍ପରା ନିକଟ ପ୍ରତିଭା ବିଜ୍ଞାନ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ ୨ ଦ୍ୱିତୀୟ ବର୍ଷ ବିଜ୍ଞାନ ଛାତ୍ର ତଥା କବିସୂର୍ଯ୍ୟନଗର ଥାନା ଝାଡ଼ବନ୍ଧର ଶୁଭମ ସ୍ୱାଇଁ (୧୭) ମୃତ୍ୟୁ ଘଟଣାକୁ ୧୪ ଦିନ ବିତିଗଲାଣି। ଏଯାଏ ଏହି ମୃତ୍ୟୁ ରହସ୍ୟ ଉପରୁ ପରଦା ଉଠିନି। ନିଖୋଜ ଶୁଭମଙ୍କ ପତ୍ତା ମିଳିବା ପରେ ପରିବାର ଲୋକେ ମୃତଦେହ ଚିହ୍ନଟ କରିଥିଲେ। ଏହି ଘଟଣାକୁ ଭାରତୀୟ ଜାତୀୟ ଯୁବ କଂଗ୍ରେସ ପକ୍ଷରୁ ନିନ୍ଦା କରାଯାଇଛି। ଘଟଣାର ତଦନ୍ତ ନ ହେବା, କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବା ନେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଓ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କୁ ଦଳ କର୍ମକର୍ତ୍ତା ଆକ୍ଷେପ କରି ସ୍କୁଲ ଓ କଲେଜରେ ଛାତ୍ରୀଛାତ୍ର ସୁରକ୍ଷିତ ନ ଥିବା ଅଭିଯୋଗ କରିଛନ୍ତି।

**ପ୍ରତିଭା କଲେଜ ଛାତ୍ର ମୃତ୍ୟୁ ଘଟଣା**

ଅନ୍ୟପକ୍ଷରେ ଓଡିଶା ଶିକ୍ଷା ବିଭାଗ , ଗଞ୍ଜାମ ଜିଲା ପ୍ରଶାସନ ଏବଂ ଗଞ୍ଜାମ ପୋଲିସ ପକ୍ଷରୁ ଏହାକୁ ଗୁରୁତର ସହ ନିଆଯାଇ ତଦନ୍ତ କରାଯାଉ ନ ଥିବା ଶୁଭମଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଯଦି ଶୁଭମଙ୍କୁ ହତ୍ୟା କରାଯାଇଛି ସେଥିରେ କେଉଁମାନେ ସମ୍ପୃକ୍ତ ଅଛନ୍ତି, ଯଦି ସେ ଆତ୍ମହତ୍ୟା କରିଛନ୍ତି ତେବେସେ କାହିଁକି ଆତ୍ମହତ୍ୟା କଲେ ତାହା କାରଣ ସ୍ପଷ୍ଟ କରିବାକୁ ପରିବାର ଲୋକେ ଦାବି କରିଛନ୍ତି। କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ନାୟକ ଶୁଭମଙ୍କ ପରିବାରକୁ ଭେଟି ସମାବେଦନା ଜଣାଇବା ସହ ପ୍ରତିଭା କଲେଜ କର୍ତ୍ତୃପକ୍ଷ ଏଥିପାଇଁ ଦାୟୀ ବୋଲି ସିଧାସଳଖ ଅଭିଯୋଗ କରିଛନ୍ତି। କ୍ରାନ୍ତି ଯୁବ ଛାତ୍ର ସଂଘ ପକ୍ଷରୁ ମଧ୍ୟ ଏହି ଘଟଣାର ଦୃଢ ନିନ୍ଦା କରାଯାଇଛି। ଏହାର ତଦନ୍ତ ଶିଥିଳ ହୋଇପଡିଥିବା ଅଭିଯୋଗ କରି ଉକ୍ତ କଲେଜକୁ ତଦନ୍ତ ପରିସରଭୁକ୍ତ କରିବାକୁ ସଂଘ ଦାବି କରିଛି।

# ଶୋଭାଯାତ୍ରାରେ ସଚେତନ କଲେ ଛାତ୍ରୀଛାତ୍ର

କବିସୂର୍ଯ୍ୟନଗର,୮।୭ (କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟନଗର ବ୍ଲକ ଅନ୍ତର୍ଗତ ବେଲପୁର ପ୍ରାଥମିକ ବିଦ୍ୟାଳୟରେ ବନମହୋତ୍ସବ ପାଳିତ ହୋଇଛି। ପ୍ରଧାନଶିକ୍ଷକ ଅଶୋକ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନେ ୩୦ଟି ଚାରା ରୋପଣ କରିଥିଲେ। ଶିକ୍ଷକ ବଂଶୀଧର ନାହାକ, କାଳୁଚରଣ ଭୂୟାଁ ସହଯୋଗ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ଏକ ଶୋଭାଯାତ୍ରାରେ ବେଲପୁର ଗ୍ରାମରେ ସଚେତନତା ବାର୍ତ୍ତା ବାଣ୍ଟିଥିଲେ। ବିଭିନ୍ନ ଚାରାରୋପଣର ଉପକାରିତା ସମ୍ପର୍କରେ ଗ୍ରାମବାସୀଙ୍କୁ ଅବଗତ କରାଇଥିଲେ। ବନମହୋତ୍ସବ ଶୀର୍ଷକରେ ଏକ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ଜବରଦଖଲରେ ବିଡିପୁର ୨୧ ନମ୍ବର ରାଜ୍ୟ ରାଜପଥ

## ପ୍ରଶାସନ ନୀରବ, ସମସ୍ୟା ଭୋଗୁଛନ୍ତି ଲୋକେ

ଜଗନ୍ନାଥ ପ୍ରସାଦ,୮।୭
(ବିଭୁ ପ୍ରସାଦ ପଟ୍ଟନାୟକ)

ଜଗନ୍ନାଥ ପ୍ରସାଦ ତହସିଲ ଅନ୍ତର୍ଗତ ବିଡିପୁର ବଜାର ଦେଇ ଯାଇଥିବା ୨୧ ନମ୍ବର ରାଜ୍ୟ ରାଜପଥ ଓ ଭଞ୍ଜନଗରଠାରୁ ଭୁବନେଶ୍ୱର ରୋଡକୁ କିଛି ସ୍ଥାନୀୟ ବ୍ୟବସାୟୀ ଜବରଦଖଲ କରି ନିଜ କବ୍‌ଜାରେ ରଖିଛନ୍ତି। ଫଳରେ ପଥଚାରୀମାନେ ଯାତାୟାତ ସମୟରେ ବହୁ ଅସୁବିଧା ଭୋଗୁଛନ୍ତି। ଅନେକ ସମୟରେ ଛୋଟବଡ଼ ଦୁର୍ଘଟଣା ଘଟୁଛି। ସହରରେ ଟ୍ରାଫିକ୍ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି।ଏଥିଯୋଗୁ ବହୁ ସମୟ ଧରି ରାସ୍ତାରେ ଗାଡିମୋଟର ଛିଡା ହୋଇରହୁଛି। ଏହାବ୍ୟତୀତ ବିଭିନ୍ନ ଦୋକାନକୁ ସଉଦାପତ୍ର କିଣିବାକୁ ଆସୁଥିବା ଲୋକେ ବାଇକ୍ ଓ କାର ପାର୍କିଂ ପାଇଁ ସ୍ଥାନ ନ ପାଇ ରୋଡ୍ ଉପରେ ରଖୁଛନ୍ତି। ଏପରି କି ରାସ୍ତାର ଉଭୟ ପାର୍ଶ୍ୱରେ ଯାତ୍ରୀବାହୀ ବସ୍ ପାର୍କିଂ ହେଉଛି। ବଜାର ଦେଇ ଯାଇଥିବା ଡ୍ରେନ ଉପରେ ବ୍ୟବସାୟୀମାନେ ଦୋକାନକୁ ବଢ଼ାଇଥିବାରୁ ଲୋକେ ରାସ୍ତା ଉପରେ ନିଜ ଗାଡି ରଖୁଛନ୍ତି। ରାସ୍ତା ଉପରେ ଅଟୋ ଷ୍ଟାଣ୍ଡ, ବିଶାଳ ଗଛ ଗଣ୍ଡି, ଘର ନିର୍ମାଣ ପାଇଁ ବାଲି, ଇଟା ପଡିରହିଥିବା ଦେଖିବାକୁ ମିଳୁଛି। କିଛି ମାସ ତଳେ ବିଳମ୍ବିତ ରାତିରେ ଏକ ବୋଲେରୋ ରାସ୍ତା ପାର୍ଶ୍ୱରେ ଥିବା ୩ଟି କାର ସହ ଦୁର୍ଘଟଣା ଘଟିଥିଲା। ପ୍ରଶାସନ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ। ଏ ସମ୍ପର୍କରେ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

# ଡ୍ରାଇଭର ସଂଘର ବିକ୍ଷୋଭ, ଷ୍ଟିଅରିଂ ଛାଡ଼ ଆନ୍ଦୋଳନ

ଦାରିଙ୍ଗବାଡି,୮।୭(ଅରୁଣ ସାହୁ)

ରାଜ୍ୟ ଡ୍ରାଇଭର ସଂଘର ଆହ୍ୱାନକ୍ରମେ ଦାରିଙ୍ଗବାଡି ଶାଖାର ଡ୍ରାଇଭରମାନେ ୭ ଦଫା ଦାବି ନେଇ ଷ୍ଟିଅରିଂ ଛାଡ଼ ଆନ୍ଦୋଳନ କରୁଛନ୍ତି। ଫଳରେ ଦାରିଙ୍ଗବାଡିରୁ ଫୁଲବାଣୀ, ବ୍ରହ୍ମପୁର, ବାଲିଗୁଡା, ରାଇକିଆ, ବ୍ରାହ୍ମଣୀଗାଁ, ମୋହନା, ଭଞ୍ଜନଗର ଆଦି ଅଞ୍ଚଳକୁ ଯାତ୍ରୀବାହୀ ବସ ବନ୍ଦ ରହିଥିବା ବେଳେ ଭାରୀଯାନ ଚଳାଚଳ ମଧ୍ୟ ବନ୍ଦ ହୋଇଯାଇଛି। କେବଳ ସରକାରୀ ବସ ଚଳାଚଳ ହେଉ। ସରକାରୀ ବସ ଡ୍ରାଇଭରଙ୍କୁ ମଧ୍ୟ ଷ୍ଟିଅରିଂ ଛାଡିବାକୁ ଦାରିଙ୍ଗବାଡି ସଂଘ ପକ୍ଷରୁ ନିବେଦନ କରାଯାଇଥିଲା। ଅଟୋ ଚାଳକଙ୍କୁ ଓଡିଶା ମୋଟର୍ସ ଟ୍ରାନ୍ସପୋର୍ଟ ଡ୍ରାଇଭର ଆଣ୍ଡ ୱାର୍କର୍ସ ୱେଲଫେୟାର ବୋର୍ଡରେ ସାମିଲ କରିବା, ଲୋକଙ୍କ



ଆକ୍ରୋଶରୁ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ ପ୍ରଣୟନ, ଗାଡିମୋଟର ଯାଞ୍ଚକୁ ପୋଲିସେ ପ୍ରଶାସନ ଦ୍ୱାରା ନ କରାଇବା,୬୦ବର୍ଷ ପରେ ପେନସନ ବ୍ୟବସ୍ଥା କରାଇବା ଆଦି ଦାବି ରହିଛି। ଆନ୍ଦୋଳନକାରୀ ଗାଡି ଚାଳକମାନେ ଦାରିଙ୍ଗବାଡି ଚାରିଛକ ଉପରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଦାରିଙ୍ଗବାଡି ଡ୍ରାଇଭର ସଂଘର ସଭାପତି ପ୍ରଭଞ୍ଜନ ନାୟକ, ଉପ ସଭାପତି ସନ୍ତୋଷ ଦିଗାଲ, ସମ୍ପାଦକ ରୁଦ୍ରଦେବ ମଲିକ, ଆଡମିନ ସଞ୍ଜୟ ମାଲବିଶୋଇ, ସଦସ୍ୟ ବିରଞ୍ଚି ବେହେରା ବାସୁଦେବ ନାୟକ, ସଞ୍ଜୟ ନାୟକ,ସମୀର ଦିଗାଲ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଶାନ୍ତିଶୃଙ୍ଖଳା ତଦାରଖ ପାଇଁ ଡିଏସପି କନକ କୁମାର ମାଝିଙ୍କ ନେତୃତ୍ୱରେ ପୋଲିସ ବାହିନୀ ଉପସ୍ଥିତ ଅଛନ୍ତି।

# ଶ୍ରୀଜଗନ୍ନାଥ ଉଭୟ ଶବର ସଂସ୍କୃତି ଓ ଆର୍ଯ୍ୟ ସଂସ୍କୃତି ସମନ୍ୱିତ ଦୈତ ସ୍ୱରୂପ

## 'ଶ୍ରୀଜଗନ୍ନାଥ ସଂସ୍କୃତି' ଶୀର୍ଷକ ଆଲୋଚନା ଚକ୍ର

ଛତ୍ରପୁର,୮।୭
(ସନ୍ତୋଷ ପାଢ଼ୀ/ଦିଲ୍ଲିପ ସାମଲ)

ଛତ୍ରପୁର ସରକାରୀ ବିଜ୍ଞାନ ମହାବିଦ୍ୟାଳୟ ଓ ଛତ୍ରପୁର ସାହିତ୍ୟ ସଂସଦ ମିଳିତ ଆନୁକୂଲ୍ୟରେ 'ଶ୍ରୀଜଗନ୍ନାଥ ସଂସ୍କୃତି' ଶୀର୍ଷକ ଆଲୋଚନା ଚକ୍ର ଓ ଶ୍ରୀଜଗନ୍ନାଥ ଆଧାରିତ କବିତା ପାଠୋତ୍ସବ ମହାବିଦ୍ୟାଳୟ ଶ୍ରେଣୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ଅଜୟ ତ୍ରିପାଠୀ ଆଲୋଚନାଚକ୍ରରେ ପୌରୋହିତ୍ୟ କରିଥିଲେ। ଶ୍ରୀଜଗନ୍ନାଥ ଉଭୟ ଶବର ସଂସ୍କୃତି ଓ ଆର୍ଯ୍ୟ ସଂସ୍କୃତି ସମନ୍ୱିତ ଦୈତ ସ୍ୱରୂପ ଓ ଦାରୁବ୍ରହ୍ମ ଅବତାରୀ ପୁରୁଷ । ପୃଥିବୀର ସମସ୍ତ ଧର୍ମ ଦର୍ଶନ ଓ ମତବାଦ ଶ୍ରୀଜଗନ୍ନାଥ ସଂସ୍କୃତିରେ ଏକୀଭୂତ ହୋଇଛି।




ସବୁ ଧର୍ମାଚାର୍ଯ୍ୟ ଓ ଧର୍ମ ମତାବଲମ୍ବୀ ଶ୍ରୀଜଗନ୍ନାଥ ସଂସ୍କୃତି ପାଖରେ ନିଜ ନିଜ ଧର୍ମୀୟ ସିଦ୍ଧାନ୍ତର ଉପଲବ୍ଧି କରିଛନ୍ତି । ସର୍ବରହସ୍ୟମୟ ଦେବତା ଶ୍ରୀଜଗନ୍ନାଥ ସମସ୍ତଙ୍କୁ କର ପ୍ରସାରି ଆପଣେଇ ନେଇଛନ୍ତି ବୋଲି ମୁଖ୍ୟଅତିଥି ରୂପେ ଯୋଗଦେଇ ବ୍ରହ୍ମପୁର ଆଞ୍ଚଳିକ ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟ ଉପ ନିର୍ଦ୍ଦେଶକ ଡକ୍ଟର୍ କୁଳମଣି ଓଝା ମତବ୍ୟକ୍ତ କରିଛନ୍ତି।

ଏହି ଆଲୋଚନାଚକ୍ରରେ ଉତ୍କଳ ବିଶ୍ୱବିଦ୍ୟାଳୟ ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ ପ୍ରାକ୍ତନ ପ୍ରଫେସର୍ ଡ. ଭି ରାଜେନ୍ଦ୍ର ରାଜୁ, ସୃଜନୀ ସାହିତ୍ୟ ସଂସଦ ସଭାପତି ଡ. ପ୍ରଶାନ୍ତ ଶତପଥୀ ଓ ଛତ୍ରପୁର ସାହିତ୍ୟ ସଂସଦ ସଂପାଦକ ଦିଲୀପ ପଲେଇ ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ନିଜ ମତ ରଖିଥିଲେ। ସ୍ନାତକୋତ୍ତର ଓଡ଼ିଆ ବିଭାଗ ଭାରପ୍ରାପ୍ତ ମୁଖ୍ୟା ଡ. ଶାନ୍ତିଲତା ବେହେରା ଅତିଥି ପରିଚୟ ଦେଇଥିଲେ। ଡ. ଶୁଚିସ୍ମିତା ବେହେରା ଧନ୍ୟବାଦ ଦେଇଥିଲେ। ଅପରାହ୍ଣରେ ଛତ୍ରପୁର ସାହିତ୍ୟ ସଂସଦ ସଂପାଦକଙ୍କ ସଭାପତିତ୍ୱରେ ଶ୍ରୀଜଗନ୍ନାଥ ଆଧାରିତ କବିତା ପାଠୋତ୍ସବ ହୋଇଥିଲା। ଏଥିରେ କବି ନୀଳକଣ୍ଠ ଦାସ ଓ ସୋମନାଥ ସାହୁ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । କବୟିତ୍ରୀ ଅଞ୍ଜନା ବେହେରା ଓ ରଜତ କୁମାରଙ୍କ ସଂଯୋଜନାରେ ୨୦ରୁ ଉର୍ଦ୍ଧ୍ୱ କବି କବିତା ପାଠ କରିଥିଲେ ।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ଅଭିନାଶ



@ ବଳରାମ



@ ଭାସ୍କର



@ ବିଶ୍ୱଜିତ୍

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଜଙ୍ଗଲ ଜମିରେ ୬୧.୬୦ କୋଟିର ପ୍ରକଳ୍ପ

## ୪ ସପ୍ତାହ ମଧ୍ୟରେ ଜବାବ ଦାଖଲ ପାଇଁ ଏନ୍‌ଜିଟିର ନିର୍ଦ୍ଦେଶ

**ଯାଜପୁର,୮।୭(ହର୍ଷବର୍ଦ୍ଧନ ବେହେରା) :**

ଯାଜପୁର ଜିଲା ସୁକିନ୍ଦା ଓ ଦାନଗଦି ବ୍ଲକ ଅଞ୍ଚଳରେ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଚଳିତ ସଂରକ୍ଷଣ ଏବଂ ସମ୍ବର୍ଦ୍ଧନ ତଥା ଜଙ୍ଗଲର ସୁରକ୍ଷା ଏବଂ ବୃଦ୍ଧି ଅଭିଯାନ-୨୦୨୩କୁ ଅଣଦେଖା କରାଯାଇଛି। ଏହା ବିରୋଧରେ ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ(ଏନ୍‌ଜିଟି)ରେ ୧୦୯/୨୦୨୫/ଇଜେଡ୍‌ରେ ଏକ ମାମଲା ରୁଜୁ ହୋଇଛି। ଉକ୍ତ ମାମଲା ଉପରେ ଏନ୍‌ଜିଟି ପକ୍ଷରୁ ଜଷ୍ଟିସ ବି. ଅମିତ ସ୍ଥାଲେକର ଏବଂ ଏକ୍ସପର୍ଟ ମେମ୍ବର ଅରୁଣ କୁମାର ବର୍ମାଙ୍କୁ ନେଇ ଗଠିତ ଖଣ୍ଡପୀଠ ୭।୭।୨୦୨୫ରେ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ସମେତ ଯାଜପୁର ଜିଲାପାଳ, ଦାନଗଦି ଓ ସୁକିନ୍ଦା ତହସିଲଦାର, କଟକ ଡିଏଫ୍‌ଓ, ଦାନଗଦି ଓ ସୁକିନ୍ଦା ବିଡିଓଙ୍କୁ ୪ ସପ୍ତାହ ମଧ୍ୟରେ ପାରା ଅନୁସାରେ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।



ଜଙ୍ଗଲ ଜମିରେ ଚାଲିଛି ଡିଏମ୍‌ଏଫ୍ ପ୍ରକଳ୍ପ।

ଏନ୍‌ଜିଟିରେ ହୋଇଥିବା ଅଭିଯୋଗ ଅନୁଯାୟୀ, ଖଣି ଓ ଶିଳ୍ପ ସମୃଦ୍ଧ ସୁକିନ୍ଦା ତଥା ଦାନଗଦି ଅଞ୍ଚଳରେ ଜଙ୍ଗଲ କିସମ ଜମିରେ ବିଭିନ୍ନ ପ୍ରାଥମିକ ସ୍କୁଲରେ ୧୪୦ଟି ଲେଖାଏ ଅତିରିକ୍ତ ଶ୍ରେଣୀଗୃହ, ନୂତନ ଶ୍ରେଣୀଗୃହ ଓ ଶୌଚାଳୟ, ୭୩ଟି ଲାଇବ୍ରେରୀ କକ୍ଷ ଇତ୍ୟାଦି ନିର୍ମାଣ କରାଯାଉଛି। ଜଙ୍ଗଲ ଓ ପରିବେଶ ବିଭାଗ ବିନା ଅନୁମତିରେ ସୁକିନ୍ଦା ଓ ଦାନଗଦି ବିଡିଓଙ୍କ ଦ୍ୱାରା ଜିଲା ଖଣିଜ ପ୍ରତିଷ୍ଠାନ(ଡିଏମ୍‌ଏଫ୍) ପାଣ୍ଠିରେ ଏହି ସବୁ କାର୍ଯ୍ୟ ଆରମ୍ଭ ହୋଇସାରିଛି। ସୁକିନ୍ଦା ବ୍ଲକରେ ନୂତନ କକ୍ଷ ନିର୍ମାଣ ପାଇଁ ଡିଏମ୍‌ଏଫ୍ ପାଣ୍ଠିରୁ ୧୩ କୋଟି ୨୦ ଲକ୍ଷ ଟଙ୍କା ଓ ଦାନଗଦି ବ୍ଲକରେ ୧୪ କୋଟି ଟଙ୍କା ମଞ୍ଜୁର ହୋଇଛି। ସେହିପରି ଦାନଗଦି ବ୍ଲକରେ ଲାଇବ୍ରେରୀ କକ୍ଷ ପାଇଁ ୭ କୋଟି ୩୦ ଲକ୍ଷ ଟଙ୍କା ଓ ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ ପାଇଁ ୧୪ କୋଟି ଟଙ୍କା ଏବଂ ସୁକିନ୍ଦା ବ୍ଲକରେ ଅତିରିକ୍ତ ଶ୍ରେଣୀ ଗୃହ ପାଇଁ ୧୩ କୋଟି ୧୦ ଲକ୍ଷ ଟଙ୍କା ଭାବେ ସମୁଦାୟ ୬୧ କୋଟି ୬୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ସାବକ ଜଙ୍ଗଲ ଜମି ଏବଂ ହାଲ୍ ଜଙ୍ଗଲ ଜମିରେ ଉପରୋକ୍ତ ପ୍ରକଳ୍ପଗୁଡିକ ନିର୍ମାଣ କରିବାକୁ ଯାଜପୁର ଜିଲାପାଳ ତଥା ଡିଏମ୍‌ଏଫ୍‌ର ମ୍ୟାନେଜିଂ ଟ୍ରଷ୍ଟି ଅର୍ଥ ମଞ୍ଜୁର କରିଛନ୍ତି। ଏହି କ୍ରମରେ ଅଭିଯୋଗକାରୀ କୈଳାସ ଚନ୍ଦ୍ର ନାୟକ ୩୦।୩।୨୦୨୫ରେ ବିନା ପରିବେଶ ମଞ୍ଜୁରୀରେ ନିର୍ମାଣ କାର୍ଯ୍ୟ ଚାଲିଛି ବୋଲି ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏପରି କି ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗର ଉପସଚିବ ୯।୪।୨୦୨୫ରେ ଉକ୍ତ ଅଭିଯୋଗ ଉପରେ ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରିନ୍ସିପାଲ ଚିଫ୍ କଞ୍ଜରଭେଟରଙ୍କୁ ପତ୍ର ଲେଖିଥିଲେ। କିନ୍ତୁ ଏଯାଏ ଜଙ୍ଗଲ ଜମିରେ ବେଆଇନ ନିର୍ମାଣ କାର୍ଯ୍ୟ ଉପରେ କୌଣସି ପଦକ୍ଷେପ ଗ୍ରହଣ କରାଗଲା ନାହିଁ। ଏହିସବୁ ଅଭିଯୋଗକୁ ଗ୍ରହଣ କରି ଏନ୍‌ଜିଟି ପକ୍ଷରୁ ମାମଲା ରୁଜୁ ହେବା ସହ ସଂପୃକ୍ତ ଅଧିକାରୀମାନେ କାଉଣ୍ଟର ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ହୋଇଛି। ଏହାସହ ୨୫।୮।୨୦୨୫ରେ ପରବର୍ତ୍ତୀ ଶୁଣାଣି କରାଯିବ ବୋଲି ସମୟ ଧାର୍ଯ୍ୟ କରାଯାଇଛି।

# ରଥ ଉପରେ ଶ୍ରୀଜୀଉଙ୍କ ରଘୁନାଥ ବେଶ

## ଅଧରପଣା ନୀତି ପରେ ମନ୍ଦିରକୁ ଫେରିଲେ ୩ ଠାକୁର



ରଘୁନାଥ ବେଶରେ ସଜ୍ଜିତ ଶ୍ରୀଜୀଉ।

